ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ଅକ୍ଟୋବର ୨୪/୨୦୨୦ (୧୬ ପୃଷ୍ଠା) | Berhampur, Saturday, October 24/2020 | ★★★
୧୬ଶ ଭାଗ ୧୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



**'ରାଧେ ଶ୍ୟାମ' ର ମୋଶନ ଭିଡିଓ ରିଲିଜ୍**
ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ରାଧେ ଶ୍ୟାମ'ର ମୋଶନ ଭିଡିଓ ରିଲିଜ ହୋଇଛି। ଭିଡିଓରେ ପ୍ରଭାସଙ୍କ ସହ ଅଭିନେତ୍ରୀ ପୂଜା ହେଗଡେଙ୍କୁ ଦେଖିବାକୁ ମିଳିଛି। ୧୨

୧୬ **କପିଳ ଦେବଙ୍କୁ ହୃଦ୍‌ଘାତ**
ହୃଦ୍‌ଘାତର ଶିକାର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଭାରତର ପ୍ରଥମ ବିଶ୍ୱକପ୍ ବିଜୟୀ କ୍ରିକେଟ ଅଧିନାୟକ କପିଳ ଦେବ।



# ଭାକ୍ସିନ ନେଇ ୩୨ ମୃତ

**ସିଓଲ୍, ୨୩।୧୦**

ଦକ୍ଷିଣ କୋରିଆରେ ଫ୍ଲୁଜନିତ ସ୍ୱାସ୍ଥ୍ୟ ସଙ୍କଟ ଦୂର କରିବା ପାଇଁ ସରକାର ଟିକାକରଣ କାର୍ଯ୍ୟକ୍ରମ ଚଳାଇଥିବାବେଳେ ଆଉ ଏକ ବିପଦ ମାଡ଼ିଆସିଛି। 'କୋଭିଡ୍-୧୯' ଏବଂ 'ଇନ୍‌ଫ୍ଲୁଏଞ୍ଜା'କୁ ଦେଶରେ 'ଟ୍ୱିନଡେମିକ୍' ବା ଯାଁଳା ମହାମାରୀ ବୋଲି ଅଭିହିତ କରାଯାଉଛି। ଏହି ଟ୍ୱିନଡେମିକ୍‌ର ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ପାଇଁ ଭାକ୍ସିନ ଦିଆଯାଉଛି। ଉକ୍ତ ଭାକ୍ସିନ ନେଇ ଅଦ୍ୟାବଧି ୩୨ ଜଣଙ୍କ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷେ ଦକ୍ଷିଣ କୋରିଆର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଟିକା ଯୋଗୁ ଲୋକଙ୍କ ଜୀବନ ଯାଉଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଭାକ୍ସିନେଶନ ପ୍ରୋଗ୍ରାମ ଜାରି ରହିବ ବୋଲି ସ୍ପଷ୍ଟ କରିଛି। ପ୍ରଧାନମନ୍ତ୍ରୀ ଚୁଙ୍ଗ୍ ସେ୍ୟ-କ୍ୟୁନ୍ ଶୁକ୍ରବାର ଭାକ୍ସିନ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଦକ୍ଷିଣ କୋରିଆରେ ଗତ ମାସରୁ ମାଗଣା ଟିକାକରଣ କାର୍ଯ୍ୟକ୍ରମ ଚାଲିଛି। ଦେଶର ମୋଟ ଜନସଂଖ୍ୟା ୫୨ ନିୟୁତ ହୋଇଥିବାବେଳେ ୩୦ ନିୟୁତ ଯୋଗ୍ୟ ଲୋକ (ସ୍ୱଳ୍ପ ବୟସ୍କ ଓ ବୃଦ୍ଧ)ଙ୍କୁ ଏହି ଟିକା ବିନା ମୂଲ୍ୟରେ ଦିଆଯିବା ପାଇଁ ସ୍ଥିର କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୩ ନିୟୁତ ଲୋକ ଏହି ଟିକା ନେଇସାରିଲେଣି ବୋଲି କୋରିଆ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ଏଜେନ୍ସି ପକ୍ଷରୁ କୁହାଯାଇଛି। ଘରୋଇ ଟିକା ପ୍ରସ୍ତୁତକାରୀ କମ୍ପାନୀ ଜିସି ଫାର୍ମା, ଏସ୍‌କେ ☞ପୃଷ୍ଠା-୪



- ଅଭିଯୋଗକୁ ଦକ୍ଷିଣ କୋରିଆ ସରକାରଙ୍କ ଖଣ୍ଡନ
- କହିଲେ ମାଗଣା ଟିକାକରଣ ଜାରି ରହିବ
- ତଦନ୍ତ ନିର୍ଦ୍ଦେଶ ଦେଲେ ପ୍ରଧାନମନ୍ତ୍ରୀ

## ଟିକା ଲାଗି ସ୍ୱାସ୍ଥ୍ୟକର୍ମୀଙ୍କ ଡାଟାବେସ୍ ପ୍ରସ୍ତୁତ କର

**ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ**

**ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)**

କୋଭିଡ୍-୧୯ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଛି। ଏଥିରୁ ମୁକ୍ତି ପାଇବା ପାଇଁ ଟିକାର ବିକାଶ ପ୍ରକ୍ରିୟା ମଧ୍ୟ ଜୋରଦାର ଚାଲିଛି। ଖୁବ୍‌ଶୀଘ୍ର ଟିକା ମିଳିବା ନେଇ ଆଶା ସଞ୍ଚାର ହୋଇଛି। ପ୍ରଥମେ ଏହି ଟିକା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଦିଆଯିବ। ଏନେଇ ସରକାରୀ ଓ ଘରୋଇ ଡାକ୍ତରଖାନାରେ କାର୍ଯ୍ୟରତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଏକ ଡାଟାବେସ (ତାଲିକା)ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଟିକାକରଣ ପାଇଁ ସ୍ୱାସ୍ଥ୍ୟସେବା କର୍ମୀ ☞ପୃଷ୍ଠା-୪

**ଶାରଦୀୟ ଅଭିନନ୍ଦନ**
**ଆଜି ମହାଷ୍ଟମୀ:** ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

**ଆଜିର ସମ୍ପାଦକୀୟ**
ବାବୁଙ୍କ ଦ୍ୱିତୀୟ ପାଳି




# ୧୫ ଦିନରେ ବଢ଼ିଲାଣି ୪୦ ଟଙ୍କା

**ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ)**

ପିଆଜ ଦର ବୃଦ୍ଧି ଗରିବ, ନିମ୍ନ ମଧ୍ୟବିତ୍ତ ପରିବାର ମୁଣ୍ଡରେ ଚଡ଼କ ପକାଇଛି। ପ୍ରତ୍ୟେକ ଦିନ ଦର ବଢ଼ି ବଢ଼ି ଚାଲିଛି। ରାଜ୍ୟର ଅନେକ ସ୍ଥାନରେ ଏହାର ଖୁଚୁରା ଦର ୮୦ ଟଙ୍କା ଛୁଇଁଲାଣି। ଛୋଟ ପିଆଜ ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଉନ୍ନତମାନର ପିଆଜ କେ.ଜି. ପିଛା ମୂଲ୍ୟ ୨୦ ଟଙ୍କା ଥିଲା। ଅକ୍ଟୋବର ୨୩ ବେଳକୁ କିଲୋ ପ୍ରତି ୬୦ ଟଙ୍କା ବୃଦ୍ଧି ହୋଇଛି। ବିଶେଷ କରି ଗତ ୧୫ ମଧ୍ୟରେ ୪୦ ଟଙ୍କା ବଢ଼ିଛି। ଆଗାମୀ ଦିନରେ ଏହା ଆହୁରି ବଢ଼ିପାରେ। ଘର ଖର୍ଚ୍ଚ ପାଇଁ ଗ୍ରାହକମାନଙ୍କୁ କିଲେ ଜାଗାରେ ଅଢେଇଶହରେ କାମ ଚଳାଇବାକୁ ପଡୁଛି। ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହ ଯାଏ ବଜାରରେ ପିଆଜ ଦର କମିବା ଆଶା କ୍ଷୀଣ ବୋଲି ପିଆଜ ଆମଦାନୀ କରୁଥିବା ବ୍ୟବସାୟୀମାନେ କହିଲେଣି। ଏହି ଦରବୃଦ୍ଧିକୁ ନେଇ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି।

ପିଆଜ କଳାବଜାର ଉପରେ ଅଙ୍କୁଶ ଲଗାଇବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଜିଲାପାଳଙ୍କୁ ଚିଠି ଲେଖିଛି। ନିୟମିତ ଷ୍ଟକ ଯାଞ୍ଚ କରିବା ସହ କଳାବଜାରକାରୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଆସନ୍ତା ଡିସେମ୍ବର ୩୧ ଯାଏ ପିଆଜ ଗଚ୍ଛିତ ଉପରେ ଅଙ୍କୁଶ ଲଗାଇଛନ୍ତି। ଏଣିକି ☞ପୃଷ୍ଠା-୪

**ପିଆଜ ଚିନ୍ତା**
- ଦୀପାବଳି ପୂର୍ବରୁ ଦର କମିବା ଆଶା କ୍ଷୀଣ
- ମୂଲ୍ୟ ନିୟନ୍ତ୍ରଣ ଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ
- ଷ୍ଟକ୍ ଉପରେ ନିୟନ୍ତ୍ରଣ ଲଗାଇଲା କେନ୍ଦ୍ର

**ପିଆଜ କେଜି ୮୦ ଟଙ୍କା**




**କେଉଁଠି କେତେ**

| | |
|---|---|
| ଭୁବନେଶ୍ୱର | ୮୦ |
| କଟକ | ୭୦ |
| ରାୟଗଡ଼ା | ୮୦ |
| ମାଲକାନଗିରି | ୮୦ |
| କୋରାପୁଟ | ୮୦ |
| ନବରଙ୍ଗପୁର | ୬୦ |
| ଯାଜପୁର ରୋଡ | ୮୦ |
| କେନ୍ଦ୍ରାପଡ଼ା | ୬୦ |
| ନୟାଗଡ | ୭୦ |
| ବ୍ରହ୍ମପୁର | ୮୦ |
| ଅନୁଗୋଳ | ୭୫ |
| ଢେଙ୍କାନାଳ | ୮୦ |
| ଝାରସୁଗୁଡା | ୮୦ |
| ଜଗତସିଂହପୁର | ୮୦ |
| ବାରିପଦା | ୮୦ |
| ପୁରୀ | ୮୦ |
| ସମ୍ବଲପୁର | ୮୦ |

"ପବିତ୍ର ବିଜୟା ଦଶମୀ – ୨୦୨୦"
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟର ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର କାର୍ଯ୍ୟ କରନ୍ତୁ ବୋଲି ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
DADLS-58
OIPR-15001/13/0094/2021

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପୂଜା ଅଭିନନ୍ଦନ

ମାତୃଶକ୍ତିର ଆରାଧନା ଆମ ସଂସ୍କୃତିର ଅନନ୍ୟ ବିଭବ । ଆଶ୍ୱିନରେ ମା'ଙ୍କର ଧରାବତରଣ ଚାରିଆଡେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି । ପବିତ୍ର ଦଶହରା ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷ କରୋନା ମହାମାରୀ ସାରା ବିଶ୍ୱରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି । ସମସ୍ତଙ୍କ ମିଳିତ ଉଦ୍ୟମରେ ରାଜ୍ୟରେ ସଂକ୍ରମଣ ନିମ୍ନଗାମୀ ହେଉଥିଲେ ମଧ୍ୟ ପାର୍ବଣ ଋତୁରେ ଆମକୁ ସଂପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବାକୁ ହେବ ।

ତେଣୁ ଚଳିତ ବର୍ଷ ନିରାଡମ୍ବର ଭାବରେ ମା'ଙ୍କ ପୂଜା କରିବା ସହିତ ଭିଡ ନ କରିବା, ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଆଦି ନିୟମାବଳୀକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ।

ସଂପୂର୍ଣ୍ଣ ସାବଧାନତା ସହିତ ନିରାଡମ୍ବର ପୂଜା ହିଁ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା
DADLS-58
OIPR-15001/13/0094/2021

ଶାରଦୀୟ ଦୁର୍ଗାପୂଜା–୨୦୨୦
ଅବସରରେ ବାର୍ତ୍ତା

ପବିତ୍ର ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପ୍ରତି କରୋନା ମହାମାରୀର ମୁକାବିଲା ପାଇଁ ଜାରି ହୋଇଥିବା କଟକଣା ମଧ୍ୟରେ ଚଳିତ ବର୍ଷର ଶାରଦୀୟ ଉତ୍ସବ ଓ ଜଗଜ୍ଜନନୀ ମା' ଦୁର୍ଗାଙ୍କର ପୂଜାର୍ଚ୍ଚନାର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ମା' ଦୁର୍ଗାଙ୍କର ଧରାବତରଣକୁ ଆପଣମାନେ କରୋନା କଟକଣା ମାନି ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

ସଂସାରରୁ କରୋନା ଭୂତାସୁର ବିନାଶ ହୋଇ ସ୍ୱାଭାବିକ ଓ ପୂର୍ବବତ୍ ଚଳଚଞ୍ଚଳ ଜୀବନଯାପନ ଫେରାଇ ଆଣିବା ପାଇଁ ଦୁର୍ଗତିନାଶିନୀ, ଶକ୍ତି ପ୍ରଦାୟିନୀ ମା' ଦୁର୍ଗା ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ, ସହାୟ ହୁଅନ୍ତୁ, ଏହାହିଁ ମୋର କାମନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ
DADLS-58
OIPR-15001/13/0094/2021



ଶୁକ୍ରବାର କଟକ ମଙ୍ଗଳାବାଗ ପୂଜାମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା।

# ୬ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

## ଓଡ଼ିଶା ସମେତ ୧୬ ରାଜ୍ୟ, ୨ କେନ୍ଦ୍ରଶାସିତ ଅଞ୍ଚଳ ସାମିଲ

ନୂଆଦିଲ୍ଲୀ,୨୩।୧୦

ଜିଏସ୍‌ଟି କ୍ଷତିପୂରଣ ନିଅଣ୍ଟ ରାଶି ଭରଣା ଲାଗି କେନ୍ଦ୍ର ସରକାର ଓଡ଼ିଶା ସମେତ ୧୬ ରାଜ୍ୟ ଏବଂ ୨ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ରାଶିକୁ ସରକାର ଋଣ କରି ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ରାଶିର ପ୍ରଥମ କିସ୍ତି ଭାବେ ଏହି ରାଶି ଓଡ଼ିଶା, ମହାରାଷ୍ଟ୍ର, ଗୁଜରାଟ, ବିହାର, ଆସାମ, ଦିଲ୍ଲୀ, ଜମ୍ମୁ-କଶ୍ମୀର ଭଳି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଲାଭ କରିଥିବା ଜଣାପଡ଼ିଛି। କ୍ଷତିପୂରଣ ରାଶି କେନ୍ଦ୍ର ଋଣ କରି ରାଜ୍ୟକୁ ପ୍ରଦାନ କରୁ ବୋଲି ବିରୋଧୀ ରାଜ୍ୟଗୁଡିକ ଦାବି କରିଥିଲେ। ଏହାପରେ କେନ୍ଦ୍ର ଏଭଳି ପଦକ୍ଷେପ ଗ୍ରହଣ କରିଛି। ୧.୧ ଲକ୍ଷ କୋଟି ଟଙ୍କା ଋଣ କରାଯାଇ ରାଜ୍ୟଗୁଡିକୁ ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। କେନ୍ଦ୍ର ସରକାର ଏଥିଲାଗି ସ୍ୱତନ୍ତ୍ର ୱିଣ୍ଡୋ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସେହିଭଳି ୨୧ ରାଜ୍ୟ, ୨ କେନ୍ଦ୍ର ଶାସିତ ଅଞ୍ଚଳ ସ୍ୱତନ୍ତ୍ର ୱିଣ୍ଡୋ ସହ ନିଜସ୍ୱ ଋଣ ଉଠାଣ ବ୍ୟବସ୍ଥା ସପକ୍ଷରେ ଯାଇଛନ୍ତି। ୫ ରାଜ୍ୟରେ ଜିଏସ୍‌ଟି କ୍ଷତିପୂରଣ ସମସ୍ୟା ନାହିଁ ବୋଲି ଜଣାପଡ଼ିଛି।

ଅନ୍ୟ ରାଜ୍ୟ ମଧ୍ୟରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ତ୍ରିପୁରା,ତାମିଲନାଡୁ, ମେଘାଳୟ, ମଧ୍ୟପ୍ରଦେଶ, କର୍ନାଟକ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ହରିୟାଣା, ଗୋଆ, ଆନ୍ଧ୍ରପ୍ରଦେଶ ପ୍ରମୁଖ ରହିଛନ୍ତି। ୩ରୁ ୫ ବର୍ଷ ଅବଧି ଲାଗି ୫.୧୯% ହାରରେ କେନ୍ଦ୍ର ଋଣ କରିବା ସହ ପ୍ରତି ସପ୍ତାହରେ ୬ ହଜାର କୋଟି ଟଙ୍କା ରାଜ୍ୟଗୁଡିକୁ ଦେବାକୁ କେନ୍ଦ୍ରର ଯୋଜନା ରହିଛି। ଏହା ବିତ୍ତୀୟ ନିଅଣ୍ଟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି। ପ୍ରଦାନ କରାଯାଇଥିବା ଅର୍ଥ ରାଶିକୁ ରାଜ୍ୟଗୁଡିକର ପୁଞ୍ଜି ଲାଭ ହିସାବରେ ଦର୍ଶାଯିବ। ଅଗଷ୍ଟ ମାସରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୨ଟି ବିକଳ୍ପ ପ୍ରଦାନ କରିଥିଲେ। ରିଜର୍ଭ ବ୍ୟାଙ୍କର ସ୍ପେଶାଲ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ୨.୩୫ ଲକ୍ଷ କୋଟି ଟଙ୍କାର ବଜାର ଋଣ ଏହା ମଧ୍ୟରେ ସାମିଲ ରହିଥିଲା। ଏହି ବିକଳ୍ପଗୁଡିକୁ ୧.୧୦ ଲକ୍ଷ କୋଟି ଏବଂ ୧.୮ ଲକ୍ଷ କୋଟି ଟଙ୍କାକୁ ପରିବର୍ତ୍ତନ କରାଯାଇଛି।

# ୧୨୦୦ ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

- ରାଜ୍ୟରେ ଦୈନିକ ସଂକ୍ରମଣ ହାର ୪.୪%
- ଆଉ ୧,୭୯୩ ଚିହ୍ନଟ
- ୧୮ ମୃତ



ରାଜ୍ୟରେ କରୋନା ମୃତ୍ୟୁ ହୁହୁ ହୋଇ ବଢୁଛି। ଶେଷ ୨୪ ଘଣ୍ଟାରେ ଆଉ ୧୮ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ଅନୁଗୋଳ ଓ ଗଜପତିରୁ ୩ଜଣ ଲେଖାଏ ଥିବାବେଳେ ମୟୂରଭଞ୍ଜ ଓ ଯାଜପୁରରୁ ୨ଜଣ ଲେଖାଏ, ପୁରୀ, ନବରଙ୍ଗପୁର, ଭଦ୍ରକ, ଢେଙ୍କାନାଳ, ମାଲକାନଗିରିରୁ ଜଣେ ଲେଖାଏ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୨୧୪କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ କରୋନା ସଂକ୍ରମଣ ଏବେ ତଳମୁହାଁ ହୋଇଛି। ଦୈନିକ ସଂକ୍ରମଣ ଲଗାତାର ୫ଦିନ ହେବ ୨ହଜାର ତଳେ ରହୁଛି। ଫଳରେ ଏହି ହାର ୪.୪%କୁ ଖସି ଆସିଛି। ଶେଷ ଦିନକରେ ୪୦,୭୩୩ ନମୁନା ପରୀକ୍ଷା ହୋଇଥିବାବେଳେ ୧,୭୯୩ ରିପୋର୍ଟ ପଜିଟିଭ୍ ଆସିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୦୮ଜଣ ଚିହ୍ନଟ ଥିବାବେଳେ କଟକ ୧୬୦, ଅନୁଗୋଳ ୧୦୭, ମୟୂରଭଞ୍ଜରୁ ଆଉ ୧୦୪ଜଣ ଆକ୍ରାନ୍ତ ହୋଇଛନ୍ତି। ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ବୌଦ୍ଧ ଜିଲାରେ ସର୍ବନିମ୍ନ ୪ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୭୭,୮୭ରେ ପହଞ୍ଚିଛି। ରାଜ୍ୟରେ ଏଯାବତ୍ ୪୨,୪୦,୨୪୧ ନମୁନା ପରୀକ୍ଷା ହୋଇଥିବାବେଳେ ୬.୫୫% ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

# ସରକାରଙ୍କ ସହାୟତାରେ ପ୍ରଶାସନ ବାଧକ



ସରକାରୀ ସହାୟତା ଅପେକ୍ଷାରେ ବରୀ ବ୍ଲକ ବାଲିବିଲ ଗ୍ରାମର ବନ୍ୟାବିପନ୍ନ ମାଧବ ମଲ୍ଲିକ।

ଯାଜପୁର ଅଫିସ,୨୩।୧୦

- ଅଗଷ୍ଟରେ ହୋଇଥିଲା ପ୍ରଳୟଙ୍କରୀ ବନ୍ୟା
- ବିପନ୍ନଙ୍କୁ ମିଳିଲାନି ଘରଭଙ୍ଗା ସାହାଯ୍ୟ
- ୨୬ ଜିଲା ପାଇଁ ଦିଆଯାଇଛି ୫୦ କୋଟି ଟଙ୍କା
- ଯାଜପୁର ଜିଲାକୁ ସର୍ବାଧିକ ୩୧ କୋଟି

ଗତ ଅଗଷ୍ଟରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାକୁ ୨ ମାସ ପୂରିବାକୁ ଯାଉଛି। ବିପର୍ଯ୍ୟୟ ପରିଚାଳନା ଆଇନ(ଡିଏମ୍‌ଏ)-୨୦୦୫ର ରାଜ୍ୟ ନିର୍ବାହୀ କମିଟି ବୈଠକରେ ଘରଭଙ୍ଗା ଅଗ୍ରିମ ବାବଦକୁ ୨୬ ଜିଲାକୁ ୫୦ କୋଟି ଟଙ୍କା ଆବଣ୍ଟିତ ହୋଇସାରିଛି। ଏହାବାଦ୍ କପଡ଼ା ଓ ବାସନକୁସନ ପାଇଁ ଯଥାକ୍ରମେ ୧୨,୫୨,୮୦୦ ଟଙ୍କା ଏବଂ ୧୩,୯୨,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ଯାଜପୁର ଜିଲାକୁ ସର୍ବାଧିକ ଘରଭଙ୍ଗା ଅଗ୍ରିମ ବାବଦକୁ ୩୨ କୋଟି ୧ ଲକ୍ଷ ୪୨ ହଜାର ୬୦୦ ଟଙ୍କା, କପଡା ବାବଦକୁ ୮ ଲକ୍ଷ ୨୬ ହଜାର ୨୦୦ ଟଙ୍କା ଏବଂ ବାସନକୁସନ ବାବଦକୁ ୯ ଲକ୍ଷ ୧୮ ହଜାର ଟଙ୍କା ମିଳିଛି। କିନ୍ତୁ ବିଡ଼ମ୍ବନା ଯେ, ଘର ହରାଇଥିବା ଲୋକ ଏଯାଏ ଘର ନିର୍ମାଣ ପାଇଁ ଅଗ୍ରିମ ବାବଦକୁ ଟଙ୍କାଟିଏ ବି ପାଇ ନାହାନ୍ତି। ଲୋକ ସେବା ପାଇଁ ପ୍ରଶାସନ ପକ୍ଷରୁ କେବଳ ତାଲିକା ପ୍ରସ୍ତୁତ କରାଯାଇ ଦାୟିତ୍ୱ ସମ୍ପାଦନ କରାଯାଇଛି ବୋଲି ବନ୍ୟା ପ୍ରଭାବିତମାନେ ପ୍ରକାଶ କରିଛନ୍ତି।

ସରକାରଙ୍କ ତଥ୍ୟ ଅନୁଯାୟୀ, ୨୭ ଜିଲାର ୨୦୮ ବ୍ଲକର ୧୦,୩୫୦ ଗ୍ରାମ ଓ ୩୦ ସହରାଞ୍ଚଳର ପାଖାପାଖି ୩୮.୯୦ ଲକ୍ଷ ଲୋକ ଗତ ଅଗଷ୍ଟ ବନ୍ୟାରେ ପ୍ରଭାବିତ ହୋଇଥିଲେ। ଏଥିରେ ଗୁହାଳ ସହ ୭୮,୧୩୭ ଘର କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧ ଲକ୍ଷ ୭୩ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଇଛି। ଗତ ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଘରଭଙ୍ଗା ଅଗ୍ରିମ, କପଡ଼ା ଓ ବାସନକୁସନ ପାଇଁ ଉପରୋକ୍ତ ଟଙ୍କାର ସହାୟତା ପ୍ରଦାନ କରାଯାଇଛି ବୋଲି ଉକ୍ତ ବୈଠକର ବିବରଣୀରେ ଦର୍ଶାଯାଇଛି। କିନ୍ତୁ ଯାଜପୁର ଜିଲାର ୧,୯୭,୫୨୧ ଜଣ ବନ୍ୟା ପ୍ରଭାବିତ ଲୋକଙ୍କୁ ୫୦୦ ଟଙ୍କା ଲେଖାଏ ସହାୟତା ଏବଂ ୯୮,୭୬୦ କୁଇଣ୍ଟାଲ ଚାଉଳକୁ ବାଦ୍ ଦେଲେ ଅନ୍ୟ କୌଣସି ରିଲିଫ୍ ମିଳିନାହିଁ ବୋଲି ଜଣାପଡିଛି। ଜିଲାର ୨୫୮ ପଞ୍ଚାୟତର ୧୨୪୪ ଗ୍ରାମ ଓ ଯାଜପୁର ପୌରାଞ୍ଚଳ ପ୍ରଭାବିତ ହୋଇଥିଲା। ୮୨୦ ଗ୍ରାମ ଜଳବନ୍ଦୀ ହୋଇଥିଲାବେଳେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ୨ ପକ୍କା ଘର ସମ୍ପୂର୍ଣ୍ଣ ଭାବେ, ୧୭୦୮ ପକ୍କା ଘର ଅଧିକ ମାତ୍ରାରେ, ୩୧୯ ପକ୍କା ଘର ଆଂଶିକ ଭାବେ, ୨୧,୧୧୬ କଚ୍ଚା ଘର ଆଂଶିକ ଭାବେ, ୩୪୪୧ କୁଡିଆ ଓ ୧୪,୮୯୦ ଗୁହାଳ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷତିଗ୍ରସ୍ତ ପରିବାର ଏଯାଏ ମୁଣ୍ଡ ଗୁଞ୍ଜିବାକୁ ରାହା ଖୋଜୁଛନ୍ତି। ଲୋକଙ୍କ ସେବା ପାଇଁ ସରକାରୀ ତହବିଲରୁ ଘରଭଙ୍ଗା ଅଗ୍ରିମ ବାବଦକୁ ଯାଜପୁର ଜିଲା ପାଇଁ ୩୨ କୋଟି ଟଙ୍କା ଆସିଛି। କିନ୍ତୁ ଏହି ଟଙ୍କା ବିପନ୍ନଙ୍କ ନିକଟକୁ ପହଞ୍ଚି ନ ପାରିବା ଦୁର୍ଭାଗ୍ୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅଧିକାରୀ ଓ କର୍ମଚାରୀମାନେ ଅସହାୟଙ୍କ ଦୁଃଖ ପ୍ରତି ସାମାନ୍ୟତମ ସମ୍ବେଦନ ନ ଥିବା ଏଥିରୁ ମନେହେଉଛି। ଏ ସଂକ୍ରାନ୍ତରେ ଉପଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୨୨,୬୫,୫୩୯ | ୧୧,୪୬,୧୧୧ | ୩,୧୩,୨୭,୦୫୦ |
| ଭାରତ | ୭୮,୧୦,୧୧୪ | ୧,୧୭,୯୦୧ | ୭୦,୦୮,୯୪୨ |
| ଓଡ଼ିଶା | ୨,୭୭,୮୮୨ | ୧୨୧୪(+୫୩) | ୨,୫୯,୪୧୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୁଅକୁ ପଥରରେ ଛେଚି ମାରିଲେ ବାପା


ଗ୍ରାମବାସୀଙ୍କ ଦ୍ୱାରା ବନ୍ଧା ହୋଇଥିବା ଅଭିଯୁକ୍ତ।

**ବାରିପଦା ଅଫିସ,୨୩।୧୦**

ରାଗ ସମ୍ଭାଳି ନ ପାରି ନୃଶଂସ ବାପା ପଥରରେ ଛେଚି ନିଜ ୫ବର୍ଷର ପୁଅକୁ ହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଯଦୁନାଥପୁର ବେଲଡୁଙ୍ଗୁରୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ଖବରପାଇ ବଡ଼ସାହି ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୩୩/୨୦)ରୁଜୁ କରି ଅଭିଯୁକ୍ତ ବାପା ଚେପ ଦେହୁରୀଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, କୁଳିଅଣା ଥାନା ଅଧୀନ ବାଲିଡ଼ିହା ଗ୍ରାମର ଚେପ ଦୀର୍ଘଦିନ ହେଲା ବେଲଡୁଙ୍ଗୁରି ଗ୍ରାମସ୍ଥିତ ଶ୍ୱଶୁରଘରେ ରହି ଆସୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେ ଘରକୁ ଫେରି ପୁଅ ସୁଦନଙ୍କୁ ପାଇ ନ ଥିଲେ। ଏନେଇ ତାଙ୍କ ରାଗ ବଢିଯାଇଥିଲା। ପରେ ଆଈ କୋଳରେ ସୁଦନ ଶୋଇଥିବା ଦେଖି ଉତ୍ତ୍ୟକ୍ତ ଚେପ ତାଙ୍କୁ ଉଠାଇ ଆଣି ପଥରରେ ଛେଚି ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପରେ ସେ ମୃତଦେହକୁ ଲୁଚାଇବାକୁ ଚେଷ୍ଟା କରିବା ସମୟରେ ଗ୍ରାମବାସୀ ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଗ୍ରାମର ସନାତନ ମହାନ୍ତଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଗୋପାଳ କର୍ଣ୍ଣ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚେପଙ୍କର ସ୍ତ୍ରୀ ସୁରୁବାଲି ଦେହୁରୀ ଏବଂ ଏକ ଦେଢ଼ବର୍ଷର ଶିଶୁକନ୍ୟା ଅଛନ୍ତି।

## ଟ୍ରକ୍ ଜଳିଗଲା

**ଭୁବନେଶ୍ୱର, ୨୩।୧୦ (ବ୍ୟୁରୋ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ ନିକଟରେ ଶୁକ୍ରବାର ଅପରାହ୍ନ ୨ଟାରେ ଏକ ଟ୍ରକ୍(ଓଡି୦୫ସି-୮୮୮୩) ଜଳିଯାଇଛି। ଟ୍ରକ୍‌ରୁ ଧୂଆଁ ବାହାରିବା ଦେଖି ଡ୍ରାଇଭର ବାହାରକୁ ପଳାଇ ଆସିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଟ୍ରକ୍‌ର ଇଞ୍ଜିନ୍ ପୋଡି ଯାଇଥିଲା। ଟ୍ରକ୍‌ରେ ଲାଗିଥିବା ବ୍ୟାଟେରି ଶର୍ଟ୍‌ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।




## ଉପନିର୍ବାଚନ: କରୋନାରେ ମୃତ୍ୟୁ ହେଲେ ୩୦ ଲକ୍ଷ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

କୋଭିଡ୍ ମହାମାରୀ ମଧ୍ୟରେ ନଭେମ୍ବର ୩ରେ ତିର୍ତ୍ତୋଲ ଏବଂ ବାଲେଶ୍ୱର ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୋଲିଂ କର୍ମଚାରୀ ଓ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବାହିନୀ ଯବାନଙ୍କର କୋଭିଡ୍‌ରେ ମୃତ୍ୟୁ ହେଲେ ସେମାନଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଭାରତର ନିର୍ବାଚନ କମିଶନର ଶୁକ୍ରବାର ଘୋଷଣା କରିଛନ୍ତି। ଏହାଛଡା ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଭାରତ ଇଲେକ୍ଟ୍ରୋନିକ ଓ ଇସିଆଇଏଲର ଇଞ୍ଜିନିୟରମାନେ କୋଭିଡ୍ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ମଧ୍ୟ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦିଆଯିବ। ଏହାଛଡ଼ା ଉପରୋକ୍ତ କର୍ମଚାରୀମାନେ ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥାଇ ଯଦି ହିଂସାତ୍ମକ ଗଣ୍ଡଗୋଳ, ଉଗ୍ରପନ୍ଥୀ ଦ୍ୱାରା ଆକ୍ରମଣ, ବୋମା ବିସ୍ଫୋରଣ ଓ ଲ୍ୟାଣ୍ଡ ମାଇନ ଦ୍ୱାରା ମୃତ୍ୟୁମୁଖରେ ପଡିଲେ ମୃତକଙ୍କ ପରିବାରକୁ ମଧ୍ୟ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ ବୋଲି ଆୟୋଗଙ୍କ ପକ୍ଷରୁ ଜାରି କରାଯାଇଥିବା ଘୋଷଣା ନାମାରେ କୁହାଯାଇଛି।

## ଦଶହରାରେ ବର୍ଷା ନାହିଁ

ଫେରିଯିବ ମୌସୁମୀ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ଲଘୁଚାପ ଦୁର୍ବଳ ହୋଇଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ହେଲାଣି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ଘୋଷଣା କରାଯିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପରଦୁଇଦିନରେ ସମଗ୍ର ରାଜ୍ୟରୁ ମୌସୁମୀ ଫେରିବା ନେଇ ଘୋଷଣା କରାଯିବ। ଲଘୁଚାପ ଅତିକ୍ରମ କରିଯାଇଥିବାରୁ ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବଡ଼ ବର୍ଷାର ଆଶଙ୍କା ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ଏବଂ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ଗଞ୍ଜାମ ଏବଂ ଗଜପତି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

## କୋଭିଡ୍ ନିୟମ ମାନୁ ନ ଥିବା ଦୋକାନ ସିଲ୍ ହେବ

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

ମାର୍କେଟ ବିଲ୍ଡିଂରେ କଟକଣା ଯାଞ୍ଚ କଲେ ଅତିରିକ୍ତ ସିପି

କରୋନା କଟକଣା ଓ ପାର୍ବଣ ସତର୍କତା ସତ୍ତ୍ୱେ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଗହଳି ବଢୁଛି। ସାମାଜିକ ଦୂରତ୍ୱ ରହୁ ନ ଥିବାବେଳେ ବ୍ୟବସାୟୀ ଓ ଗ୍ରାହକ କଟକଣା ମାନୁ ନାହାନ୍ତି। ଶୁକ୍ରବାର ମାର୍କେଟ ବିଲ୍ଡିଂର ଏପରି ସ୍ଥିତିକୁ ଦେଖିବା ପରେ ପଦକ୍ଷେପ ନେବାକୁ ସ୍ଥିର କରିଛି କମିଶନରେଟ ପୋଲିସ। ଆଗକୁ ଭିଡ଼ ସମ୍ଭାବନା ଅଧିକ ଥିବାରୁ ପୋଲିସ ପକ୍ଷରୁ ଚଢ଼ାଉକୁ ଆହୁରି ଜୋର୍‌ଦାର କରାଯିବ। ନିୟମ ମାନୁ ନ ଥିବା ଦୋକାନ ଓ ମଲ୍‌କୁ ସାମୁହିକ ଭାବେ ସିଲ୍ କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି। ମାର୍କେଟ ବିଲ୍ଡିଂରେ ପ୍ରବଳ ଭିଡ଼ ହେଉଥିବା ନେଇ ଖବର ପାଇ ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀ ସନ୍ଧ୍ୟାରେ ଅତର୍କିତ ଚଢାଉ କରିଥିଲେ। ସେ ବିଭିନ୍ନ ମଲ୍ ଓ ଦୋକାନକୁ ଯାଇ କୋଭିଡ଼ ନିୟମ ଠିକ୍ ଭାବେ ପାଳନ ହେଉଛି କି ନାହିଁ ଯାଞ୍ଚ କରିଥିଲେ। ଯେଉଁମାନେ କୋଭିଡ଼ ନିୟମ ମାନୁ ନ ଥିଲେ ସେମାନଙ୍କୁ ତାଗିଦ କରିଥିଲେ। ଏହାସହ ସେଠାରେ କୋଭିଡ଼ ନିୟମ କଡାକଡି କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ଥିତି ସଂକ୍ରାନ୍ତରେ ପୋଲିସ କମିଶନରଙ୍କୁ ଅବଗତ କରିଥିଲେ।



## ଆର୍ଟହଜ୍ ଗ୍ୟାଲେରିରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ରକଳା

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**


ଆଦିତ୍ୟ କୁମାର ଜେନା

ବାଲେଶ୍ୱର ଜିଲା ଗୋହିରାପଦା ଗ୍ରାମର ଯୁବ ଚିତ୍ରଶିଳ୍ପୀ ଆଦିତ୍ୟ କୁମାର ଜେନାଙ୍କ ଚିତ୍ରକଳା 'ନେଚର ଫାଣ୍ଟାସି' ଦକ୍ଷିଣ ଭାରତର ପ୍ରସିଦ୍ଧ ଆର୍ଟ ଗ୍ୟାଲେରୀ ଆର୍ଟହଜ୍‌ରେ ସ୍ଥାନ ପାଇଛି। କେବଳ ସେତିକି ନୁହେଁ, ଆଦିତ୍ୟଙ୍କ ଚିତ୍ରକଳା ସମ୍ପର୍କରେ ଏକ ଆଲେଖ୍ୟ ଆର୍ଟ ଗ୍ୟାଲେରୀର କଳା ପତ୍ରିକା 'ଦି ଆର୍ଟ ଇଲୁଷ୍ଟ୍ରେଟେଡ୍' ମାଗାଜିନରେ ମଧ୍ୟ ସ୍ଥାନ ପାଇଛି। ଓଡିଶା ଚିତ୍ରକଳା ଜଗତ ପାଇଁ ଏହା ଗର୍ବର ବିଷୟ ବୋଲି କୁହାଯାଇଛି। ୩ ଫୁଟ ଓସାର ଏବଂ ୪ ଫୁଟ ଲମ୍ବ କାନ୍‌ଭାସ ଉପରେ ଚିତ୍ରଶିଳ୍ପୀ ଆଦିତ୍ୟ ପ୍ରକୃତିକୁ ନାରୀ ସହ ତୁଳନା କରି ଏହି ଚିତ୍ର ଆଙ୍କିଛନ୍ତି। ରଙ୍ଗର ବିବିଧତା ସାଙ୍ଗକୁ ଜ୍ୟାମିତିକ ଅଙ୍କନର ବ୍ୟବହାର ତାଙ୍କ ଚିତ୍ରକଳାକୁ ଏକ ନିଆରା ଢଙ୍ଗରେ ଉପସ୍ଥାପିତ କରିଛି। ବାଲେଶ୍ୱର ଜିଲା ସୋରର ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନାଙ୍କ ପୁଅ ହେଉଛନ୍ତି ଆଦିତ୍ୟ। ସେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ପେଣ୍ଟିଂରେ ଡିଗ୍ରୀ ଶେଷଙ୍କ୍‌ପରେ ଏକ ସରକାରୀ ବିଦ୍ୟାଳୟରେ କଳା ଶିକ୍ଷକଭାବେ କାର୍ଯ୍ୟ କରୁଛନ୍ତି।



ଆଜିର ମନ୍ତବ୍ୟ

“ପାର୍ବଣ ଋତୁ ସହ ଶୀତର ଆଗମନ ଯୋଗୁ ଆଗାମୀ ୩ ମାସ କୋଭିଡ୍ ନିୟମ ମାନି ଚଳିବା ଉଚିତ।
- ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଜଗନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଥ ଖୋଲା ସରିଛି, ତିଆରି ହେଉନି

## ଐତିହାସିକ ରଥଯାତ୍ରା

**ପୁରୀ ଅଫିସ,୨୩।୧୦**

ଶ୍ରୀମନ୍ଦିର ଇତିହାସରେ ୨୦୨୦ ରଥଯାତ୍ରା ସବୁଠୁ ସ୍ୱତନ୍ତ୍ର ଏବଂ ଐତିହାସିକ। ମହାମାରୀ କରୋନାର ବିଭୀଷିକା ମଧ୍ୟରେ ଏବଂ ବହୁ ବାଦବିବାଦ ପରେ ଶେଷରେ ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ଦେବାରୁ ବଡ଼ଦାଣ୍ଡରେ ବିନା ଭକ୍ତରେ ତିନିରଥ ଗଡ଼ିଥିଲା। ରଥ ନିର୍ମାଣ ଅନୁକୂଳଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ବିଧି ଥିଲା ସବୁଠୁ ନିଆରା। ପୂର୍ବରୁ ଘୋଷଯାତ୍ରା ଅବସରରେ ଯାହା ଘଟି ନ ଥିଲା ତାହା ୨୦୨୦ ରଥଯାତ୍ରାରେ ଘଟିଲା। ତେଣୁ ଏହି ରଥଯାତ୍ରାକୁ ସ୍ମରଣୀୟ ରଖିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ତିନିରଥକୁ ନ ଭାଙ୍ଗି ସୁରକ୍ଷିତ ଭାବେ ଖୋଲି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଭକ୍ତଙ୍କ ଦର୍ଶନ ପାଇଁ ରଖାଯିବ ବୋଲି ଚୂଡ଼ାନ୍ତ ହୋଇଛି। ତେବେ ରଥ ଖୋଲାଯିବାର ପ୍ରାୟ ୨ ମାସ ହେବ, କିନ୍ତୁ ଏ ପର୍ଯ୍ୟନ୍ତ ଏହାକୁ ତିଆରି କରାଯାଉ ନାହିଁ। ଫଳରେ ଏ ନେଇ ଶ୍ରଦ୍ଧାଳୁଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତିବର୍ଷ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ପରେ ତିନିରଥକୁ ଭାଙ୍ଗି ଦିଆଯାଇଥାଏ। ଚକ, ଅଶୁଆରୀ ପ୍ରଭୃତି କେତେକ ଅଂଶ ବିକ୍ରି ପାଇଁ ରହୁଥିବାବେଳେ ବାକି କାଠ ମହାପ୍ରସାଦ ପ୍ରସ୍ତୁତି ପାଇଁ ରୋଷଘରେ ବ୍ୟବହାର କରାଯାଏ। ମାତ୍ର ଏବର୍ଷ ତିନିରଥ ନ ଭାଙ୍ଗି ଏହାକୁ ଖୋଲାଯାଇ ପୁଣି ପୂର୍ଣ୍ଣାଙ୍ଗ ରୂପ ଦିଆଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସେହି ଅନୁଯାୟୀ ଗତ ଜୁଲାଇ ୨୯ରୁ ଏକ ସ୍ୱତନ୍ତ୍ର କମିଟି ତତ୍ତ୍ୱାବଧାନରେ ରଥ ଖୋଲା କାମ ଆରମ୍ଭ ହୋଇଥିଲା। ପ୍ରଥମେ ଦର୍ପଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦିଘୋଷ ରଥ ଖୋଲାଯାଇଥିଲା। ଅଗଷ୍ଟ ଶେଷ ସପ୍ତାହରେ ତିନିରଥ ଖୋଲା କାମ ସରିଥିଲା। ଭୋଇ ସେବକମାନେ ଖୋଲାଯାଇଥିବା ଅଂଶଗୁଡ଼ିକୁ ନେଇ ଗୁଣ୍ଡିଚା ମନ୍ଦିର ପରିସରରେ ସାଇତି ରଖିଛନ୍ତି। ଇତିମଧ୍ୟରେ ପାଖାପାଖି ୨ମାସ ବିତିବାକୁ ଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ରଥ ନିର୍ମାଣ ନେଇ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାକୁ ନେଇ ଭକ୍ତଙ୍କ ମହଲରେ ନାନା ଚର୍ଚ୍ଚା ହେଉଛି। ଶ୍ରଦ୍ଧାଳୁ ଦିଲୀପ ବରାଳ କହିଛନ୍ତି, ଏଥର ରଥ ଭଙ୍ଗା ନ ଯାଇ ସଂରକ୍ଷଣ କରାଯିବ ବୋଲି ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଭକ୍ତମାନେ ୨୦୨୦ ଐତିହାସିକ ରଥଯାତ୍ରାର ତିନିରଥକୁ ଦେଖିବା ପାଇଁ ସୁଯୋଗ ପାଇବେ। ମାତ୍ର ରଥ ଖୋଲାଯିବାକୁ ଦୁଇମାସ ପୂରିବାକୁ ବସିଥିଲେ ବି କାର୍ଯ୍ୟ ଆରମ୍ଭ ହେଲା ନାହିଁ। ଅଧିକ ଦିନ ଏସବୁ କାଠ ବାହାରେ ରହିଲେ ନଷ୍ଟ ହୋଇଯିବ। ତେଣୁ ଏ ଦିଗରେ ମନ୍ଦିର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଦରକାର। ଏ ସମ୍ପର୍କରେ ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଏକାଧିକ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ତେଣୁ ତିନିରଥ ପ୍ରଦର୍ଶନ ପାଇଁ ସ୍ଥାନ ଚିହ୍ନଟ ହେବା ପରେ କାମ ଆରମ୍ଭ କରାଯିବ।

# ଅପହୃତ ଯୁବକ ଉଦ୍ଧାର: ୨ ଗିରଫ

**ଜଟଣୀ,୨୩।୧୦(ଡି.ଏନ୍.ଏ.)**

ଜଟଣୀ ପୋଲିସ ଅପହୃତ ଜଣେ ଯୁବକଙ୍କୁ ଉଦ୍ଧାର କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରାଜାବଜାର ଅଞ୍ଚଳର ସେକ୍ ସଦାମ ଓ ଲିଜା ଓରଫ ନିଆମୁଦ୍ଦିନ ଖାନ୍। ଏମାନଙ୍କ ନିକଟରୁ ଖଣ୍ଡା, ଲାଠି ଓ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୪୦୭/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜଟଣୀ ସବ୍ ରେଜିଷ୍ଟ୍ରାର ଅଫିସ ନିକଟରେ ଛିଡା ହୋଇଥିବା କୁଦିଆରୀ ଗ୍ରାମର ତପନ ପଟ୍ଟନାୟକଙ୍କୁ ଗୁରୁବାର ଦୁଇ ଅଭିଯୁକ୍ତ ଓ ସେମାନଙ୍କ ସହଯୋଗୀ ବନ୍ଧୁକ ଦେଖାଇ ଅପହରଣ କରିନେଇଥିଲେ। ପରେ ଅଭିଯୁକ୍ତମାନେ ରାଜାବଜାର ଅଞ୍ଚଳରେ ତପନଙ୍କୁ ମାଡ଼ ମାରିବା ସହ ସୁନାଚେନ, ବ୍ରେସ୍‌ଲେଟ୍ ଛଡ଼ାଇ ନେଇଥିଲେ। ଖବରପାଇ ଆଇଆଇସି ବିଶ୍ୱରଞ୍ଜନ ସାହୁ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତପନଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଅନ୍ୟମାନେ ସେଠାରୁ ଖସି ପଳାଇଥିଲେ। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...

### ୧୫ ଦିନରେ ବଢ଼ିଲାଣି ...

ହୋଲସେଲରମାନେ ୨୫ ଟନ(୨୫୦ କୁଇଣ୍ଟାଲ) ଏବଂ ଖୁଚୁରା ବ୍ୟବସାୟୀମାନେ ୨ ଟନ (୨୦ କୁଇଣ୍ଟାଲ)ରୁ ଅଧିକ ପିଆଜ ଗଚ୍ଛିତ ରଖିପାରିବେ ନାହିଁ। ଏହାଠାରୁ ଅଧିକ ରଖିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହାଛଡା ରାଜ୍ୟରେ ଲୋକମାନଙ୍କୁ ଖୁଚୁରା ଦରରେ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ବଫର ଷ୍ଟକରୁ ପିଆଜ କିଣିବାକୁ ମଧ୍ୟ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସରକାର ୧ ଲକ୍ଷ ମେଟ୍ରିକ ଟନ ପିଆଜ ଗଚ୍ଛିତ ରଖିଛନ୍ତି। ସେଥିରୁ ଏ ପର୍ଯ୍ୟନ୍ତ ୩୫ ହଜାର ମେଟ୍ରିକ ଟନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଯୋଗାଇ ଦିଆଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ପିଆଜ ଆମଦାନୀ ହୋଇଥାଏ। ଏହାଛଡା ଆନ୍ଧ୍ର ଏବଂ କର୍ଣ୍ଣାଟକର ବେଙ୍ଗାଲୁରରୁ ମଧ୍ୟ ଆସିଥାଏ। ଅମଳ ଶେଷ ସମୟ ଏବଂ ବର୍ଷା ଯୋଗୁ ପିଆଜ ଦର ବୃଦ୍ଧି ପାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଫେଇ ଦେଉଛି। ବାହାର ରାଜ୍ୟ ଉପରେ ନିର୍ଭର କରୁଥିବାରୁ ପିଆଜ ଦର ବୃଦ୍ଧି ଉପରେ ଅଙ୍କୁଶ ଲଗାଇବାକୁ ସରକାରଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ନୂଆ ପିଆଜ ବଜାରକୁ ଆସିଲେ ଦର କମିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଉତ୍ପାଦନ ବୃଦ୍ଧି ଓ ଦର କମିବା ଯାଏ ଖାଉଟିଙ୍କୁ ଅପେକ୍ଷା କରିବାକୁ ପଡିବ।

ସୂଚନାଯୋଗ୍ୟ ଯେ, ୨୦୧୫ରେ ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣ ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ (ପିଏସ୍‌ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ଅଂଶଧନ ବହନ କରିବା ବ୍ୟବସ୍ଥା ରହିଛି। ୧୦୦ କୋଟି ଟଙ୍କାରେ ଅଗଷ୍ଟ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଆଳୁ, ପିଆଜ ଏବଂ ଡାଲିଜାତୀୟ ଶସ୍ୟ କିଣି ଗଚ୍ଛିତ ରଖିବେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପିଏସ୍‌ଏଫ୍‌ର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ତିରୋଟ ସମୟରେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ। ଫଳରେ ଖାଉଟିମାନଙ୍କୁ ମୂଲ୍ୟ ବୃଦ୍ଧି କଷ୍ଟରୁ ମୁକ୍ତି ମିଳିପାରିବ। ମାତ୍ର ଏହି ପାଣ୍ଠି ଗଠନ ହେବାର ୫ ବର୍ଷ ବିତିଯିବାକୁ ବସିଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉନାହିଁ। ଫଳରେ ବଜାର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ରହୁନାହିଁ। ଖାଉଟିଙ୍କୁ ବାଧ୍ୟ ହୋଇ ଅନ୍ୟ ରାଜ୍ୟର ଉତ୍ପାଦନ ଓ ଦର ଉପରେ ନିର୍ଭର କରିବାକୁ ପଡୁଛି। ଆଇଗିଣିଆ ପିଆଜ ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ତଥା ଓଡିଶା ବ୍ୟବସାୟୀ ସଂଘର ଆବାହକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି ଯେ, ଅନ୍ୟ ରାଜ୍ୟରୁ କିଣି ଖାଉଥିବା ଯାଏ ଏଭଳି ପରିସ୍ଥିତି ପ୍ରତ୍ୟେକ ବର୍ଷ ଭୋଗିବାକୁ ପଡ଼ିବ। ଅନ୍ୟ ରାଜ୍ୟରେ ଦର ଖସିଲେ ଏଠି ଶସ୍ତା ହେବ। ତେବେ ଦୀପାବଳି ପରେ ଦର ଖସିବ ବୋଲି ଆଶାବ୍ୟକ୍ତ କରିଛନ୍ତି।

କେବଳ ପିଆଜ ନୁହେଁ, ଆଳୁ ଓ ପରିବାର ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ବଜାରରେ ଆଳୁ କିଲୋ ୩୩ରୁ ୩୪ ଟଙ୍କା ରହିଛି। ପୋଟଳ ୮୦ ଟଙ୍କା, ବାଇଗଣ ୫୦ ଟଙ୍କା, କଲରା ୮୦ ଟଙ୍କା, କାକୁଡି ୬୦ ଟଙ୍କା, ବିନ୍ ୮୦ଟଙ୍କା, ଝୁଡ଼ଙ୍ଗ ୬୦ ଟଙ୍କା, ଭଣ୍ଡା ୩୦ ଟଙ୍କା, କଖାରୁ ୩୦ ଟଙ୍କାରେ ବିକ୍ରି ହେଉଛି। ଆଗକୁ କାର୍ତ୍ତିକ ମାସ ଆସୁଛି। ଆମିଷରେ କାମ ଚଳାଉଥିବା ଲୋକମାନେ ପନିପରିବା ଉପରେ ନିର୍ଭର କରିବେ। ବଜାରରେ ପୁଣି ଦର ହୁ ହୁ ହୋଇ ବଢିବା ଆଶଙ୍କା ରହିଛି। ଉଚ୍ଚା ଦରରେ କିଣୁ ଥିବାରୁ ଅଧିକ ଦରରେ ବିକ୍ରି କରିବାକୁ ପଡୁଛି ବୋଲି ପରିବା ବ୍ୟବସାୟୀ ବନମାଳି ନାୟକ କହିଛନ୍ତି। ବର୍ଷା ଲାଗି ରହୁଥିବାରୁ ପରିବା ମିଳୁ ନାହିଁ। ଅଧିକ ଦର ଥିବାରୁ ବିକ୍ରି ମଧ୍ୟ କମିଛି। ସାଲିଆ ସାହିରେ ରହୁଥିବା ଦିନ ମଜୁରିଆ ରଙ୍କ ବେହେରା କହିଛନ୍ତି ଯେ, ଆଳୁ, ପିଆଜ ପନିପରିବା ଦର ବୃଦ୍ଧି ଆମକୁ ଭାରି ବାଧୁଛି। ୫ ପ୍ରାଣୀ କୁଟୁମ୍ବଙ୍କୁ ଚଳାଇବା କଷ୍ଟକର ହୋଇପଡୁଛି। ପରିବା କିଣିବା ଦୂରର କଥା ଦର ବୃଦ୍ଧି ଯୋଗୁ ଆଳୁ ପିଆଜ କିଣିବା ମଧ୍ୟ ଅସମ୍ଭବ ହେଉଛି ବୋଲି ସେ କହିଛନ୍ତି।

### ଭାକ୍ସିନ ନେଇ ...

ବାୟୋସାଇନ୍ସ, କୋରିଆ ଭାକ୍ସିନ ଓ ବୋରିୟୁଙ୍ଗ୍ ବାୟୋଫାର୍ମାକୁ ଭାକ୍ସିନ ଯୋଗାଣ ପାଇଁ ଦାୟିତ୍ୱ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ ଚାଲିଥିବାବେଳେ ଇତିମଧ୍ୟରେ ୩୨ ଜଣ ଭାକ୍ସିନ ନେଇ ପ୍ରାଣ ହରାଇଥିବା କୁହାଯାଉଛି। ତେବେ ଉପରୋକ୍ତ ୪ କମ୍ପାନୀ ଏନେଇ କିଛି ମନ୍ତବ୍ୟ ଦେଇନାହାନ୍ତି। ଅନ୍ୟପକ୍ଷେ ଦକ୍ଷିଣ କୋରିଆ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି, ସନ୍ଦିଗ୍ଧ ମୃତ୍ୟୁସଂଖ୍ୟା ବଢ଼ିଚାଲିଥିଲେ ମଧ୍ୟ ଏହି ଅଭିଯାନକୁ ବନ୍ଦ କରାଯିବ ନାହିଁ। କାରଣ ଫ୍ଲୁ ଶଟ୍ସ ସହିତ ମୃତ୍ୟୁର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ।

ନିକଟରେ ଭାକ୍ସିନ ନେଇଥିବା ଲୋକଙ୍କ ମଧ୍ୟରୁ ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତ ସପ୍ତାହରୁ ଲୋକଙ୍କ ଜୀବନ ଯିବା ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ମୃତ୍ୟୁସଂଖ୍ୟା ୩୨ ଛୁଇଁଛି। ଭାକ୍ସିନ ନେଇ ପ୍ରାଣ ହରାଇଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି ଜଣେ ୧୭ ବର୍ଷୀୟ କିଶୋର। ଫ୍ଲୁ ଶଟ୍ସ ନେବାର ଦୁଇଦିନ ପରେ ତାଙ୍କ ମୃତ୍ୟୁ ଘଟିଛି। ନ୍ୟାଶନାଲ ଫରେନ୍ସିକ୍ ସର୍ଭିସ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଜାଣିବାକୁ ପାଇଛି ଯେ, ଭାକ୍ସିନ ସହିତ ତାଙ୍କ ମୃତ୍ୟୁର କିଛି ସମ୍ପର୍କ ନାହିଁ। ଏହାସତ୍ତ୍ୱେ ଟିକା ନେବା ପରେ ହିଁ ଏହି ଲୋକମାନଙ୍କ ଜୀବନ ଯାଉଥିବାରୁ ଭାକ୍ସିନ ଦେବା ବନ୍ଦ କରାଯାଉ ବୋଲି ରାଜନେତା ଓ ଡାକ୍ତରମାନେ ଦାବି କରିଛନ୍ତି। ଭାକ୍ସିନ ନେଇଥିବା ଆଉ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଲୋକେ ଆଶଙ୍କା କରୁଛନ୍ତି। ଏହାର ଜବାବରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ଭାକ୍ସିନ ସହି ମୃତ୍ୟୁର ସମ୍ପର୍କ ଥିବା ନେଇ କିଛି ପ୍ରମାଣ ନାହିଁ। ତେଣୁ ସରକାର ନିର୍ଦ୍ଧାରିତ ଟାର୍ଗେଟ ପୂରଣ ପାଇଁ ଟିକା ପ୍ରଦାନ କାର୍ଯ୍ୟକ୍ରମ ଜାରି ରଖିବେ।

### ଟିକା ଲାଗି ସ୍ୱାସ୍ଥ୍ୟକର୍ମୀଙ୍କ ...

(ହେଲ୍‌ଥ କେୟାର ୱାର୍କର୍ସ)ଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିବା ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଶୁକ୍ରବାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଭାରତୀୟ ମେଡିକାଲ୍ ଆସୋସିଏସନ୍ ଓଡ଼ିଶା ରାଜ୍ୟ ଶାଖାର ସଭାପତି, ଆୟୁଷ ସଂଘଗୁଡିକର ସଭାପତି, ନର୍ସିଂ ଆସୋସିଏସନ୍ ସଭାପତି, ପାରାମେଡିକ୍ ୱାର୍କର୍ସ ଆସୋସିଏସନ୍ ଏବଂ ଘରୋଇ ହସ୍ପିଟାଲ ମାଲିକ ସଂଘର ସଭାପତିଙ୍କୁ ଚିଠି ଲେଖିଛନ୍ତି। ଅକ୍ଟୋବର ୨୯ ସୁଦ୍ଧା ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବଙ୍କୁ ମଧ୍ୟ ମହାପାତ୍ର ଚିଠି ଲେଖିଛନ୍ତି। ଅଙ୍ଗନବାଡି କର୍ମୀ, ହେଲ୍ପର, ସୁପରଭାଇଜର, ସିଡିପିଓଙ୍କ ତଥ୍ୟ ଦେବାକୁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨୫ ମଧ୍ୟରେ କରୋନା ଭ୍ୟାକ୍ସିନେସନ ବେନିଫିସିଆରି ମ୍ୟାନେଜମେଣ୍ଟ ସିଷ୍ଟମରେ ଡାଟା ଅପ୍‌ଲୋଡ୍ ପାଇଁ କୁହାଯାଇଛି। ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ସମ୍ପର୍କରେ ସୂଚନା ପାଇବା ପାଇଁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧାରୀ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ଦାଦାବଟି ମାଗିବା ଘଟଣା: ୪ ଗିରଫ

**କଟକ ଅଫିସ, ୨୩।୧୦**

ରାଜ୍ୟ ପୋଲିସର ଦାଦାବଟିକୁ ନା ସ୍ପେଶାଲ ଡ୍ରାଇଭ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲାଲ୍‌ବାଗ ଓ ଚାଉଳିଆଗଞ୍ଜ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତିରାଉତପାଟଣାରେ ନିର୍ମାଣ ହେଉଥିବା ଏକ ସରକାରୀ କୋଠାର କଣ୍ଟ୍ରାକ୍ଟରଙ୍କୁ ବିକ୍ରମ ରାଉତ ଓ ସୁମନ୍ତ କୁମାର ପରିଡ଼ା ଏକ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଦାଦାବଟି ନ ଦେଲେ ଜୀବନରୁ ମାରି ଦେବାକୁ ସେମାନେ ଧମକ ଦେଇଥିଲେ। ଧମକ ପାଇ କଣ୍ଟ୍ରାକ୍ଟର ଜଣଙ୍କ ୫୦ହଜାର ଟଙ୍କା ଦେଇଥିବାବେଳେ ବାକି ଟଙ୍କାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ଲାଗି ରହିଥିଲା। ଏ ନେଇ କଣ୍ଟ୍ରାକ୍ଟର ଜଣଙ୍କ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୭୨/୨୦) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ଗୋଟିଏ ୯ଏମଏମ ଦେଶୀ ବନ୍ଧୁକ ଓ ୪ଟି ଗୁଳି ଜବତ କରାଯାଇଛି। ସେହିପରି ଦାଦାବଟି ମାଗିବା ଘଟଣାରେ ଲାଲବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସେଖ୍ କାଲାବାବୁ। କାଲାବାବୁ ଜାଇକା କଣ୍ଟ୍ରାକ୍ଟରଙ୍କ ଠାରୁ ଦାଦାବଟି ମାଗିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୨୦୪/୨୦) ରୁଜୁ କରିଥିଲା। ସେହିପରି ଦାଦାବଟି ମାଗିବା ଘଟଣାରେ ଚିତ୍ତରଞ୍ଜନ ମହାନ୍ତି ନାମକ ଅଭିଯୁକ୍ତଙ୍କୁ ଲାଲ୍‌ବାଗ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ମାମଲା (ନଂ.୨୬୩/୨୦) ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ହସଖୁସୀରେ ସମୟ ଅତିବାହିତ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ଯାତ୍ରା ସମୟରେ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଦୂରାଗତ ବନ୍ଧୁଙ୍କର କେତେକ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡିପାରେ । ରାଜନୀତି, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ବୃଷ** – ଯାତ୍ରା କାଳରେ ଅଜଣା ଅଶୁଣା ଲୋକମାନଙ୍କୁ ମନେଇବାରେ ସଫଳ ହେବେ, ଯାହା କି ଆଗାମୀ ସମୟ ପାଇଁ କାମରେ ଆସିବ। ଅଫିସରେ କେତେକ ଅଟକି ରହିଥିବା ଫାଇଲ୍ କାମ ତାହାର କାରଣ ହୋଇପାରେ । ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ । ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** – ଅର୍ଥନୈତିକ ପ୍ରଗତି ସହ ସାମାଜିକ ପ୍ରତିଷ୍ଠା ମନୋବଳ ବୃଦ୍ଧିରେ ସହାୟକ ହେବ। କିନ୍ତୁ ଦାମ୍ପତ୍ୟ ଜୀବନରେ ତିକ୍ତତା ସୃଷ୍ଟି ହେବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ । ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କର୍କଟ** – ସାମୟିକ ଭୁଲ୍ ବୁଝାମଣା କାରଣରୁ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବ୍ୟୟ ଅଟକଳ କରିବେ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ଅନ୍ୟଥା ସମସ୍ୟା ଭିତରକୁ ଯାଇପାରନ୍ତି।

**ସିଂହ** – କୌଣସି ବନ୍ଧୁ ରାଗ ଶୁଝାଇବାକୁ ଯାଇ କଅଁଳ ଭାଷାରେ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପାରିବାରିକ ସ୍ତରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ । ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ପରିବାରରେ ଆଲୋଚନା କରିପାରନ୍ତି ।

**କନ୍ୟା** – ବ୍ୟୟାଧିପ ରାଶିରେ ଥିବାରୁ ପ୍ରତାରିତ ହୋଇ ଅଭିଳଷିତ ଜିନିଷ ପାଇବା କଷ୍ଟକର ହୋଇପାରେ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ । ଜଣେ ବନ୍ଧୁଙ୍କ ସହଯୋଗରୁ ନିର୍ମାଣାଧୀନ କାମଟି ସମ୍ପନ୍ନ କରିପାରିବେ। ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ ।

**ତୁଳା** – ସହକର୍ମୀଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ସାୟାହ୍ନେ ଶାରୀରିକ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ସତର୍କତା ରକ୍ଷା ନ କଲେ ନିଜ ଲୋକମାନେ ବିଶ୍ୱାସଘାତକତାରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବିଭିନ୍ନ ପ୍ରକାରର ସମସ୍ୟା ରହିଥିଲେ କାମ କରିବାକୁ ପଛାଇବେ ନାହିଁ।

**ବିଛା** – ଦିନସାରା ଦୃଢ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ। ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇ ପାରନ୍ତି, ଯାହାକି କେତେକ ଆକସ୍ମିକ ସମସ୍ୟା ସୃଷ୍ଟି କରିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**ଧନୁ** – ଆକସ୍ମିକ ଭାବରେ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, ତଥାପି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ୍ୟ ହେବେ । କୌଣସି ଅପ୍ରୀତିକର ଖବର ପାଇ ସକାଳୁ ସକାଳୁ ମନଟା ବିଗିଡି ଯାଇପାରେ। ଏହାସଙ୍ଗକୁ ଘରେ ସ୍ତ୍ରୀଙ୍କ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ କିମ୍ବା ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତ ।

**ମକର** – ସତର୍କତା ଅଭାବରୁ ଚୋରି,ପକେଟମାର ଅଥବା ଅସାବଧାନତା କାରଣରୁ ଧନହାନିର ସୂଚନା ରହିଛି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଖଳ ଲୋକମାନଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** – ଆଜିର ଜୀବନଚର୍ଯ୍ୟା ମଧ୍ୟରେ ଅତୀତକୁ ଧରିବସିଲେ ବର୍ତ୍ତମାନକୁ ହରାଇବାକୁ ପଡିବ। ତୀର୍ଥସ୍ଥଳରେ କିମ୍ବା ପ୍ରବାସରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ । ଘରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମୀନ** – ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ ଏବଂ ଆଜି ଯାହା ଓ ଯେମିତି ଚାହୁଁଛନ୍ତି ତାହା ଅବଶ୍ୟ ପାଇପାରିବେ। ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିରୁ ମନ ଖୁସୀ ରହିବା ସହ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷର ମହାନବମୀ ଶନିବାର, ମଣ୍ଡଳପୂଜା ଓ ଫଳଥୁଆ, ମୃଣ୍ମୟୀଦେବୀଙ୍କ ଅଷ୍ଟମୀବିହିତପୂଜାରମ୍ଭ, ସକାଳ ଘ.୦୬.୩୫.୧୫ ଠାରୁ ଘ.୦୬.୫୯.୧୫ ମଧ୍ୟେ ସନ୍ଧିପୂଜାରମ୍ଭ, ସନ୍ଧିବଳି ପ୍ରୋକ୍ଷଣ, ଘ.୦୭.୨୩ମି.ଟାରେ ସନ୍ଧିପୂଜା ସମାପନ, କୁମାରୀପୂଜା, ଅକ୍ଟୋବର ୨୪ ତାରିଖ, ଜାତିସଂଘ ଦିବସ, ରାଶିନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୮ମି. ଗତେ ଘ.୦୬.୩୩ମି. ମଧ୍ୟେ, ଘ.୦୭.୧୯ମି. ଗତେ ଘ.୦୯.୩୬ମି. ମଧ୍ୟେ, ଘ.୧୧.୫୩ମି. ଗତେ ଘ.୦୨.୫୬ମି. ମଧ୍ୟେ, ଘ.୦୩.୪୧ମି. ଗତେ ଘ.୦୫.୧୩ମି. ମଧ୍ୟେ, ରାତ୍ରି ଘ.୦୨.୨୭ମି. ଗତେ ଘ.୦୩.୧୭ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୯ମି. ଗତେ ଘ.୧୦.୦୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



## SALE

URGENT SALE - 53Crore, Iconic building near Infosys1, Bhubaneswar. 1 Acre land, 63000sqft built-up Whatsapp: 943-751-3333. URGENT SALE. D-18662

**Plot sale near AIIMS Hospital Bhubaneswar with 30’ Road. 9439206202** D-69190

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita-6370476317 D-69188

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK Simplex/ Duplex ଅଛି। 8327785834, 9658122456.** D-69182

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

Only 5nos. of premium duplex 7BHK left near KIIT Jagannath Mandir. 9937095445 D-69567

**ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ Electricity boundary ରାସ୍ତାଥାଇ ପ୍ଲଟ ମିଳୁଅଛି। Direct owner-9090963952** D-69192

**30’Road residential gated community advanced boundarywall gharabari plot sale Gudiapokhari near KEC College. 7992736330, 9238902929** D-69191

## PURCHASE

Land requires for plotting project in around, Bhubaneswar. 9937816565, 9937568585 D-18649



2 Bedroom house at Indira Colony, Sisupalgarh Bhubaneswar. Bachelors / Office. Contact: 9347036477 D-18712

**Godown space available near Puri bypass area 18000/-, open space 15000/-. 9938125254** D-18598



Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Get refreshment body massage by expert therapist contact for 7205084157. D-69791

Refreshing your mind & body with best therapy at Lotus Spa. 8018234866 D-69565

Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

## LOST

Cholamandalam Investment & Finance Comp.Ltd.: This to inform that one of our Money Receipt book bearing number-738951 was found missing somewhere on dated 19.10.2020 from which three Money Receipts are not in use i.e. 14779018, 14779019, 14779020. If someone claim the above mentioned receipts in future, the company will not be responsible for this. D-18719

## ନିରୁଦ୍ଦିଷ୍ଟ



ନାମ: କୃଷ୍ଣଚନ୍ଦ୍ର ମହାପାତ୍ର, ପିତା: ଦୁଃଖୀଶ୍ୟାମ ମହାପାତ୍ର, ଖୁଣ୍ଟିଆ ସାହି, ପୁରୀ, ଗତ ୧୦।୦୯।୨୦୧୦ରୁ ଘରୁ ବାହାରି ଚାଲିଯାଇଥିଲେ। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଜଣାଇବାକୁ ଅନୁରୋଧ। 9090096966. ଧ-୧୮୭୦୮

## AFFIDAVIT



By virtue of an affidavit before the Executive Magistrate, Daringbadi on date 15.07.2004, I Smt. Sanjukta Deshmajhi, D/o- Ramesh Nayak, W/o- Rabi Deshmajhi of Village- Tudubiju, PO- Gudikia, P.S- Bamunigam, Dist.- Kandhamal, Pin-762021. That now after my marriage my surname changed Nayak to Deshmajhi. I also work as a teacher in the department of School and Mass education, Odisha, in the district of Nabarangapur. Henceforth I will be known as Sanjukta Deshmajhi in my department as well as for all purpose. D-18709

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଏ ସୃଷ୍ଟିର ମୂଳଉତ୍ସ ହେଉଛି ପ୍ରେମ । ଏହି ପ୍ରେମର ହିଁ ସେହି ଶକ୍ତି ରହିଛି ଯାହାକି ସୃଷ୍ଟି ସହିତ ତା'ର ସ୍ରଷ୍ଟାଙ୍କୁ ମିଳିତ କରିପାରେ । ପ୍ରେମ ଓ ସତ୍ୟର ହିଁ ବିଜୟ ନିଶ୍ଚିତ । -ଶ୍ରୀମା



# ବାବୁଙ୍କ ଦ୍ୱିତୀୟ ପାଳି

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବେଳେବେଳେ ରାଜନେତାମାନେ ସେମାନଙ୍କ ପ୍ରିୟ ତଥା ଭରସାଯୋଗ୍ୟ ବାବୁଙ୍କୁ ଅବସର ପରେ ଛାଡ଼ିବାକୁ ଅନିଚ୍ଛୁକ ହୋଇଥାଆନ୍ତି। କୌଣସି ପ୍ରକାରେ ସେମାନଙ୍କୁ ପୁଣି ପ୍ରଶାସନକୁ ଫେରାଇ ଆଣିବାର ବାଟ ଆପଣାନ୍ତି। ୨୦୧୭ରେ ପଞ୍ଜାବରେ ଏମିତି ଘଟଣା ଘଟିଥିଲା । ସେତେବେଳର ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସୁରେଶ କୁମାରଙ୍କୁ ତାଙ୍କ ମୁଖ୍ୟ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରିଥିଲେ । ଯଦିଓ ରାଜ୍ୟରେ ଆଉ ଜଣେ ଆଇଏଏସ୍ ଅଫିସର ନିୟମିତ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ ତଥାପି କୁମାର ମୁଖ୍ୟମନ୍ତ୍ରୀଙ୍କର ଅତି ପ୍ରିୟ ବା ବିଶ୍ୱସ୍ତ ହୋଇଥିବା ଯୋଗୁ ଏଭଳି ନିଯୁକ୍ତି ପାଇଥିଲେ । ଏବେ ପଡ଼ୋଶୀ ପଞ୍ଜାବର ପନ୍ଥା ଆପଣାଇ ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ପ୍ରଶାସନରେ ଆଶ୍ଚର୍ଯ୍ୟଜନକ ଭାବେ ସମାନ ପ୍ରକାର ନିଯୁକ୍ତି ଦେଇଛନ୍ତି, ଯାହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ( ସିଏମ୍‌ଓ)ରେ କ୍ଷମତା ସମୀକରଣ ବଦଳିଯିବା ସମ୍ଭାବନା ଦେଖାଦେଇଛି। ଖଟ୍ଟର ସିଏମ୍‌ଓରେ ଅବସରପ୍ରାପ୍ତ ଆଇଏଏସ୍ ଡି.ଏସ୍.ଢେସିଙ୍କୁ ମୁଖ୍ୟ ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ଢେସି ୪ ବର୍ଷ ହରିୟାଣାର ମୁଖ୍ୟ ସଚିବ ରହିବା ପରେ ଗତ ବର୍ଷ ଅବସର ନେଇଥିଲେ । ତା'ପରେ ତାଙ୍କୁ ହରିୟାଣା ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନ( ଏଚ୍‌ଇଆର୍‌ସି)ର ଚେୟାରମ୍ୟାନ ଭାବେ ନିଯୁକ୍ତ କରାଯାଇଥିଲା । ଏବେ ନୂଆ ଦାୟିତ୍ୱ ଗ୍ରହଣ କରିବା ପାଇଁ ସେ ଏହି ପଦ ଛାଡ଼ିଛନ୍ତି। ଯଦିଓ ଢେସି ଏବେ କେଉଁ ଦାୟିତ୍ୱ ବହନ କରିବେ ତାହା ସ୍ପଷ୍ଟ କରାଯାଇନି ତଥାପି ସେ ସିଏମ୍‌ଓରେ କ୍ଷମତାର ଆଉ ଏକ କେନ୍ଦ୍ରବିନ୍ଦୁ ପାଲଟିବା ସହ ସବୁ ଫାଇଲ ତାଙ୍କ ବାଟ ଦେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାର ବହୁତ ସମ୍ଭାବନା ରହିଥିବା କୁହାଯାଉଛି।

### ନୂଆ ଆଶା

ସ୍ପେକ୍ଟ୍ରମ ଆବଣ୍ଟନ ପ୍ରକ୍ରିୟାକୁ ସୁରୁଖୁରୁରେ ସମାପନ କରିବା ପାଇଁ କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଏକ ସଚିବସ୍ତରୀୟ କମିଟି ଗଠନ କରାଯାଇଛି। ଗୃହ ସଚିବ ଅଜୟ କୁମାର ଭାଲା,ପ୍ରତିରକ୍ଷା ସଚିବ ଅଜୟ କୁମାର,ଟେଲିକମ୍ ସଚିବ ଅଂଶୁ ପ୍ରକାଶ, ସୂଚନା ଏବଂ ପ୍ରସାରଣ ସଚିବ ଅମିତ ଖାରେ ଏବଂ ମହାକାଶ ବିଭାଗର ସଚିବ କେ. ସିବନ ଏହି କମିଟିରେ ସଦସ୍ୟ ରହିଛନ୍ତି। ଅତୀତରେ ଆମେ ଦେଖିଆସୁଥିବା ବିବାଦୀୟ ସ୍ପେକ୍ଟ୍ରମ ପ୍ରାଇସ ସମସ୍ୟାର ସମାଧାନ ପାଇଁ ଏହା ତା'ର କାର୍ଯ୍ୟ ପରିସରକୁ ବଢ଼ାଇପାରେ ବୋଲି କୁହାଯାଉଛି। ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ସ୍ପେକ୍ଟ୍ରମ ନିଲାମ ଲାଗି ପ୍ରସ୍ତୁତ ହେବାକୁ ଥିବା ବାର୍ଷିକ କ୍ୟାଲେଣ୍ଡରକୁ ନିରୀକ୍ଷଣ କରିବ, ଯାହା ଟେଲିକମ୍ କମ୍ପାନୀଗୁଡ଼ିକୁ ବ୍ୟବସାୟିକ ଉପଯୋଗ ଲାଗି ପ୍ରଦାନ କରାଯାଇଥିବା କ୍ୱାଣ୍ଟମ୍ ସହ ସ୍ପେକ୍ଟ୍ରମ ଫ୍ରିକ୍ୱେନ୍ସିର ରୋଡମ୍ୟାପ ପ୍ରସ୍ତୁତ କରିପାରିବ ବୋଲି ଜଣାପଡ଼ିଛି। ମନ୍ତ୍ରଣାଳୟଗୁଡ଼ିକ (କମିଟିରେ ଯେଉଁସବୁ ମନ୍ତ୍ରଣାଳୟକୁ ସାମିଲ କରାଯାଇଛି) ମଧ୍ୟରେ ରହିଥିବା ସ୍ପେକ୍ଟ୍ରମ ସମ୍ବନ୍ଧିତ ବିଭିନ୍ନ ସମସ୍ୟାକୁ ଉକ୍ତ କମିଟି ଦୂର କରିବ । କେବଳ ଏତିକି ନୁହେଁ ସ୍ପେକ୍ଟ୍ରମ ନିଲାମ ପାଇଁ ପଥ ପରିଷ୍କାର କରିବାକୁ ସରକାରଙ୍କ ନିକଟରେ ଦାବି କରିଆସୁଥିବା ଟେଲିକମ୍ କମ୍ପାନୀଗୁଡ଼ିକର ବହୁ ଦିନର ଦାବିକୁ ମଧ୍ୟ ଏହା ପୂରଣ କରିବ । ଯୋଜନା ତଥା ସଂସାଧନ ଆବଣ୍ଟନ କ୍ଷେତ୍ରରେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବା ଲାଗି ଏହା କମ୍ପାନୀଗୁଡ଼ିକୁ ସାହାଯ୍ୟ କରିବ। ଏହା ମଧ୍ୟ ସେମାନଙ୍କ ନେଟୱାର୍କରେ ଯଥାସମ୍ଭବ ଉନ୍ନତି ଆଣିବା ସହ ନୂଆ ଜ୍ଞାନକୌଶଳ ଲାଗୁ କରିବାରେ ସହାୟକ ହୋଇପାରିବ ବୋଲି ଆଶା ସଞ୍ଚାର କରିଛି।

### କିଛି ଲାଭ ମିଳୁନି

ବର୍ଷର ଠିକ୍ ଏହି ସମୟରେ ନଡାପୋଡି ଯୋଗୁ ଉତ୍ତରଭାରତର ବାୟୁର ମାନ ଶୀଘ୍ର ନଷ୍ଟ ହୋଇଯାଏ । କୋଭିଡ୍ ମହାମାରୀରେ ବି ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ପଞ୍ଜାବ, ହରିୟାଣା,ଉତ୍ତରପ୍ରଦେଶ ଏବଂ ଦିଲ୍ଲୀରେ କୃଷକମାନେ ନଡା ପୋଡିବା ଯୋଗୁ ବାୟୁର ମାନ ଅଧିକ ଖରାପ ହେଉଛି। ପ୍ରତିବର୍ଷ ନଡ଼ାପୋଡି ରୋକିବା ଲାଗି ବହୁ ପଦକ୍ଷେପ ନିଆଯାଉଛି ଓ ମିଡିଆ ମଧ୍ୟ ଏହା ବିରୋଧରେ ସ୍ୱର ଉଠାଉଛି, ହେଲେ କିଛି ଲାଭ ମିଳୁନି। ଏ ବର୍ଷ ମଧ୍ୟ ନଡାପୋଡି ଆରମ୍ଭ ହୋଇଯାଇଛି। ପ୍ରତିବର୍ଷ ନଡାପୋଡି ଯୋଗୁ ଦିଲ୍ଲୀ ଏକ ଗ୍ୟାସ ଚାମ୍ବର ପାଲଟି ଯାଏ । ଏଣୁ ଏହାକୁ ଦୂର କରିବା ଲାଗି ଜରୁରୀ ପଦକ୍ଷେପ ଲୋଡା । ପଞ୍ଜାବ, ହରିୟାଣା,ଉତ୍ତରପ୍ରଦେଶ ଏବଂ ଦିଲ୍ଲୀରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ସାଂଘାତିକ ବିପଦ ସୃଷ୍ଟି କରୁଥିବା ନଡାପୋଡି ବନ୍ଦ କରିବାରେ ଏହି ରାଜ୍ୟଗୁଡ଼ିକର ବିଫଳତାକୁ ନେଇ ସୁପ୍ରିମକୋର୍ଟ ଗମ୍ଭୀରତା ପ୍ରକାଶ କରିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ମାମଲାର ପରବର୍ତ୍ତୀ ଶୁଣାଣିରେ ୪ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ହାଜର ହେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଘଟଣାରେ ଶୀର୍ଷକୋର୍ଟଙ୍କ ହସ୍ତକ୍ଷେପ ଯୋଗୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି। ଏହି ସମୟରେ ପଞ୍ଜାବ ଓ ହରୟାଣା ପ୍ରଶାସନ ବିଶେଷ କରି କେନ୍ଦ୍ରର ବିବାଦୀୟ କୃଷି ବିଧେୟକ ବିରୋଧରେ କୃଷକମାନଙ୍କ ପ୍ରତିବାଦକୁ ଶାନ୍ତ କରିବାରେ ବ୍ୟସ୍ତ ରହିଛି। ଦୁଇରାଜ୍ୟର ମୁଖ୍ୟ ଶାସନ ସଚିବ ମଧ୍ୟ ଏଥିରେ ସମ୍ପୂର୍ଣ୍ଣ ଲାଗି ଯାଇଛନ୍ତି। ବାବୁମାନେ ପୂର୍ବବର୍ଷଗୁଡ଼ିକ ଭଳି କୃଷକମାନଙ୍କୁ ନଡାପୋଡି ପାଇଁ ସତର୍କ କରିବା ସହ ଯେଉଁମାନେ ନଡାପୋଡିବେ ସେମାନଙ୍କଠାରୁ ଜରିମାନା ଆଦାୟ କରିବାର ଧମକ ଦେଉଥିଲେ ବି ଶୀତ ଆଗମନ ପୂର୍ବରୁ ଏବର୍ଷ ପୁଣି ଆମେ ବାୟୁ ପ୍ରଦୂଷଣ ଦେଖିବାକୁ ପାଇବା।

Email: dilipcherian@gmail.com

# ସମ୍ଭାବ୍ୟ ଡାକ୍ତରୀ ସଙ୍କଟ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଗୋଟିଏ ପ୍ରବାଦ ବହୁଳ ଭାବେ ପ୍ରଚଳିତ ଯେ, ପ୍ରତ୍ୟେକ ଜୀବ ନିଜ ଜୀବନ ବଞ୍ଚାଇ ରଖିବାକୁ ସର୍ବଦା ପ୍ରଥମ ଆବଶ୍ୟକତା ଭାବେ ବିଚାର କରନ୍ତି ଏବଂ ଏହା ବଜାୟ ରଖିବା ପାଇଁ ଯାହା କିଛି କରିବା ପ୍ରୟୋଜନୀୟ, ତାହା ବିନା ଦ୍ୱିଧାରେ କାର୍ଯ୍ୟକାରୀ କରିଥାନ୍ତି । ତେଣୁ ବିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଉପଦେଶ ଦିଆଯାଇଛି, କୌଣସି ପଶୁଟିଏ ମଧ୍ୟ ବିଷମ ପରିସ୍ଥିତିରେ ଯଦି ପଡିଥାଏ, ତାକୁ ଆକ୍ରମଣ କରନାହିଁ, ସେ ପ୍ରାଣ ପଣେ ନିଜକୁ ରକ୍ଷା କରିବା ପାଇଁ ହିଂସ୍ର ହୋଇ ଯେକୌଣସି କୌଶଳ ଓ ବଳ ପ୍ରୟୋଗ କରିବ ଏବଂ ଆକ୍ରମଣକାରୀକୁ ରାସ୍ତାରୁ ହଟାଇବ।

୧୦ ଜୁଲାଇ ୨୦୨୦ରେ ଦିଲ୍ଲୀରେ ଘଟିଥିବା ଗୋଟିଏ ଘଟଣା ଖବରକାଗଜରେ ମୁଦ୍ରିତ ହୋଇଥିଲା । ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟସେବା ଉପରେ ଏତାଦୃଶ ମତାମତରୁ ଅନ୍ୟ କୌଣସି ରୋଗୀର ମାନସିକତା ସମ୍ବନ୍ଧରେ ଧାରଣା କରି ହେବ । ବ୍ୟକ୍ତି ଜଣକ କୋଭିଡ-୧୯ ଦ୍ୱାରା ଆକ୍ରାନ୍ତ ବୋଲି ସେମିତି କୌଣସି ପରୀକ୍ଷିତ ପ୍ରମାଣ ନ ଥିଲା । ତେବେ ସେ ସ୍ୱାଦହୀନତା ଅନୁଭବ କରିବାରୁ କରୋନା ପରୀକ୍ଷା କରିବାକୁ ଆଗ୍ରହୀ ହେଲେ । ବତିଶ ବର୍ଷ ବୟସ୍କ ଏହି ଯୁବକ ଜଣକ ଇଏନ୍‌ଟି-ବିଶେଷଜ୍ଞଙ୍କ ନିକଟରେ ନିର୍ଧାର୍ଯ୍ୟ ସମୟରେ ଉପସ୍ଥିତ ହେଲେ। ତାଙ୍କ ଦେହରେ ଜ୍ୱର ଥିଲା । ଉଦ୍ଦିଷ୍ଟ କ୍ଲିନିକରେ ପହଞ୍ଚିବା ପରେ ପିପିଇ କିଟ୍ ଦ୍ୱାରା ଆବୃତ୍ତ କର୍ମଚାରୀ ଜଣକ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଲେ । କିନ୍ତୁ ଡାକ୍ତର ଖୋଲାରେ ବସି ନ ଥିଲେ । ସେ କାଚ ଘରେ ଥିଲେ । ବିଶେଷଜ୍ଞ ରୋଗୀ ସହିତ ସିଧାସଳଖ କଥା ହେଲେ ନାହିଁ । ଏପରି କି ରୋଗର ଇତିହାସ-ବିଷୟ ମଧ୍ୟ ନ ପଚାରି ତୁରନ୍ତ ପ୍ରେସକ୍ରିପସନ ଲେଖିଦେଲେ।

ଡାକ୍ତରଙ୍କ ଏହି ଆଚରଣରେ ରୋଗୀଟି ଅସନ୍ତୁଷ୍ଟ ହେଲେ। ସେ ଚାହୁଁଥିଲେ ଚିକିତ୍ସକ ଓ ପୀଡିତଙ୍କ ମଧ୍ୟରେ ଅଧିକ ଆନ୍ତରିକତା । ତେବେ ଏଥିପାଇଁ ବିଶେଷଜ୍ଞଙ୍କୁ ଆମେ ସମ୍ପୂର୍ଣ୍ଣ ଦୋଷ ଦେବା ଅଯଥାର୍ଥ। ନିଜ ଜୀବନ ସୁରକ୍ଷା ପାଇଁ ସତର୍କ ହେବା ପ୍ରତ୍ୟେକ ଜୀବର ଏକ ସହଜାତ ପ୍ରବୃତ୍ତି । ଏହା ଅନସ୍ୱୀକାର୍ଯ୍ୟ ଯେ, ସାଧାରଣ ସମୟରେ ରୋଗୀ ଓ ଚିକିତ୍ସକଙ୍କ ମଧ୍ୟରେ ଏମିତି ଖାପଛଡା ବ୍ୟବହାର ବା ବ୍ୟବଧାନ ପରିଦୃଷ୍ଟ ହୋଇ ନ ଥାନ୍ତା। କେତେକ ମହଲରୁ ଅଭିଯୋଗ ଆସେ ଯେ, କରୋନାର ବ୍ୟାପକତା ଦୃଷ୍ଟିରୁ ସନ୍ଦେହବଶତଃ ଡାକ୍ତରମାନେ ରକ୍ତଚାପ ମାପିବା, ହୃତ୍‌ସ୍ପନ୍ଦନ ନିର୍ଣ୍ଣୟ କରିବା, ଥର୍ମୋମିଟର ବ୍ୟବହାର କରିବା ଇତ୍ୟାଦି ଯନ୍ତ୍ରପାତି ଦରକାର ହେଲେ ମଧ୍ୟ ଏଥିରୁ ନିବୃତ୍ତ ରହନ୍ତି । ମୂଳ କାରଣ ହେଉଛି ସ୍ୱାସ୍ଥ୍ୟଗତ ରୋଗ ନିଦାନ କରିବା ସକାଶେ ସ୍ପର୍ଶର ଯେଉଁ ଆବଶ୍ୟକତା ରହିଛି, ସେମାନେ ସେଥିପ୍ରତି ବିମୁଖ । ପରିଣାମବଶତଃ ରୋଗୀର ବିଶ୍ୱାସ ବ୍ୟାଘାତ ହୁଏ । ସଂପ୍ରତି ଫୋନ ବା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯେଉଁ ଡାକ୍ତରୀ ପରାମର୍ଶ-ଧାରା ପ୍ରଚଳିତ, ଏହା ମଧ୍ୟ ଅନେକ ବ୍ୟକ୍ତି ନାପସନ୍ଦ କରନ୍ତି। ଏଥିରେ ପୀଡିତର ମନବୋଧ ହୋଇ ନ ଥାଏ।

ଏହି ମର୍ମରେ ଏମ୍ସ, ଦିଲ୍ଲୀର ମନୋଚିକିତ୍ସକ ବିଭାଗର ପ୍ରଫେସର ଡା.ରାଜେଶ ସାଗର କହିଛନ୍ତି ଯେ, କେବଳ ଔଷଧ ପତ୍ର ଦ୍ୱାରା ଚିକିତ୍ସା ନୁହେଁ, ଚିକିତ୍ସକଙ୍କ କଥାଭାଷା, ମୁଖଭଙ୍ଗୀ ଓ ଶରୀରର ଆପେକ୍ଷିକ ସ୍ଥିତି ସମ ପରିମାଣରେ ପ୍ରତ୍ୟୟ କରିବାକୁ ଆକ୍ରାନ୍ତମାନେ ଆଶା କରନ୍ତି । ଅବଶ୍ୟ ବେଳେ ବେଳେ ଜଣେ ଡାକ୍ତର ବିପଦ ମୁଣ୍ଡାଇବାକୁ ଆଗଭର ହେଲେ ମଧ୍ୟ ରୋଗୀ ମାସ୍କ ଦ୍ୱାରା ନିଜ ମୁହଁକୁ ଘୋଡାଇଥାଏ, ସେଥିରେ ପାରସ୍ପରିକ ଭାବ ବିନିମୟ ଦୁଃସାଧ ହୋଇଥାଏ।

ଅନ୍ୟ ସାଧାରଣ ୱାର୍ଡ ଅପେକ୍ଷା କୋଭିଡ୍ ୱାର୍ଡରେ ଭିନ୍ନ ପ୍ରକାର ବିଧି ଅନୁସୃତ ହୋଇଥାଏ । ପାଖାପାଖି ଦୁଇଟି ଶଯ୍ୟା ମଧ୍ୟରେ ଅତି କମ୍‌ରେ ଗୋଟିଏ ମିଟର ଦୂରତା ରହିବା ଆବଶ୍ୟକ । ତତ୍ ସହ ପ୍ରତ୍ୟେକ ରୋଗୀ ଅହର୍ନିଶ ତ୍ରିସ୍ତରୀୟ ସର୍ଜିକାଲ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଅନ୍ୟ ସାଧାରଣ ୱାର୍ଡରେ ସାନ୍ନିଧ୍ୟ ଯୋଗୁ ରୁଗ୍‌ଣ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଖୋଲାରେ କଥା ଭାଷା କରିପାରୁଥିଲେ । ଫଳରେ ସେମାନଙ୍କ ଜ୍ଞାତି କୁଟୁମ୍ବ କେହି ନ ଆସିଲେ ମଧ୍ୟ ସେମାନେ ମନକୁ ସାନ୍ତ୍ୱନା ଦେଉଥିଲେ ଯେ, ସେମାନଙ୍କ ପରି ସମାଜରେ ଏମିତି ବହୁତ ସଂଖ୍ୟକ ଆକ୍ରାନ୍ତ ମଧ୍ୟ ଅଛନ୍ତି । ପୀଡିତ ଜଣକ ବିଚଳିତ ହେଉ ନ ଥିଲେ ଯେ ସେ ଦୁନିଆରେ କେବଳ ହେଉଛି ଏକମାତ୍ର ଜଣେ, ଯିଏ କି ଏମିତି ଯନ୍ତ୍ରଣାର ଶିକାର । କିନ୍ତୁ କରୋନା ୱାର୍ଡରେ ଏମିତି ମନୋଭାବରୁ ରୋଗୀମାନେ ବଞ୍ଚିତ । ସେମାନେ ଜ୍ଞାତି କୁଟୁମ୍ବ, ବନ୍ଧୁ ବାନ୍ଧବ ଇତ୍ୟାଦିଙ୍କ ଶ୍ରଦ୍ଧାରୁ ବଞ୍ଚିତ।

ଏମ୍ସର ଗୋଟିଏ ଗବେଷକ-ଗ୍ରୁପ 'ଏସିଆନ ଜର୍ନାଲ ଅଫ ସାଇକିଆଟ୍ରି'ରେ ଗୋଟିଏ ନିବନ୍ଧ ପ୍ରକାଶ କରିଛନ୍ତି । ସେଥିରେ ଜୋର ଦିଆଯାଇଛି ଯେ, ଅଣ କୋଭିଡ୍‌ଙ୍କ ପରି କରୋନା ପୀଡିତଙ୍କ ପାଇଁ ମଧ୍ୟ ଚିକିତ୍ସକଙ୍କ ସ୍ପର୍ଶ ଅତ୍ୟାବଶ୍ୟକ । ଏଥିରେ ସଂକ୍ରମିତ ହୋଇଥିବା ବ୍ୟକ୍ତିଟିର ଆତ୍ମବିଶ୍ୱାସ, ମନୋବଳ ଦୃଢ ହୁଏ ଓ ନିଶ୍ଚିତ ତଥା ଶୀଘ୍ର ଆରୋଗ୍ୟ ହେବା ଉତ୍ସାହ ତାକୁ ସତେଜ ରଖେ । ସେହି ପତ୍ରିକାରେ ଚଣ୍ଡିଗଡର ପିଜି ଆଇଏମଇଆର କିଛି ଅନୁସନ୍ଧାନକାରୀ ଦୃଢ଼ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ, କରୋନାର ପ୍ରକୋପ ଓ ପ୍ରଭାବ କେବଳ ଶରୀର ମଧ୍ୟରେ ସୀମିତ ନୁହେଁ, ଏହାଦ୍ୱାରା ଜଣେ ବ୍ୟକ୍ତି ମାନସିକ ସ୍ତରରେ ମଧ୍ୟ ଅସୁସ୍ଥ ହୋଇଥାଏ।

ତେବେ ଯେଉଁ ଡାକ୍ତର ଏହି ଦିଗ ବିଷୟରେ ଚିନ୍ତିତ ହୋଇ ପୀଡିତର ନିକଟତର ହୋଇଥାନ୍ତି ଏବଂ ସାଧାରଣ ୱାର୍ଡ ପରି ଆବଶ୍ୟକ ସ୍ପର୍ଶ କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି, ସେମାନେ ହୁଏତ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତେଣୁ କରୋନା ୱାର୍ଡରେ କାର୍ଯ୍ୟରତ ଥିବା ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଏକ ବିପଦସଂକୁଳ କାର୍ଯ୍ୟରେ ନିୟୋଜିତ ବୋଲି ବିବେଚନା କରିବା ଅତ୍ୟୁକ୍ତି ହେବ ନାହିଁ । ବାସ୍ତବିକ ଏହା ଯୁଦ୍ଧ କ୍ଷେତ୍ରରେ କର୍ମରତ ଯୋଦ୍ଧାର ସମ୍ମାନ ପାଇବାକୁ ଯୋଗ୍ୟ। ତେଣୁ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଯୋଦ୍ଧା ଭାବେ ବିବେଚନା କରିବା ଯଥାର୍ଥ।

କିନ୍ତୁ କ୍ଷୋଭର ବିଷୟ ଯେ, ୧୭ ସେପ୍ଟେମ୍ବର ୨୦୨୦ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନ କୋଭିଡ୍-୧୯ର ଚିକିତ୍ସା କରୁଥିବା ବେଳେ ପ୍ରାଣବଳି ଦେଇଥିବା ଡାକ୍ତରମାନଙ୍କ ସମ୍ପର୍କରେ ପାର୍ଲାମେଣ୍ଟରେ ଗୋଟିଏ ପଦ ମଧ୍ୟ ଉଲ୍ଲେଖ କରି ନ ଥିଲେ। ଏପରି କି କେନ୍ଦ୍ର ସ୍ୱାସ୍ଥ୍ୟ ରାଜ୍ୟମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ପାର୍ଲାମେଣ୍ଟର ମୃତକଙ୍କ ପରିସଂଖ୍ୟାନ ଉପଲବ୍ଧ ନୁହେଁ ବୋଲି କହିବା ସହ ସଫେଇ ଦେଇଥିଲେ ଯେ, ସ୍ୱାସ୍ଥ୍ୟ ହେଉଛି ରାଜ୍ୟମାନଙ୍କ ତାଲିକାଭୁକ୍ତ ଏକ ବିଷୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନାହିଁ।

ଏହି ବିବୃତି ଭାରତୀୟ ଭେଷଜ ସଂଘ (ଆଇ.ଏମ୍.ଏ)କୁ ବିବ୍ରତ କରିଥିଲା। ତାଙ୍କର ଜଣେ ମୁଖପାତ୍ର ଏହି କାରଣରୁ ୩୮୨ ଜଣ ଡାକ୍ତର ପ୍ରାଣ ହରାଇ ଥିବା ଏକ ତାଲିକା ଉପସ୍ଥାପନ କରିଥିଲେ, ଯେଉଁଥିରେ ସେମାନଙ୍କ ଠିକଣା ମଧ୍ୟ ଦର୍ଶାଯାଇଥିଲା । ସେଥିରେ କ୍ଷୋଭ ପ୍ରକଟିତ ହୋଇଛି ଯେ, ସରକାର ମହାମାରୀ ଆଇନ ୧୮୯୭ ଓ ଦୁର୍ବିପାକ ପରିଚାଳନା ଆଇନ ପ୍ରତି ଆଖିବୁଜି ଦେଇ ନିଜ ଦାୟିତ୍ୱ ମୁଣ୍ଡରୁ ଖସାଇ ଦେବାକୁ ଚେଷ୍ଟା କରିଛନ୍ତି। ତୁଳନାତ୍ମକ ଭାବେ ଅନ୍ୟ ଦେଶରେ ଏହି ମୃତ୍ୟୁ ହାର ଏତେ ଅଧିକ ନୁହେଁ ବୋଲି ଦାବି କରାଯାଇଥିଲା । ଏପଟେ ସମ୍ମୁଖ କରୋନା ଯୁଦ୍ଧରେ ସଂଗ୍ରାମୀ ଭାବେ ସରକାର ସାବାସି ଦେଉଥିବା ବେଳେ ସେମାନଙ୍କୁ ବାସ୍ତବ କ୍ଷେତ୍ରରେ ଅବହେଳା କରାଯାଉଛି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନାହିଁ।

୨୦୧୧ରେ 'କନ୍‌ସ୍କେରେସି ଅଫ ଫ୍ରେଣ୍ଡସ' ପୁସ୍ତକର ବ୍ରିଟିଶ ରଚୟିତା ଆଲେକ୍‌ଜାଣ୍ଡାର ମ୍ୟାକ୍ କାଲ ସ୍ମିଥ (ଜନ୍ମ ୧୯୪୮) ଏମିତି ଏକ ନୈତିକ ସଙ୍କଟ ବିଷୟରେ ଗୋଟିଏ ମନ୍ତବ୍ୟ ଦେଇଛନ୍ତି। ପ୍ରକାଶଥାଉ କି, ଏଡିନବରା ବିଶ୍ୱବିଦ୍ୟାଳୟରେ ସେ ଏମିରିଟସ ପ୍ରଫେସର ଭାବେ କାର୍ଯ୍ୟରତ ଏବଂ ମେଡିକାଲ ଲ' ଓ ବାଇଓଏଥିକ୍ସ ବିଷୟରେ ପ୍ରବୀଣ। ତାଙ୍କର ବକ୍ତବ୍ୟ ହେଉଛି ଦେଶର ଭାଗ୍ୟ ସହ ଜଡ଼ିତ ସାମ୍ରଗିକ ଲାଭକ୍ଷତି ସମ୍ବଳିତ ଆଶଙ୍କା ହେଉ କିମ୍ବା ଜଣେ ଦୁଇଜଣ ବ୍ୟକ୍ତିର ସୁଖ ସହ ସମ୍ପୃକ୍ତ ହେଉ, ନୈତିକ ବିଚାର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ। ଜଣେ କର୍ତ୍ତବ୍ୟରତ ଚିକିତ୍ସକ ବେଳେ ବେଳେ ଏମିତି ଅସାମାନ୍ୟ ବିଷମ ପରିସ୍ଥିତିର ସମ୍ମୁଖୀନ ହେବା ଆଶ୍ଚର୍ଯ୍ୟଜନକ ହୋଇ ନ ପାରେ।

ବଡଖେମୁଣ୍ଡି ବଙ୍ଗଳା, ବ୍ରହ୍ମପୁର,
ମୋ:୯୪୩୭୦୨୬୬୫୧

# ସରକାର

ଡ. ସୁବାସ ଚନ୍ଦ୍ର ପାତ୍ର

ନିକଟରେ ସୁପ୍ରିମକୋର୍ଟ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ବର୍ତ୍ତମାନ ସମୟରେ ସବୁଠୁ ବେଶି ଅପବ୍ୟବହୃତ ବୋଲି ମନ୍ତବ୍ୟ ଦେଇଛନ୍ତି। ଠିକ୍ ସେହିପରି ସରକାରୀ ବ୍ୟବସ୍ଥାରେ 'ସରକାର' ଶବ୍ଦଟି ସବୁଠୁ ବେଶି ଅପବ୍ୟବହୃତ ଏବଂ ସମୟକ୍ରମେ ଏହା ଅପାରଗତା, ଅବହେଳା, ଦୁର୍ନୀତି ଓ ଅହଂକାରର ସମାର୍ଥବୋଧକ ଶବ୍ଦରେ ପରିଣତି ହୋଇଛି।

ସରକାର ଏକ ମହାନ୍ ଅମୂର୍ତ୍ତ ଅନୁଷ୍ଠାନ । ଯେହେତୁ ଏହା ଅଦୃଶ୍ୟ ଏବଂ ମଣିଷଦ୍ୱାରା ଏହା ଗତିଶୀଳତା ଲାଭକରେ, ଏହା ପଛରେ ଥିବା ମଣିଷମାନେ ହିଁ ଏହାର ମହନୀୟତା ଅପହରଣ କରି ନେଇଛନ୍ତି । ଅବଶ୍ୟ ଏକ ସମୟରେ ସରକାରର ଅନ୍ୟନାମ ଥିଲା ବିଶ୍ୱାସ, ଭରସା, ନିର୍ଭରଶୀଳତା ଓ ଜନକଲ୍ୟାଣ । ଲୋକେ ସରକାରୀ ଅନୁଷ୍ଠାନକୁ ସମ୍ମାନର ସହ ଦେଖୁଥିଲେ । ପରିବହନ ହେଉ ଅବା ଶିକ୍ଷା ଅବା ସ୍ୱାସ୍ଥ୍ୟ, ଘରୋଇ ବିକଳ୍ପ ଥିଲେ ବି ଲୋକେ ସରକାରୀ ବ୍ୟବସ୍ଥାକୁ ପ୍ରଥମ ପସନ୍ଦର ମାନ୍ୟତା ପ୍ରଦାନ କରୁଥିଲେ । ୮୦ ଦଶକ ପରେ ପରେ ସ୍ଥିତି ବଦଳିବାକୁ ଲାଗିଲା । ସରକାରୀ ଚକ୍ରାନ୍ତରେ ସରକାରୀ ପରିବହନ ଭୁଶୁଡ଼ି ପଡ଼ିଲା । ସରକାରୀ ବସଗୁଡ଼ିକ ଯାହା ଦିନେ ସ୍ୱାଭିମାନ ଓ ଗୁଣବତ୍ତାର ପ୍ରତୀକ ଥିଲା, ଆସ୍ତେ ଆସ୍ତେ ସେଗୁଡ଼ିକ ଦୟନୀୟ ଦେଖାଯାଇ ଜନସାଧାରଣଙ୍କ ଥଟ୍ଟାର ସାମଗ୍ରୀ ପାଲଟିବା କ୍ରମରେ ଏହା ଏକ ବୀଭତ୍ସ ସନ୍ତକରେ ପରିଣତ ହେଲା। ଅର୍ଥାତ୍ 'ସରକାର' କହିଲେ ଲୋକେ ସରକାରୀ ବସକୁ ଉଦାହରଣ ହିସାବରେ ପରିବେଷଣ କଲେ । ଅନ୍ୟାନ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଯେପରି ସ୍କୁଲ, କଲେଜ, ହସ୍‌ପିଟାଲ ଧୀରେ ଧୀରେ ସରକାରୀ ବସର ପଦାଙ୍କ ଅନୁସରଣ କଲା । ଲୋକେ ଥଟ୍ଟା କରିବାକୁ ପାଦେ ଆଗେଇ ଯାଇ ସରକାରୀ ବସକୁ ସରକାରୀ ଘର ସହ ତୁଳନା କଲେ, ଯାହାର ବାହାର ରଙ୍ଗ କାଇମାଟିର ପ୍ରଲେପରେ ଈଷତ୍ ହଳଦିଆ, ଭିତର ଚୂନଧଉଳା, ସାମାନ୍ୟ ନୀଳବଡ଼ି ସହିତ।

ସରକାରଙ୍କ ଏହି ପ୍ରକାର ବାହ୍ୟଚିତ୍ର ପ୍ରଦର୍ଶିତ ହେଉଥିଲାବେଳେ, ସରକାରୀ ଅଫିସଗୁଡ଼ିକରେ 'ସରକାର' ଶବ୍ଦର ବ୍ୟାପକ ନକାରାତ୍ମକ ବ୍ୟବହାର ହେବାକୁ ଲାଗିଲା, ଯାହା ସ୍ଥଳବିଶେଷରେ ଏତେ ବେଦନାଦାୟକ ହେଲା ଯେ ଲୋକେ ସରକାର ବ୍ୟବସ୍ଥାଠୁ ମୁହଁ ଫେରାଇବାକୁ ଲାଗିଲେ । ପେନ୍‌ସନ ହେଉ ଅବା ରିଲିଫ ପାଣ୍ଠିରୁ ସାହାଯ୍ୟ ହେଉ ଅବା ଜରୁରୀ ସ୍ୱାସ୍ଥ୍ୟଗତ କାରଣରୁ ବଦଳିର ପ୍ରାର୍ଥନା ହେଉ କୌଣସି ସରକାରୀ ଅଫିସ ଗଲେ ଉତ୍ତର ମିଳିଲା, ଆମେ ଆପଣଙ୍କ ଦରଖାସ୍ତ/ଫାଇଲ 'ସରକାର'ଙ୍କ ପାଖକୁ ପଠେଇ ଦେଇଛୁ । ତା'ପରେ ଯଦି ପ୍ରଶ୍ନ କରାଯାଏ, କେତେଦିନ ଲାଗିବ କାମ ହେବାକୁ ବା ପ୍ରକୃତରେ ଏହି କାମ ବିଭାଗର, କେଉଁ ସ୍ତରରେ ସମ୍ପାଦିତ ହେବ? ସବୁବେଳେ ଏକ ରୁକ୍ଷ, ନିଷ୍ଠୁର ଉତ୍ତର ମିଳେ, 'ଆମେ ଜାଣିନୁ; ସେ କଥା କହି ହେବନି ।' 'ସରକାର' ଶବ୍ଦଟିକୁ ସରକାରୀ କର୍ମଚାରୀମାନେ ପରଦା ବା ଢାଲ୍ଲୁ ହିସାବରେ ବ୍ୟବହାର କଲେ। ଅର୍ଥାତ୍ ନିଜର ଅପାରଗତା, ଉଦାସୀନତା, ଅବହେଳାକୁ ଆଚ୍ଛାଦିତ କରିବାକୁ ସେମାନେ 'ସରକାର ଜାଣନ୍ତି', 'ସରକାର ଯାହା କରିବେ' ଇତ୍ୟାଦି କହି ଜନସାଧାରଣଙ୍କୁ ଭଣ୍ଡାଇଲେ, ପୁଣି କେତେବେଳେ 'ସରକାର' ଶବ୍ଦଟିଏ ବ୍ୟବହାର କରି ନିଜ ଉପସ୍ଥିତିରୁ ଗୁହାରିକାରୀଙ୍କୁ ଖାଡୁମାରି ତଡ଼ିଦେବା ପରି ବ୍ୟବହାର କଲେ । ଅଥଚ ପଦସ୍ଥ ଅଫିସରମାନେ 'ସରକାର' ଶବ୍ଦଟିର ଏ ପ୍ରକାର ବ୍ୟବହାର ଜନସାଧାରଣଙ୍କୁ କି ପ୍ରକାର ହତାଶ କରୁଛି, ଯନ୍ତ୍ରଣା ଦେଉଛି, ବେଳେବେଳେ ମୃତ୍ୟୁର କାରଣ ପାଲଟୁଛି ତାହା ପରଖିବାକୁ କେବେ ଚେଷ୍ଟା କଲେ ନାହିଁ । ବରଂ କର୍ମଚାରୀମାନଙ୍କ ଆନ୍ଦୋଳନ ବା କିଛି ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ ବେଳେ ଚତୁରତାର ସହ ପରିସ୍ଥିତି କବଳରୁ ଖସିଯିବା ପାଇଁ ସେମାନେ ମଧ୍ୟ ତଳିଆ କର୍ମଚାରୀ ପରି 'ସରକାର' 'ସରକାର' କହିବାକୁ ଲାଗିଲେ । ଏହି 'ସରକାର' ଶବ୍ଦଟିକୁ ନେଇ ଏତେ ବିଭ୍ରାନ୍ତି ସୃଷ୍ଟି ହେଲା ଯେ, ଓଡ଼ିଶା ହାଇକୋର୍ଟ ଏକ ମାମଲାର ବିଚାର କରି ସ୍ପଷ୍ଟୀକରଣ ଦେଲେ ଯେ ସର୍ବନିମ୍ନ କର୍ମଚାରୀ ପାଖରୁ ମୁଖ୍ୟସଚିବ ପର୍ଯ୍ୟନ୍ତ ସମସ୍ତେ କର୍ମଚାରୀ ; ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ, ଯେଉଁମାନେ ଶେଷ ସିଦ୍ଧାନ୍ତ ନେଇ ପାରିବେ, ସେମାନେ ହେଲେ ସରକାର। ଅଥଚ ସବୁ ସରକାରୀ କର୍ମଚାରୀ ନିଜକୁ ସରକାର ବୋଲାଉଛନ୍ତି । ଏମାନଙ୍କ ଭିତରେ ଅର୍ଥବିଭାଗ ନିଜକୁ 'ଅଧିକ ସରକାର' ବୋଲି ଭାବେ। ଅନେକ ସମୟରେ ଦେଖାଯାଏ ଶିକ୍ଷା ବିଭାଗର ଜରୁରୀ ଖର୍ଚ୍ଚକୁ ଅର୍ଥ ବିଭାଗ ବିରୋଧ କରୁଥିଲାବେଳେ ଭୋଟବ୍ୟାଙ୍କ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଫାଲତୁ ଖର୍ଚ୍ଚପାଇଁ ସେହି ଅର୍ଥବିଭାଗ ସମ୍ବଳ ଠାବ ଅବା ସଂଗ୍ରହର ନୂତନ ଫର୍ମୁଲା ଅତି ତତ୍ପରତାର ସହ ପ୍ରକାଶ କରନ୍ତି। ସରକାର ଓ ସରକାରୀ ବ୍ୟବସ୍ଥାକୁ ନେଇ ଯାବତୀୟ ନକାରାତ୍ମକ ଟିପ୍ପଣୀ ସତ୍ତ୍ୱେ କର୍ମଚାରୀ ତଥା ଉଚ୍ଚ କର୍ତ୍ତୃପକ୍ଷଙ୍କ ବ୍ୟବହାରରେ କିଛି ପରିବର୍ତ୍ତନ ହୋଇନାହିଁ।

ଆଦର୍ଶ ଦୃଷ୍ଟିକୋଣରୁ ସରକାରଙ୍କ ବିକଳ୍ପ ନାହିଁ । ସରକାର ଯାହା କରିବେ କୌଣସି ଘରୋଇ ଉଦ୍ୟୋଗ ବା ସଂସ୍ଥା ତାହା କରିବ ନାହିଁ । ସରକାର ପ୍ରକୃତରେ ଏକ କଲ୍ୟାଣକାରୀ ଅନୁଷ୍ଠାନ ଯାହା ଲାଭକ୍ଷତି ଦେଖେ ନାହିଁ । ସରକାରୀ ବ୍ୟବସ୍ଥାକୁ ନେଇ ଜନମାନସରେ ସୃଷ୍ଟି ହୋଇଥିବା ଏହି ପ୍ରତିକୂଳାତ୍ମକ ଚିତ୍ରର ଛାଇରୁ ସରକାରଙ୍କୁ ବାହାରି ଆସିବାକୁ ପଡ଼ିବ । ସରକାର କହିଲେ ଯେଉଁ ଅପାରଗତା, ଅବହେଳା, ଭ୍ରଷ୍ଟାଚାର, ଅବିନ୍ୟସ୍ତ ଭାବର ଚିତ୍ର ମନକୁ ଆସୁଛି, ସେଥିରୁ ମୁକୁଳିବାର ବାଟ ବାହାର କରିବାକୁ ପଡ଼ିବ । ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଇଁ ପ୍ରମାଣ କରିବାକୁ ପଡ଼ିବ, ସରକାରୀ ଅଫିସ ଭିତରେ ତଥା ବାହାରେ ସୁନ୍ଦର ; ସରକାରୀ କର୍ମଚାରୀମାନେ ସ୍ୱଚ୍ଛ, ନିଷ୍ଠାପର ତଥା ଦକ୍ଷ ; ସରକାରୀ ନିଷ୍ପତ୍ତି ନିରପେକ୍ଷ, ଯୁକ୍ତିଯୁକ୍ତ ତଥା ଦ୍ରୁତ । ବାହ୍ୟରୂପ ଦୃଷ୍ଟିରୁ ରାଜଧାନୀସ୍ଥ ନୂତନ କୃଷିଭବନ ବା ପୋଲିସ କମିଶନରେଟ କୋଠା ଜନସାଧାରଣଙ୍କ ଯଥେଷ୍ଟ ପ୍ରଶଂସା ସାଉଁଟେ। ଏବେ ବି ଅନେକ ସଚ୍ଚୋଟ, ନିଷ୍ଠାପର, ସାଧୁ କର୍ମଚାରୀ ଅଛନ୍ତି ଯେଉଁମାନଙ୍କୁ ଉତ୍ସାହିତ କରି ଆଗକୁ ଆଣିଲେ ସେମାନେ ସରକାରଙ୍କ ପାଇଁ ଜନସାଧାରଣଙ୍କ ମହଲରେ 'ରାଷ୍ଟ୍ରଦୂତ' ପାଲଟି ପାରିବେ । ଲୋକେ ସେମାନଙ୍କୁ ଦେଖି, ସେମାନଙ୍କ ସେବା ଲାଭ କରି ସରକାରଙ୍କୁ ତଉଲିବାକୁ ଲାଗିବେ । ନିକଟରେ ଜେଇ ମେନ୍ ବା ନିଟ୍ ପ୍ରବେଶିକା ପରୀକ୍ଷା ଦେବାପାଇଁ ମନୋନୀତ ଛାତ୍ରୀଛାତ୍ରମାନଙ୍କ ନିରାପଦ ପରିବହନ, ରହଣି, ଖାଦ୍ୟପେୟର ବ୍ୟବସ୍ଥା କରି ସରକାର ଯେଉଁ ଉତ୍ତମ ପଦକ୍ଷେପଟି ନେଲେ ସେହି ପ୍ରକାର ପଦକ୍ଷେପ ଏକ ବିରଳ ଉଦାହରଣ ହୋଇ ରହିଯିବା ଉଚିତ ନୁହେଁ। ବରଂ ଅନ୍ୟାନ୍ୟ ସେହିପ୍ରକାର ପଦକ୍ଷେପ ନେଇ ପ୍ରମାଣ କରିବାକୁ ପଡ଼ିବ ସରକାର ହିଁ ଜନସାଧାରଣଙ୍କ ଅନ୍ତିମ ସାହା, ଭରସା।

ଅପବ୍ୟବହୃତ ଅବସ୍ଥାରେ 'ସରକାର' ଶବ୍ଦ ଏକ ଯନ୍ତ୍ରଣା, ସମୟ କିଣିବା ପାଇଁ ଏକ ଆୟୁଧ ଏବଂ ପଳାୟନବାଦର ଏକ ନମୁନା। କିନ୍ତୁ ସରକାରଙ୍କୁ ସରକାର ଏକା ବଞ୍ଚେଇ ପାରିବେ ନାହିଁ । ଯେହେତୁ ସରକାର ମାନବଚାଳିତ, ସରକାରୀ କର୍ମଚାରୀ ତଥା ଜନ ସାଧାରଣ ଉଭୟଙ୍କ ଲୋକଚରିତ୍ର ନ ବଦଳି ଯାଏ ଏହା ସମ୍ଭବ ନୁହେଁ। ତେବେ ଜନସାଧାରଣ ସେମାନଙ୍କ ଅଧିକାର ବିଷୟରେ ସଚେତନ ; ସେମାନେ ସମାଲୋଚନାପ୍ରବଣ କିନ୍ତୁ କର୍ତ୍ତବ୍ୟ ପରାୟଣ ନୁହନ୍ତି। ତେଣୁ ସରକାର ଅଧିକ ସକ୍ରିୟ ହୋଇ ପ୍ରଥମ ପାଦ ବଢ଼େଇ ଜନସାଧାରଣଙ୍କ ବିଶ୍ୱାସଭାଜନ ହେଲେ ହୁଏତ ସର୍ବସାଧାରଣ ମଧ୍ୟ ସେମାନଙ୍କ ବ୍ୟବହାର ତଥା ଚିନ୍ତନରେ ପରିବର୍ତ୍ତନ ଆଣିବେ। ନଚେତ ସାମୂହିକ ଜନତାଙ୍କୁ ଖାଲି ଅନୁତାପ କରିବାକୁ ପଡ଼ିବ କାରଣ ରାଜନୀତି ବିଜ୍ଞାନରେ କଥାଟିଏ ଅଛି ଲୋକେ ସେହି ସରକାର ପାଆନ୍ତି, ଯେଉଁଥି ପାଇଁ ସେମାନେ ଯୋଗ୍ୟ!

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର,
ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

କୋଭିଡ୍ ମହାମାରୀରେ ଜୀବନ ସଙ୍କଟରେ ପଡିଯାଇଛି। ବିଶେଷକରି ପିଲାମାନେ ପାଠପଢାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନ୍‌ଲାଇନ୍‌ରେ ପଢୁଥିଲେ ବି କେବେ ସେମାନେ ସ୍କୁଲକୁ ଯିବେ ତାହା କହିହେଉନି। ହେଲେ ଅନ୍‌ଲାଇନ ଶିକ୍ଷାରୁ ଗାଁର ଗରିବ ପିଲାମାନେ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଅପରପକ୍ଷରେ ନେଟ୍‌ୱାର୍କ ବି ବହୁ ସ୍ଥାନରେ ଉପଲବ୍ଧ ହେଉନାହିଁ। ଏଭଳି ପରିସ୍ଥିତିକୁ ଠିକ୍ ଭାବେ ଉପଲବ୍ଧି କରିଛନ୍ତି ଜମ୍ମୁକଶ୍ମୀରର ରଶ୍ମି ଶର୍ମା । ଜମ୍ମୁ ନିକଟବର୍ତ୍ତୀ ଫଡି ଗାଁର ଏହି ନବବିବାହିତ ମହିଳା ଜଣକ ଘର ଘର ବୁଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ରଶ୍ମି ଜମ୍ମୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଜମ୍ମୁରେ ସେ ଏକ କୋଚିଂ କ୍ଲାସ୍ ଚଳାଉଥିଲେ। ବିବାହ ପରେ କରୋନା ମହାମାରୀ ସଂକ୍ରମଣ ବଢିବା ଯୋଗୁ ସେ ଜମ୍ମୁରୁ ତାଙ୍କ ସ୍ୱାମୀଙ୍କ ସହ ଗାଁକୁ ଫେରି ଆସିଥିଲେ। ଗାଁରେ ଅତ୍ୟନ୍ତ ପଛୁଆ ହୋଇଥିବାରୁ ସେଠାରେ ପିଲାମାନେ ଅନ୍‌ଲାଇନଶିକ୍ଷାରୁ ବଞ୍ଚିତ ହେଉଥିବା ଦେଖି ସେମାନଙ୍କୁ ପଢାଇବା ଆରମ୍ଭ କରିଛନ୍ତି। ଘରଘର ବୁଲି ସବୁ ପିଲାଙ୍କୁ ମାଗଣାରେ ପଢାଉଛନ୍ତି। ଗାଁର ମହିଳାମାନେ ପାଠ ପଢି ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜାନ ସମ୍ପର୍କରେ ଜାଣିପାରୁନାହାନ୍ତି। ଏଣୁ ରଶ୍ମି ସେମାନଙ୍କୁ ବି ପଢାଉଛନ୍ତି।

## ଚିରନ୍ତନୀ

ସେ କିବା ମୋହରି ଆଶେ
ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ
ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି।
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 2 | | | 6 | C | | | | | 4 | | | B |
| | | | C | | 9 | | 4 | | | | B | | | 8 |
| C | D | 0 | | | | | A | | | | 7 | | 6 | |
| | 7 | | | | | | | | 3 | | | | 2 | 9 |
| | | | 5 | | | | 7 | | | C | D | 1 | 4 | |
| | 6 | | E | 5 | 7 | | 9 | | 2 | | 3 | | A | |
| | B | E | D | | | | 3 | | | | | | | 1 |
| 7 | | | A | | | | C | 6 | | 0 | | | | |
| | | | | B | | | | | 1 | | | 2 | | 7 |
| | | | | | | 0 | | 5 | | B | | | 8 | |
| 6 | | B | | 9 | | | | | 0 | 5 | | E | | |
| | | 5 | | | C | 2 | | | | | | 7 | | A |
| 0 | 4 | 8 | | | B | | | | | 9 | 1 | | 5 | |
| | | | | 3 | | | D | 4 | | | | | | |
| | | D | | | 1 | | | | E | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | 2 | 1 | 7 | 5 | D | 4 | 8 | 3 | B | A | 9 | 6 | E |
| 5 | 7 | B | D | 9 | 4 | A | E | 2 | 0 | 8 | 6 | 3 | 1 | C |
| 9 | E | 1 | 6 | C | B | 3 | 7 | 0 | 5 | D | 2 | 8 | A | 4 |
| 4 | 8 | A | 0 | E | 3 | 5 | 6 | 9 | C | 7 | 1 | B | 2 | D |
| 3 | D | 6 | 2 | 8 | A | B | C | 1 | 4 | E | 9 | 7 | 0 | 5 |
| 1 | 0 | 7 | 9 | 3 | 2 | C | B | 5 | D | 6 | E | 4 | 8 | A |
| A | 9 | C | E | 5 | 1 | 6 | 8 | 3 | 7 | 2 | 4 | 0 | D | B |
| 8 | 3 | D | 7 | B | 0 | 2 | A | 4 | 1 | 5 | C | E | 9 | 6 |
| 2 | B | 4 | C | D | 6 | 7 | 9 | E | 8 | A | 0 | 1 | 5 | 3 |
| 6 | 5 | E | A | 4 | 8 | 1 | 0 | D | 9 | 3 | B | C | 7 | 2 |
| 7 | 1 | 5 | 4 | 0 | D | 9 | 2 | B | 6 | C | 3 | A | E | 8 |
| C | 4 | 3 | 5 | 6 | 7 | E | 1 | A | 2 | 0 | 8 | D | B | 9 |
| D | 6 | 9 | 8 | A | E | 4 | 5 | C | B | 1 | 7 | 2 | 3 | 0 |
| B | A | 8 | 3 | 2 | 9 | 0 | D | 7 | E | 4 | 5 | 6 | C | 1 |
| E | 2 | 0 | B | 1 | C | 8 | 3 | 6 | A | 9 | D | 5 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉପଯୁକ୍ତ ଚିକିତ୍ସା କରାଯାଉ

ମହାଶୟ,

ମହାମାରୀ କରୋନା ସାରା ବିଶ୍ୱକୁ କବଳିତ କରିଛି। ଆମ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ଏବେ କମିବା ଲକ୍ଷ୍ୟ କରାଯାଇଛି। ଅନେକଙ୍କର ମଧ୍ୟ ମୃତ୍ୟୁ ହେଲାଣି। ସରକାର କରୋନା ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ଖୋଲିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଚିହ୍ନଟ ଲାଗି ସରକାରୀ କର୍ମଚାରୀମାନେ ଘର ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି। ଉତ୍ତମ ଚିକିତ୍ସା ଯୋଗୁଁ ଅନେକ ମଧ୍ୟ ସୁସ୍ଥ ହେଲେଣି। ଏପର୍ଯ୍ୟନ୍ତ କରୋନା ପାଇଁ ଔଷଧ ଓ ଟୀକା ବାହାରିଥିଲେ ମଧ୍ୟ ତା'ର ପରୀକ୍ଷା ନିରୀକ୍ଷା ଚାଲିଛି। କିନ୍ତୁ ପରିତାପର ବିଷୟ ସାଧାରଣ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଥିବାର ଅଭିଯୋଗ ଆସୁଛି। ସଂକଟାପନ୍ନ ରୋଗୀଙ୍କୁ ଡାକ୍ତରଖାନାରେ ରଖି ଚିକିତ୍ସା କରିବାକୁ ସରକାରୀ ଓ ବେସରକାରୀ ଚିକିତ୍ସାଳୟ ଆଇସିୟୁର ଅଭାବ ଦର୍ଶାଇ ମନାକରି ଫେରାଇ ଦେଉଛନ୍ତି। ଫଳରେ ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀମାନେ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ନିକଟ ଅତୀତରେ ଜଣେ କଣ୍ଠଶିଳ୍ପୀ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ସରକାରୀ ଓ ବେସରକାରୀ ଚିକିତ୍ସାଳୟକୁ ଦୌଡ଼ି ଦୌଡ଼ି ଶେଷରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁକୁ ପରିବାର ଲୋକେ ଗ୍ରହଣ କରିପାରି ନାହାନ୍ତି। ତେଣୁ ସରକାର, ସରକାରୀ ଓ ବେସରକାରୀ ଡାକ୍ତରମାନଙ୍କୁ ବିନମ୍ର ନିବେଦନ ସେମାନେ ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଫେରାଇ ନ ଦେଇ ଉପଯୁକ୍ତ ଚିକିତ୍ସା କରନ୍ତୁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର,
କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଇଜରରେ ପଢ଼ିବେ ପାନ ଦୋକାନୀଙ୍କ ପୁଅ

■ ବୈଜ୍ଞାନିକ ହେବାକୁ ସୁବାଶିଷଙ୍କ ଲକ୍ଷ୍ୟ

■ ଦୃଢ଼ ଇଚ୍ଛାଶକ୍ତି ଆଣିଦେଲା ସଫଳତା



ସୁବାଶିଷ ବେହେରା

ଚୌଦ୍ୱାର,୨୩।୧୦(ଡି.ଏନ୍.ଏ.)

କଠିନ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ। ମନରେ ଦୃଢ ସଙ୍କଳ୍ପ ରଖିଲେ ମଣିଷ ଅଭାବ ଅନଟନ ଭିତରେ ବି ସଫଳତା ପାଇପାରେ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଜଣେ ପାନ ଦୋକାନୀଙ୍କ ପୁଅ। ସେ ହେଲେ କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁର ଗ୍ରାମର ସୁବାଶିଷ ବେହେରା। ରେଭେନ୍ସା କଲେଜର ସୁବାଶିଷ +୨ ବିଜ୍ଞାନ ପରୀକ୍ଷାରେ ୮୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ତିରୁପତିସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ (ଆଇଜର୍)ରେ ପଢ଼ିବାର ସୁଯୋଗ ହାସଲ କରିଛନ୍ତି। ଏହି ସଫଳତା ତାଙ୍କ ଗ୍ରାମ ଶଙ୍କରପୁର ସହିତ ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ପାଲଟିଛି। ସୁବାଶିଷଙ୍କ ବାପା ପରମାନନ୍ଦ ବେହେରା ଏକ ଛୋଟିଆ ପାନଦୋକାନ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ପୁଅ ଏଭଳି ସଫଳତା ପାଇ ତାଙ୍କ ମାନ ରଖିଛନ୍ତି। ପାନ ଦୋକାନରୁ ଯାହା ରୋଜଗାର ହୁଏ ସେଥିରେ ପରିବାରର ୪ ପ୍ରାଣୀ କୁଟୁମ୍ବ ଚଳିବା କଷ୍ଟସାଧ ହେଉଥିଲେ ହେଁ ପୁଅର ପାଠପଢ଼ା ପାଇଁ ସେ ଅଭାବକୁ ସହି ଯାଉଛନ୍ତି ବୋଲି ପରମାନନ୍ଦ କହିଛନ୍ତି। ସୁବାଶିଷ ୨୦୧୮ରେ ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରୁ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କଲେ। ମେଧାବୀ ଛାତ୍ର ଭାବେ ସେ ଶିକ୍ଷକମାନଙ୍କ ପ୍ରିୟ ହୋଇପାରିଥିଲେ। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଭଲ କୋଚିଂ ସେଣ୍ଟରରେ ପଢି ପାରି ନ ଥିଲେ। କିନ୍ତୁ ବୈଜ୍ଞାନିକ ହେବାର ଅଦମ୍ୟ ନିଶା ତାଙ୍କ ମନରୁ ଦୂରେଇ ଯାଇ ନ ଥିଲା। ସେ ଆଇନ୍‌ଷ୍ଟାଇନ୍‌ଙ୍କ ଭଳି ଜଣେ ବଡ ବୈଜ୍ଞାନିକ ହେବାକୁ ଆଶା ରଖିଛନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ମା', ବାପା ଓ ଶିକ୍ଷକମାନଙ୍କୁ ଦେଇଛନ୍ତି। ପୁଅର ବୈଜ୍ଞାନିକ ହେବା ସ୍ୱପ୍ନ ସତ ହେବାକୁ ଯାଉଥିବାରୁ ପରିବାର ଲୋକେ ଖୁସିରେ ଆତ୍ମହରା ହୋଇ ପଡ଼ିଛନ୍ତି। ତିରୁପତିସ୍ଥିତ ଆଇଜର୍‌ରେ ଅଧ୍ୟୟନ କରିବାର ସୁଯୋଗ ମିଳିଥିବାରୁ ସୁବାଶିଷ ଭଗବାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଚେନ୍ନାଇରେ ଚାକିରି/ ହିନ୍ଦୀ କହିପାରୁଥିବା ଜରୁରୀ/ତୁରନ୍ତ ଯୋଗଦେବା ଆବଶ୍ୟକ/ ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ଘର ସଫେଇବାଲା/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ
9884761210

**ଅଣକୁଶଳୀ ଶ୍ରମିକ/ ହେଲ୍‌ପର ଆବଶ୍ୟକ**
ବୟସ 20ରୁ 40 ବର୍ଷ - କାରଖାନା ଚେନ୍ନାଇରେ। ଦରମା 13000 (12 ଘଣ୍ଟିଆ ଶିଫ୍ଟ) । ମାଗଣା ରହିବା ସୁବିଧା ଓ ରିହାତିଯୁକ୍ତ ଭୋଜନ । ଚାକିରିରେ ଯୋଗ ଦେବାର 5 ଦିନ ପରେ 2ୟ ଶ୍ରେଣୀ ଟ୍ରେନ୍ ଟିକେଟ୍ ପଇସା ଫେରସ୍ତ କରିଦିଆଯିବ। ଅନ୍ୟ କୌଣସି ପରିବହନ ଖର୍ଚ୍ଚ ଦିଆଯିବ ନାହିଁ। ବାହାରିବା ଦିନ ଓ ଚେନ୍ନାଇରେ ପହଞ୍ଚିବା ପରେ 7708780455, 9940102896, 9790915809 କିମ୍ବା 9345585977 ରେ କଲ୍ କରନ୍ତୁ । ଚେନ୍ନାଇରୁ କାରଖାନା ପର୍ଯ୍ୟନ୍ତ ଆଣିବା ବ୍ୟବସ୍ଥା କରାଯିବ। ଦରମା ପ୍ରତି ପନ୍ଦର ଦିନରେ ଦିଆଯିବ।

**Multinational Company Requires Marketing Executive**
Qualification- +2, Graduate or MBA. Experience between the Age from 19 years to 35 years preferred Ladies with sound health communication skills. Salary 10,000 to 30,000 PM for deserving candidate those interest Contact this Number & bring along with 2 passport size photo & Documents.
Jaydev Vihar - 9777544388

**DIRECTORATE OF EXTENSION EDUCATION**
**ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR, Pin-751003**
**WALK-IN-INTERVIEW**
A walk-interview for the post of Senior Research Fellow (01 nos.), Young Professional-II (10 nos.) and Field Assistant (02 nos.) of the project "**Establishment of Biotech-KISAN Hub at Odisha University of Agriculture and Technology, Bhubaneswar**" will be held on 12.11.2020 in the Conference Hall of Directorate of Extension Education, OUAT, Bhubaneswar. All the post are purely temporary and co-terminus with the project.
Desirous and eligible candidates may personally appear the interview with their Bio-data (two copies), two passport size photographs, self attested copies of all certificates, mark sheets, experience certificate and other relevant documents at the venue, date and time as mentioned in the website. The original certificates, documents and proof of age need to be produced for verification at the time of interview. No TA/DA will be paid for appearing the interview. The details regarding eligibility, emoluments and time of interview are available at **OUAT website : www.ouat.nic.in**
Sd/-
DEAN EXTENSION EDUCATION

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/

**ଅଂଶଗ୍ରହଣକାରୀ ସଂଗଠନଗୁଡ଼ିକରେ ୨୦୨୦-୨୧ର ଖାଲିପଦବୀଗୁଡ଼ିକରେ କ୍ଲର୍କ (ସିଆର୍‌ପି କ୍ଲର୍କ-X), ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି (ସିଆର୍‌ପି ପିଓ/ଏମ୍‌ଟି-X) ତଥା ସିଆର୍‌ପି- ଆର୍‌ଆର୍‌ବିଏସ୍- IX ଅଧୀନରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ ଅଫିସର୍ସ ସ୍କେଲ୍ I ଓ ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍) ପଦବୀରେ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ଯଥାକ୍ରମେ ତା୦୧।୦୯।୨୦୨୦, ୦୪।୦୮।୨୦୨୦ ଏବଂ ୦୧।୦୭।୨୦୨୦ରିଖର ବିସ୍ତୃତ ବିଜ୍ଞାପନ କ୍ରମରେ ଏହି ପରିପୂରକ ବିଜ୍ଞାପନ ପ୍ରକାଶ କରାଯାଇ ସିଆର୍‌ପି-ପିଏସ୍‌ବି-X ଅଧୀନରେ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କରେ କ୍ଲରିକାଲ୍ କ୍ୟାଡର୍ ଓ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନି ପଦବୀ ପାଇଁ ଅନ୍‌ଲାଇନ୍ ପରୀକ୍ଷା ଓ ସିଆର୍‌ପି-ଆର୍‌ଆର୍‌ବିଏସ୍-IX ଅଧୀନରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକରେ ଅଫିସର୍ ସ୍କେଲ୍ I ଏବଂ ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍) ପଦବୀ ନିମନ୍ତେ ଅନ୍‌ଲାଇନ୍ ପ୍ରିଲିମିନାରୀ ପରୀକ୍ଷା ଲାଗି ପଞ୍ଜୀକରଣ ୱିଣ୍ଡୋକୁ ଖୋଲିବା ଏବଂ ଦରଖାସ୍ତ ଆମନ୍ତ୍ରଣ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଛି । ପରିପୂରକ ବିଜ୍ଞାପନ ସଂକ୍ରାନ୍ତୀୟ ବିବରଣୀ ଆଇବିପିଏସ୍‌ର ପ୍ରାଧିକୃତ ୱେବ୍‌ସାଇଟ୍‌ରେ ଉପଲବ୍ଧ ।
ଯୋଗ୍ୟତା ମାନଦଣ୍ଡରେ କରାଯାଇଥିବା ଏକମାତ୍ର ପରିବର୍ତ୍ତନ ହେଉଛି, ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ଶେଷ ତାରିଖ ।
ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ପାଇଁ, ପ୍ରାର୍ଥୀମାନଙ୍କୁ ତା୦୧।୦୯।୨୦୨୦ରିଖ ସିଆର୍‌ପି କ୍ଲର୍କସ୍-X, ତା୦୪।୦୮।୨୦୨୦ରିଖର ସିଆର୍‌ପି ପିଓ/ଏମ୍‌ଟି-X ଏବଂ ତା୦୧।୦୭।୨୦୨୦ରିଖର ସିଆର୍‌ପି ଆର୍‌ଆର୍‌ବିଏସ୍- IXର ବିସ୍ତୃତ ବିଜ୍ଞାପନ ଦେଖିବା ପାଇଁ ଅନୁରୋଧ କରାଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ, ବିସ୍ତୃତ ଅଧିସୂଚନାକୁ ପଢ଼ିବା ଓ ସେଥିରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ବିବରଣୀ ତଥା ସଦ୍ୟତମ ସୂଚନା ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୧।୧୦।୨୦୨୦ — ନିର୍ଦ୍ଦେଶକ

# ଗ୍ରୀନ୍ କରିଡରରେ ଗଲେ ଗୁରୁତର ରୋଗୀ



ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ।



ବିମାନବନ୍ଦରରେ ଏୟାର ଆମ୍ବୁଲାନ୍ସକୁ ରୋଗୀଙ୍କୁ ନିଆଯାଉଛି।

ଭୁବନେଶ୍ୱର,୨୩।୧୦ (ବ୍ୟୁରୋ)

ଗୁରୁତର ରୋଗୀଙ୍କ ସୁରକ୍ଷିତ ସ୍ଥାନାନ୍ତରକୁ ଗୁରୁତ୍ୱ ଦେଉଛି କମିଶନରେଟ ପୋଲିସ। ଶୁକ୍ରବାର ଆଉଜଣେ ରୋଗୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଗ୍ରୀନ୍ କରିଡରରେ ବିମାନବନ୍ଦରରେ ଛଡ଼ାଯାଇଛି। ରୋଗୀଙ୍କୁ ଧରି ଆମ୍ବୁଲାନ୍ସଟି ବିମାନବନ୍ଦର ଅଭିମୁଖେ ବାହାରିବା ପୂର୍ବରୁ ପୋଲିସ ପ୍ରାୟ ସାଢେ ୬ କିଲୋମିଟର ରାସ୍ତାରେ ସ୍ୱତନ୍ତ୍ର କରିଡ଼ର ତିଆରି କରିଥିଲା। ସମସ୍ତ ଟ୍ରାଫିକ୍‌କୁ ଅଟକା ଯାଇଥିଲା। ନୟାପଲ୍ଲୀ, ସିଆର୍‌ପି, ଏଜି ଛକ ଦେଇ ଭୁବନେଶ୍ୱର ବିମାନ ବନ୍ଦର ଯାଏ ଆମ୍ବୁଲାନ୍ସକୁ କଡା ସୁରକ୍ଷା ଭିତରେ ନିଆଯାଇଥିଲା। ରାସ୍ତାରେ ଯାଉଥିବା ଅନ୍ୟ ଗାଡ଼ିକୁ ସାଇଡ୍ କରି ବାଟ କ୍ଲିୟର କରିଥିଲା ଟ୍ରାଫିକ ପୋଲିସ। ଫଳରେ ମାତ୍ର ୬ ମିନିଟ୍‌ରେ ଆମ୍ବୁଲାନ୍ସଟି ବିମାନବନ୍ଦରରେ ପହଞ୍ଚିଥିଲା। ଏହାପରେ ସମ୍ପୃକ୍ତ ରୋଗୀଙ୍କୁ ଏୟାର ଆମ୍ବୁଲାନ୍ସରେ ହାଇଦ୍ରାବାଦ ବିମାନ ବନ୍ଦରକୁ ନିଆଯାଇଥିଲା।

**୬ ମିନିଟରେ ବିମାନ ବନ୍ଦରରେ ପହଞ୍ଚିଲା ଆମ୍ବୁଲାନ୍ସ**

ପୁରୀ ଜିଲା ବ୍ରହ୍ମଗିରିର ଅଭୟ ଜେନା କରୋନାରୁ ସୁସ୍ଥ ହୋଇଥିଲେ ମଧ୍ୟ ଫୁସ୍‌ଫୁସ୍‌ରେ ସଂକ୍ରମଣ ହେବାରୁ ଅବସ୍ଥା ସଂକଟାପନ୍ନ ହୋଇପଡିଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ଶରୀରରେ କୃତ୍ରିମ ଫୁସ୍‌ଫୁସ୍ ଲଗାଯାଇଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ଏୟାର ଆମ୍ବୁଲାନ୍ସରେ ନିଆଯାଇଛି। ସେ ଦେଢ ଘଣ୍ଟା ମଧ୍ୟରେ ହାଇଦ୍ରାବାଦ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ମଧ୍ୟ ଗ୍ରୀନ୍ କରିଡ଼ରରେ ହସ୍ପିଟାଲକୁ ନିଆଯାଇଥିଲା। ହାଇଦ୍ରାବାଦ ବିମାନ ବନ୍ଦରରୁ ହସ୍ପିଟାଲ ୫ ମିନିଟ ଲାଗିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ଆମ୍ରିର ଜଣେ ରୋଗୀ, ୮ ତାରିଖରେ କିମ୍ସର ଜଣେ ରୋଗୀ ଏବଂ ୧୭ ତାରିଖରେ ଆପୋଲୋ ହସ୍ପିଟାଲରୁ ଆଉଜଣେ ରୋଗୀଙ୍କୁ ଗ୍ରୀନ୍ କରିଡରରେ ଭୁବନେଶ୍ୱର ବିମାନ ବନ୍ଦର ନିଆଯାଇଥିଲା। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଏହି ଗ୍ରୀନ୍ କରିଡର କରାଯାଇଥିଲା। ଏଥିରେ ସହଯୋଗ କରିଥିବା ସମସ୍ତ ଟ୍ରାଫିକ ପୋଲିସକୁ ଷଡ଼ଙ୍ଗୀ ସାଧୁବାଦ ଜଣାଇଛନ୍ତି।

# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା

ହିନ୍ଦୋଳ, ୨୩।୧୦(ଡି.ଏନ.ଏ.)

■ ହିନ୍ଦୋଳ ଏନ୍ଏସି ରାଜନୀତି ସରଗରମ

■ ଅଜ୍ଞାତବାସରେ ୧୧ କାଉନସିଲର

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ତାଙ୍କୁ ପଦବୀରୁ ହଟାଇବାକୁ ୧୧ଜଣ କାଉନ୍‌ସିଲର ଏକଜୁଟ ହୋଇଛନ୍ତି। ସେମାନେ ୨୦ ତାରିଖରେ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବା ସହ ଅଜ୍ଞାତବାସରେ ରହିଛନ୍ତି। ଏହାକୁ ନେଇ ହିନ୍ଦୋଳ ରାଜନୀତି ସରଗରମ ହୋଇଛି।

ହିନ୍ଦୋଳ ଏନ୍ଏସିର ଦ୍ୱିତୀୟ ପାଳିରେ ୫ନଂ. ୱାର୍ଡର ବିଜେଡି କାଉନସିଲର ରୀନା ବେହେରା ନିର୍ବାଚିତ ହୋଇ ଅଧ୍ୟକ୍ଷା ହୋଇଥିଲେ। ୨୦୧୮ ପୌର ନିର୍ବାଚନରେ ଏନ୍ଏସିର ୧୬ ୱାର୍ଡ ମଧ୍ୟରୁ ବିଜେଡି ଖାତାକୁ ୧୩ ଯାଇଥିଲା। ସେହିପରି ୨ ସ୍ୱାଧୀନ ଏବଂ ଜଣେ ଭାଜପାରୁ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରଠୁ ଅଧ୍ୟକ୍ଷାଙ୍କ ଉପରେ ଦଳୀୟ କାଉନସିଲରମାନେ ଅସନ୍ତୁଷ୍ଟ ଥିଲେ। ବିଭିନ୍ନ ସମୟରେ ଟେଣ୍ଡର କାମକୁ ନେଇ ବିବାଦୀୟ ପରିସ୍ଥିତି ଲାଗିରହିଥିଲା। ସ୍ୱଚ୍ଛସାଥୀ ନିଯୁକ୍ତିରେ ହୋଇଥିବା ଅନିୟମିତତା ଅଧ୍ୟକ୍ଷାଙ୍କ ବିରୋଧରେ ଅସନ୍ତୋଷକୁ ଆହୁରି ବଢ଼ାଇଥିଲା। ଏ ସଂକ୍ରାନ୍ତରେ ସମ୍ପୃକ୍ତ କାଉନ୍‌ସିଲରମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଜିଲାର ବରିଷ୍ଠ ନେତୃବୃନ୍ଦଙ୍କୁ ଅବଗତ କରାଇଥିଲେ। ଦୀର୍ଘଦିନ ପରେ ସମସ୍ୟା ସମାଧାନର ବାଟ ନ ଫିଟିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଏନ୍ଏସି ଅଧ୍ୟକ୍ଷାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନଂ.୯୯୩୭୨୦୬୪୮୬ ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଇଚ୍ ଅଫ୍ ଥିଲା। ତେଣୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପିସ୍ତଲ ଦେଖାଇ ୧୦ ହଜାର ଲୁଟ୍

**କର୍ଲାମୁଣ୍ଡା,୨୩।୧୦ (ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବଡଡୁଙ୍ଗୁରୀଗୁଡା-ଗଜବାହାଲ ରାସ୍ତାର ଲକ୍ଷ୍ମୀଜୋର ପାଖରେ ଶୁକ୍ରବାର ଗଜବାହାଲ ପଞ୍ଚାୟତର କଅଁସିଲ ଗାଁର ଲମ୍ବୋଦର ଛତ୍ରିଆ ଓ ତାଙ୍କ ପୁତୁରା କୌଶିକ ଛତ୍ରିଆ ଲୁଟ୍‌ର ଶିକାର ହୋଇଛନ୍ତି। ରିଷିଡା ୟୁକୋ ବ୍ୟାଙ୍କରୁ ଦୁହେଁ ୧୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ୩ ଦୁର୍ବୃତ୍ତ ବାଇକ୍‌ରେ ଆସି ଅଟକାଇଥିଲେ। ପିସ୍ତଲ ଦେଖାଇ ଡିକିରେ ଥିବା ୧୦ ହଜାର ଟଙ୍କା, ୨ ପାସ୍‌ବୁକ୍ ଓ ଆଧାରକାର୍ଡ ନେଇ ଚମ୍ପଟ ମାରିଥିଲେ।

# ଦିଆସିଲ କାଠିରେ କଳାଠାକୁର



ପ୍ରତିମୂର୍ତ୍ତି ସହ ଶାଶ୍ୱତ ରଞ୍ଜନ ସାହୁ

■ ୭,୮୮୧ କାଠିରେ ୧୭ ଇଞ୍ଚର ପ୍ରତିମୂର୍ତ୍ତି

■ ୨୧ ଦିନରେ ଶେଷ କରିଛନ୍ତି ପୁରୀର ଶାଶ୍ୱତ

**ପୁରୀ ଅଫିସ,୨୩।୧୦:** ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ। କାରଣ ଆଗ୍ରହ ହିଁ ସଫଳତାର ନିକଟତର କରାଏ। ଜଣେ ଯୁବଶିଳ୍ପୀ ଏଭଳି ଦୃଢ଼ ଇଚ୍ଛାଶକ୍ତି ଯୋଗୁ ଦିଆସିଲ କାଠିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ତିଆରି କରି ପ୍ରଶଂସା ସାଉଣ୍ଟିଛନ୍ତି। ସେ ହେଲେ ପୁରୀ କୁମ୍ଭାରପଡ଼ାର ରଶ୍ମି ଓ ସୁଦର୍ଶନ ସାହୁଙ୍କ ୧୭ ବର୍ଷୀୟ ପୁଅ ଶାଶ୍ୱତ ରଞ୍ଜନ ସାହୁ। ଏହି ନିଆରା କଳାକୃତି ମାଧ୍ୟମରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ସରେ ନିଜ ନାଁ ସାମିଲ ପାଇଁ ଶାଶ୍ୱତ ଆବେଦନ କରିଛନ୍ତି।

ଦିଆସିଲ କାଠିରେ କଳା ଠାକୁରଙ୍କ ପ୍ରତିମୂର୍ତ୍ତି ତିଆରି କରିବା ସମ୍ପର୍କରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ଶାଶ୍ୱତ କହିଛନ୍ତି, ପିଲାଟି ଦିନରୁ ତାଙ୍କର ଚିତ୍ରକଳା ପ୍ରତି ଆଗ୍ରହ ରହିଛି। କେବେ ଦିଆସିଲ କାଠିରେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ତିଆରି କରିବେ ବୋଲି ଭାବି ନ ଥିଲେ। ମାତ୍ର ବର୍ତ୍ତମାନ କରୋନା ପାଇଁ ଶ୍ରଦ୍ଧାଳୁଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ରହିଛି। ଭକ୍ତମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ତେଣୁ ନିଆରା କଳାକୃତି ମାଧ୍ୟମରେ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲାଯାଉ ବୋଲି ବାର୍ତ୍ତା ଦେବାକୁ ସେ ଚାହିଁଥିଲେ। ତେଣୁ ଦିଆସିଲ କାଠିରେ କଳାଠାକୁରଙ୍କ ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ୭,୮୮୧ଟି ଦିଆସିଲ କାଠି ଏବଂ ଅଠା ବ୍ୟବହାର କରି ୧୭ ଇଞ୍ଚ ଉଚ୍ଚତା ଓ ୧୫ ଇଞ୍ଚ ଚଉଡ଼ା ବିଶିଷ୍ଟ ଏହି ପ୍ରତିମୂର୍ତ୍ତି ତିଆରି ହୋଇଛି। ଏଥିପାଇଁ ତାଙ୍କୁ ୨୧ ଦିନ ଲାଗିଛି ବୋଲି ଶାଶ୍ୱତ କହିଛନ୍ତି।

**GOVERNMENT COLLEGE OF ENGINEERING, KEONJHAR**
(A Constituent College of BPUT, Odisha)
**B.TECH ADMISSION IN MINERAL ENGINEERING THROUGH OJEE COUNSELING**
- Department Established in the 2008
- The Only Institute in Odisha Offering B.Tech. In Mineral Engineering
- Well-equipped Laboratory with modern equipment
- Excellent Placement Record
- Well Connected with Local Industries
- Highly Qualified Faculty Members

Our Recruiters: Global Coal & Mining Pvt. Ltd, Star Trace Pvt. Ltd., Arcelor Mittal Nippon Steel India Ltd., Aditya Birla Group, Tata Steel, Hindustan Copper Ltd., NMDC, JSPL
Contact for Information: Sushant Kumar Pradhan
Mobile No. 7978222538

# ବନ କର୍ମଚାରୀଙ୍କ ମାଡ଼ରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ



ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ପ୍ରତିବାଦ କରୁଛନ୍ତି।

କପ୍ତିପଦା,୨୩।୧୦(ଡ଼ି.ଏନ.ଏ)

■ ଶିକାରୀ ଭାବି ଧରି ନେଇଥିଲା ବନ ବିଭାଗ

■ ପୋଡ଼ାଡ଼ିହା ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ

ଶିକାରୀ ଭାବି ବନ ବିଭାଗ କର୍ମଚାରୀମାନେ ଜଣେ ଯୁବକଙ୍କୁ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ପୋଡ଼ାଡ଼ିହା ଫରେଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ସ୍ଥାନୀୟ ନଛିପୁର ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ପୋଲିସ ଓ କପ୍ତିପଦା ରେଞ୍ଜର ମହେଶ୍ୱର ସିଂ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରି ନ ଥିଲା। ୧୬ଘଣ୍ଟା ଧରି ଲୋକେ ଧାରଣାରେ ବସିବା ପରେ ବନବିଭାଗ ପକ୍ଷରୁ ଘଟଣାର ତଦନ୍ତ ହେବ ଓ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିବା ରେଞ୍ଜର ସିଂ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୯ତାରିଖରେ ଗଜେନ୍ଦ୍ର ନାଏକ ନାମକ ଯୁବକ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇ ଘରକୁ ଫେରି ନ ଥିଲେ। ୩ ଦିନ ପରେ ଗଜେନ୍ଦ୍ର ବାରିପଦା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖବର ବନବିଭାଗ ତାଙ୍କ ପରିବାରକୁ ଦେଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଯାଇଥିଲା। ମୃତ ଗଜେନ୍ଦ୍ରଙ୍କ ମୁହଁରେ ଗଭୀର କ୍ଷତ ଚିହ୍ନ ଥିଲା। ବନକର୍ମଚାରୀମାନେ ଶିକାରୀ ଭାବି ତାଙ୍କୁ ନିସ୍ତୁକ ମାଡ଼ମାରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-193, ତା.16.10.2020ରିଖ
କାର୍ଯ୍ୟର ନାମ : ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 42,04,112.57, EMD (ଟଙ୍କାରେ) : 84,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-(18% GST ସହିତ) ।
ବିଡ୍ ଆରମ୍ଭ ହେବା ତାରିଖ : ତା.26.10.2020 ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.11.2020 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-310/L/20-21



## ସଂକ୍ଷେପରେ

### ବନ୍ୟପ୍ରାଣୀ ମାଂସ ବିକ୍ରି ଅଭିଯୋଗ, ୨ ଗିରଫ

ବୁଗୁଡ଼ା,୨୩।୧୦(ଡି.ଏନ.ଏ.)-ବୁଗୁଡ଼ା ଥାନା ହରିଡ଼ାଚିରା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବା ଏକ କ୍ୟାବିନରେ ବାର୍‌ହା ମାଂସ ବିକ୍ରି କରିବା ଅଭିଯୋଗରେ ବନବିଭାଗ ଜଣେ ଯୁବକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ପରମେଶ୍ୱର ପ୍ରଧାନ। ତାଙ୍କଠାରୁ ୨ କେଜି ବାର୍‌ହା ମାଂସ ଜବତ କରାଯାଇଛି। ଏ ନେଇ ବୁଗୁଡ଼ା ବନ ବିଭାଗ ନଂ. ୩୭୯/୨୦ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ପରମେଶ୍ୱର ଗୁରୁବାର ରାତିରେ ଜଙ୍ଗଲରୁ ବନ୍ୟପ୍ରାଣୀ ଶିକାର କରି ମାଂସ ବିକ୍ରୟ କରୁଥିଲେ। ଖବର ପାଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରାଙ୍କ ନିର୍ଦ୍ଦେଶରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରମେଶ୍ୱରଙ୍କୁ ଗିରଫ କରିଥିଲେ।

### ତିନି ମନ୍ଦିରରୁ ଲୁଟ୍

କବିସୂର୍ଯ୍ୟନଗର,୨୩।୧୦-କବିସୂର୍ଯ୍ୟନଗର ଥାନା ଆଠଗଡ଼ ପାଟଣାସ୍ଥିତ ତିନି ମନ୍ଦିରର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ଗୁରୁବାର ମଧ୍ୟରାତିରେ ଆଠଗଡ଼ କାଳି ମନ୍ଦିର, ଶିବ ମନ୍ଦିର ଓ ଛିନ୍ନମସ୍ତା ମନ୍ଦିରର ସିସି ଟିଭି ଭାଙ୍ଗିବା ସହ ଦୁର୍ବୃତ୍ତମାନେ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଥିଲେ। ଗତ ଅଗଷ୍ଟ ମାସରେ ମଧ ଛିନ୍ନମସ୍ତା ମନ୍ଦିରରୁ ଟଙ୍କା ଲୁଟ୍ ହୋଇଥିଲା।

### କାଠ, ବାଉଁଶ ବୋଝେଇ ୨ ଗାଡ଼ି ଜବତ

ଆସିକା,୨୩।୧୦(ଡି.ଏନ୍.ଏ.)- ଆସିକା ବନାଞ୍ଚଳର ଜାହାଡା ନିକଟରେ ଗୁରୁବାର ରାତିରେ ୨ଟି ଗାଡ଼ିରେ ବେଆଇନ ଭାବେ ଚାଲାଣ ହେଉଥିବା ମୂଲ୍ୟବାନ କାଠ ଓ ବାଉଁଶକୁ ବନ ବିଭାଗ ଜବତ କରିଛି। ଗାଡି ୨ଟିର ଚାଳକ ଫେରାର ହୋଇଯାଇଛନ୍ତି। ଧରାକୋଟ ବ୍ଲକ ସିଙ୍ଗିପୁର ଗ୍ରାମ ଉପକଣ୍ଠରେ ଏକ ପିକଅପ ଭ୍ୟାନରେ ଚାଲାଣ ହେଉଥିବା ୨୪ଟି ଗମ୍ଭାରୀ ଓ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଥିବା ବେଳେ ସଂପୃକ୍ତ ରାସ୍ତାର ଜାହାଡ ନିକଟରେ ୪୦୦ଟି ଶାଳିଆ ବାଉଁଶ ବୋଝେଇ ଏକ ମିନିଟ୍ରକକୁ ବନ ବିଭାଗ ଜବତ କରିଥିଲା। ଏ ନେଇ ନଂ.୧୩ ଓ ୧୪/୨୦-୨୧ରେ ପୃଥକ ୨ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି। ଢାଉରେ ଦକ୍ଷିଣ ଘୁମୁସର ବନଖଣ୍ଡ ମୋବାଇଲ ଷ୍ଟାପଙ୍କ ସହ ଆସିକା ଓ ସୋରଡା ବନାଞ୍ଚଳ କର୍ମଚାରୀ ସାମିଲ ଥିଲେ।

### ଟ୍ରକ୍‌କୁ ଧକ୍କାଦେଲା ଟ୍ୟାଙ୍କର
### ଚାପି ହୋଇଥିବା ଡ୍ରାଇଭର ଉଦ୍ଧାର

ଛତ୍ରପୁର,୨୩।୧୦(ଡି.ଏନ.ଏ)-ଛତ୍ରପୁର ଗ୍ରୀଡ୍ ଛକ ନିକଟରେ ଶୁକ୍ରବାର ଭୋରରେ ଏକ ଟ୍ରକକୁ ପଛପଟୁ ତେଲ ଟ୍ୟାଙ୍କର ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଚାଳକ ରାଜେଶ ଯାଦବ ଗାଡି ଷ୍ଟିୟରିଂ ମଧରେ ଚାପି ହୋଇ ରହିଯାଇଥିଲେ। ଖବରପାଇ ଛତ୍ରପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ରାଜେଶଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗ୍ରୀଡ୍ ଛକରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ (ଓଡିଖ୩୫ଡି ୭୮୦୩) ଓ ତେଲ ଟ୍ୟାଙ୍କର (ଏନଏଲ୍ ୦୧ ଏବି ୪୦୧୫)କୁ ଛତ୍ରପୁର ପୋଲିସ ଜବତ କରିଛି।

### ଭାଜପା ମଣ୍ଡଳ ସଭାପତି ହେଲେ ସନ୍ତୋଷ



ଦାରିଙ୍ଗବାଡି,୨୩।୧୦(ଡି.ଏନ୍.ଏ)- ଦାରିଙ୍ଗବାଡି ବ୍ଲକ ଭାଜପା ମଣ୍ଡଳ ସଭାପତି ଭାବେ ସନ୍ତୋଷ କୁମାର ସାହୁଙ୍କୁ ଚୟନ କରାଯାଇଛି। ତାଙ୍କୁ ରାଜ୍ୟ ଭାଜପା ସଭାପତି ସମୀର କୁମାର ମହାନ୍ତି ଏବଂ ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେଥିପାଇଁ ସନ୍ତୋଷ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ଦାରିଙ୍ଗବାଡିର ୧୦ ଓ ୧୧ନଂ ଜିଲାପରିଷଦ ପଦବୀରେ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରିବା ସହ ଅଞ୍ଚଳରେ ଦଳକୁ ମଜବୁତ କରିବାକୁ ସେ ପ୍ରୟାସ କରିବେ। ଦାରିଙ୍ଗବାଡି ଭାଜପାର କର୍ମକର୍ତ୍ତା ହରେନ କୁମାର ସାହୁଙ୍କ ସମେତ ମହେଶ୍ୱର ସାହୁ, ଲଡୁ କିଶୋର ସାହୁ, ବିଷ୍ଣୁଚରଣ ପ୍ରଧାନ, ଅଶୋକ ସାହୁ, ବିରଞ୍ଚିନାରାୟଣ ସାହୁ, ଅରୁଣ ପ୍ରଧାନ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

**କୂଅରୁ ଛାତ୍ରଙ୍କ ମୃତଦେହ ମିଳିବା ଘଟଣା**

କ.ନୂଆଗାଁ,୨୩।୧୦(ଡି.ଏନ୍.ଏ.)

ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ବ୍ଲକ ସାରଙ୍ଗଗଡ ଥାନା ଅଞ୍ଚଳର ଜଣେ ଫାର୍ମାସିଷ୍ଟ ଛାତ୍ରଙ୍କ ମୃତଦେହ ନିଖୋଜର ୨ଦିନ ପରେ ଗତ ୧୬ତାରିଖରେ କଲୋନୀସାହିର ଜଣେ ବ୍ୟକ୍ତିଙ୍କ କୂଅରୁ ମିଳିଥିଲା। ପ୍ରେମ ଜନିତ କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ୧୮ ତାରିଖରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା। ଯେଉଁ ବ୍ୟକ୍ତିଙ୍କ କୂଅରୁ ମୃତଦେହ ମିଳିଥିଲା ସେହି ଘର ମାଲିକଙ୍କ ସମେତ ୫ଜଣକୁ ପୋଲିସ ଅଟକ ରଖି ପରେ ଛାଡି ଦେଇଥିଲା। ଘଟଣାର ୯ଦିନ ପରେ ମଧ ହତ୍ୟାକାରୀଙ୍କୁ ଗିରଫ କରିପାରୁନି ପୋଲିସ। ତୁରନ୍ତ ଗିରଫ ଦାବିରେ ଶୁକ୍ରବାର ଶତାଧିକ ଅଞ୍ଚଳବାସୀ ଓ ମୃତକଙ୍କ ପରିବାର ସାରଙ୍ଗଗଡ ଥାନା ଘେରାଉ ସହ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ ଓ ଉପଜିଲାପାଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ମୃତ ଯୁବକଙ୍କ ମା'ଙ୍କ କହିବା ପ୍ରକାରେ, ପରିବାରର ଜଣଙ୍କ ମୃତଦେହ ସଂସ୍କାର ପାଇଁ ପୁଅ ଶ୍ମଶାନକୁ ଯାଇ ଆଉ ଫେରି ନ ଥିଲେ। ଯେଉଁ ବ୍ୟକ୍ତିଙ୍କ ବାରିପଟ କୂଅରୁ ମୃତଦେହ ମିଳିଛି, ତାଙ୍କ ଘରର ଜଣେ ବ୍ୟକ୍ତି ଆସି ପୁଅର ଡ୍ରେସ୍ ଦେଇଥିଲେ। ସନ୍ଦେହ ହେବାରୁ ଖୋଜାଖୋଜି ପରେ ତାଙ୍କ କୂଅରୁ ମୃତଦେହ ମିଳିଥିଲା।



ଗ୍ରାମବାସୀ ସାରଙ୍ଗଗଡ ଥାନା ଘେରାଉ କରିଛନ୍ତି।

# ନିଲମ୍ବିତ ହେଲେ ରାଜସ୍ୱ ନିରୀକ୍ଷକ

**ତହସିଲ କାର୍ଯ୍ୟାଳୟରୁ ଲୋକେ ପାଲ ବୋହିନେବା ଘଟଣା**

ପାରଳାଖେମୁଣ୍ଡି,୨୩।୧୦(ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ତହସିଲ କାର୍ଯ୍ୟାଳୟରୁ ପାଲ ବୋହିନେବା ଘଟଣାରେ ଗୁମ୍ମା ରାଜସ୍ୱ ନିରୀକ୍ଷକ ପ୍ରଭାକର ପାଢୀଙ୍କୁ ନିଲମ୍ବିତ କରିଛି ଜିଲା ପ୍ରଶାସନ। ୧୯ରୁ ୨୩ ପର୍ଯ୍ୟନ୍ତ ଜିଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନା ପରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ୨୦ତାରିଖରେ ଗୁମ୍ମା ଆର୍‌ଆଇ ସର୍କଲରେ ରାଜସ୍ୱ ନିରୀକ୍ଷକ ପାଢୀ ପାଲ ବଣ୍ଟିବାରେ ପାତରଅନ୍ତର କରୁଛନ୍ତି ବୋଲି ଅଭିଯୋଗ କରି ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମର କେତେଜଣ ଲୋକେ ତହସିଲ କାର୍ଯ୍ୟାଳୟରେ ଧସେଇ ପଶି ଭଙ୍ଗାରୁଜା କରିବା ସହ ମହଜୁଦ ଥିବା ପାଲ ବୋହି ନେଇଥିଲେ। ଏନେଇ ଗୁମ୍ମା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚିହ୍ନଟ ହୋଇଥିବା ୧୧ଜଣଙ୍କ ସମେତ ବହୁ ବ୍ୟକ୍ତିଙ୍କ ନାମରେ ସେରଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା। ନଂ.୫୯/୨୦ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସମସ୍ତ ଘଟଣାର ତଦନ୍ତ କରି ଜିଲା ପ୍ରଶାସନ ଶୁକ୍ରବାର ରାଜସ୍ୱ ନିରୀକ୍ଷକଙ୍କୁ ନିଲମ୍ବିତ କରିଛି।

# ବାଚସ୍ପତିଙ୍କୁ ଫେରାଦ ହେଲେ ପୂର୍ବତନ ସରପଞ୍ଚ

ଦିଗପହଣ୍ଡି,୨୩।୧୦(ଡି.ଏନ.ଏ)

ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତର ଉନ୍ନୟନ କାର୍ଯ୍ୟକୁ ନେଇ ଗତ କିଛିଦିନ ହେଲା ୨ ରାଜନୈତିକ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ପୂର୍ବତନ ସରପଞ୍ଚ ସୀମାଞ୍ଚଳ ବିଷୋୟୀଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ଭୁବନେଶ୍ୱର ଗସ୍ତ କରି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସାକ୍ଷାତ କରି ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିର ତଦନ୍ତ ଦାବି ସହ ସରକାରୀ ଯୋଜନାର ହିତାଧିକାରୀ ଚୟନରେ ଚଞ୍ଚକତା କରାଯାଇଥିବା ଅଭିଯୋଗ କରିଛନ୍ତି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପୂର୍ବତନ ସରପଞ୍ଚଙ୍କ ନେତୃତ୍ୱରେ ବାଚସ୍ପତିଙ୍କୁ ଭେଟି ଆଲୋଚନା କରିଥିଲେ। ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ମନୋମୁଖୀ କାରବାର କରୁଥିବା ବାଚସ୍ପତିଙ୍କୁ ଜଣାଇଥିଲେ। ମଧୁବାବୁ ପେନ୍‌ଶନ ଯୋଜନାରେ କିଛି ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କ ନାମରେ ୨ଟି କାର୍ଡ ବଣ୍ଟନ କରାଯାଇଥିବା ନେଇ ୨ ପ୍ରତିପକ୍ଷ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରୁ ବିଡିଓଙ୍କ ଦସ୍ତଖତ ଥାଇ ୪ ହିତାଧିକାରୀଙ୍କ ନାଁରେ ୨ଟି ଲେଖାଏ କାର୍ଡ ବଣ୍ଟନ କରାଯାଇଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସମସ୍ତ ଅଭିଯୋଗର ତଦନ୍ତ କରାଯାଇ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଏ ନେଇ ସରପଞ୍ଚ ଦିଲ୍ଲୀପ କୁମାର ସେଠୀ, ସମିତିସଭ୍ୟ ଶିବରାମ ପ୍ରଧାନଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ଏସ୍‌ଏଚ୍‌ଜି ଋଣ ଟଙ୍କା ହଡ଼ପ ଅଭିଯୋଗ

ଶେରଗଡ,୨୩।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକ ଗୋବିନ୍ଦପୁର ଓ ପଟାପାବୁଲି ଗ୍ରାମର ୨ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଠାରୁ ଋଣ ଟଙ୍କା ହଡପ କରିଥିବା ନେଇ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି ଶେରଗଡ ପୋଲିସ। ଏନେଇ ଗତ ୧୦ଦିନ ତଳେ ଗୋବିନ୍ଦପୁର ରାଧାଶ୍ୟାମ ସ୍ୱୟଂ ସହାୟକ ଗୋଷ୍ଠୀର ଏତାଲାକ୍ରମେ ଶେରଗଡ ଥାନାରେ ନଂ.୧୨୫/୨୦ରେ ମାମଲା ରୁଜୁ ହୋଇଥିଲା। ଶେରଗଡ ବ୍ଲକ ଗୋବିନ୍ଦପୁର ଗ୍ରାମର ରାଧାଶ୍ୟାମ ଏସ୍‌ଏଚ୍‌ଜିକୁ ୬ଲକ୍ଷ, ପଟାପାବୁଲି ନାରୀଶକ୍ତି ଏସ୍‌ଏଚ୍‌ଜିକୁ ୪ଲକ୍ଷ ୫ହଜାର ଟଙ୍କା ଋଣ କରାଇଦେଇଥିଲେ ଆଙ୍କୁଶପୁରର ଶ୍ରୀକାନ୍ତ ପଣ୍ଡା। ହିଞ୍ଜିଳିକାଟୁରେ ଥିବା ୨ଟି ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀରୁ ଶ୍ରୀକାନ୍ତ ଏହି ଋଣ କରାଇ ଦେଇଥିଲେ। ଉକ୍ତ ଋଣ ଟଙ୍କାରେ ଶ୍ରୀକାନ୍ତ ଧୂପକାଠି, ମିକ୍ସଚର ଓ ଖଲି ତିଆରି ମେଶିନ ଯୋଗାଇଦେବେ ବୋଲି କହିଥିଲେ। କିନ୍ତୁ ଅଦ୍ୟାବଧି କୌଣସି ମେଶିନ ଦେଇ ନାହାନ୍ତି। ଦୁଇଟି ଗ୍ରୁପ୍‌କୁ ୩ଲକ୍ଷ ଟଙ୍କା ମଧ୍ୟରେ କେତେକ ସାମଗ୍ରୀ ଦେଇ ବଳକା ଅର୍ଥ ଆତ୍ମସାତ କରିଛନ୍ତି। ବାରମ୍ବାର ମହିଳା ମାନେ ଫୋନ୍ କଲେ ମଧ ସେ ଆଉ ରିସିଭ୍ କରୁନାହାନ୍ତି। ଫଳରେ ରାଧାଶ୍ୟାମ ଏସ୍‌ଏଚ୍‌ଜି ଗ୍ରୁପ୍ ଶେରଗଡ ଥାନାରେ ଏତାଲା ଦେଇଥିଲେ। ଶୁକ୍ରବାର ପୋଲିସ ଶ୍ରୀକାନ୍ତଙ୍କୁ ଆଣି ପଚରାଉଚରା ଚଳାଇଛି।



ଥାନା ସମ୍ମୁଖରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାମାନେ।

### ଗଞ୍ଜାମରେ ସୁସ୍ଥ ହେଲେଣି ୯୮ ପ୍ରତିଶତ
#### ଆକ୍ରାନ୍ତଙ୍କ ସଂଖ୍ୟା ୨୧ ହଜାର ଛୁଇଁବ

ଛତ୍ରପୁର,୨୩।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧ ହଜାର ଛୁଇଁବାକୁ ଯାଉଛି। ଗୁରୁବାର ୧୬ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୦,୯୫୯ରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୁରୁବାର ୧୬ ଜଣ କରୋନାରୁ ଆରୋଗ୍ୟ ହୋଇଛନ୍ତି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏ ଯାଏ ୨୦,୫୪୩ ଜଣ ସୁସ୍ଥ ହେଲେଣି। ଯାହାକି ୯୮ ପ୍ରତିଶତ। ଜିଲାରେ ବର୍ତ୍ତମାନ ୧୮୩ ଜଣ ସକ୍ରିୟ ରୋଗୀ ଥିବାବେଳେ ୨୨୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ୮ ଜଣଙ୍କ ଅଣକୋଭିଡ୍‌ରେ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଜିଲାରେ କରୋନା ସ୍ଥିତି ସୁଧୁରିଥିଲେ ମଧ ସ୍ୱଚ୍ଛତା ଓ କୋଭିଡ୍ ସଚେତନତା ସାଇକେଲ ରାଲି ଚାଲିଛି। ମାସ୍କ ପିନ୍ଧିବା, ଆବଶ୍ୟକ ହେଲେ ଘରୁ ବାହାରିବା, ବାହାରୁ ଘରକୁ ଫେରିଲେ ହାତ ଧୋଇବା, ସାନିଟାଇଜର ପାଖରେ ରଖିବା ଏବଂ ସାମାଜିକ ଦୂରତା ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୁଣିଥରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଗଞ୍ଜାମରେ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୧୬ ହଜାର ୮୪୯ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

### ପ୍ରେସ୍ କ୍ଲବ ପ୍ରତିଷ୍ଠାତା ସଭାପତିଙ୍କ ପରଲୋକ

ଆସିକା,୨୩।୧୦(ଡି.ଏନ୍.ଏ)

ଆସିକା ପ୍ରେସ୍ କ୍ଲବର ପ୍ରତିଷ୍ଠାତା ସଭାପତି ବରିଷ୍ଠ ଖବରଦାତା ବିପିନ ଦାସଙ୍କ ଶୁକ୍ରବାର ପରଲୋକ ଘଟିଛି। ହୃଦ୍‌ଘାତ ଜନିତ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ଶୁଣି ସହରର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୬୫ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଦାରିଙ୍ଗବାଡ଼ି,୨୩।୧୦(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ଜାଗୃତି ସଭାଗୃହଠାରେ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ବ୍ଲକ ସମେତ ଟିକାବାଲି, ଜି.ଉଦୟଗିରି ଏବଂ ରାଇକିଆ ବ୍ଲକର ବହୁଲୋକ ଯୋଗଦାନ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅପରାହ୍ନ ସୁଦ୍ଧା ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ବିଧାୟକ ପ୍ରତିନିଧି ଦୀପକ କୁମାର ସାହୁଙ୍କ ସମେତ ସାଧୁ ନାୟକ, ରାଇକିଆ ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହି, ରାଇକିଆର ଜିଲାପରିଷଦ ସଭ୍ୟ ଆର୍. ମୃତ୍ୟୁଞ୍ଜୟ ପାତ୍ର, ମିଥୁନ ଦିଗାଳ, ସୁରଜ ନାୟକ, ପ୍ରମୁଖ ଯୋଗଦେଇ ରକ୍ତଦାନ କରିଥିଲେ। ଜିଲା ରେଡକ୍ରସ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ପୋଲିସ

ଫୁଲବାଣୀ ଅଫିସ, ୨୩।୧୦

ଶହୀଦଙ୍କ ସ୍ମୃତି ତାଜା ରଖିବା ଲାଗି କନ୍ଧମାଳ ପୋଲିସ ପକ୍ଷରୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ପ୍ରମୁଖ ଛକମାନଙ୍କରେ ବୀର ଶହିଦ୍‌ଙ୍କୁ ବାଦ୍ୟ ବଜାଇ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ମାଦିକୁଣ୍ଡା ଛକ, ଗାନ୍ଧୀ ଛକ, ବିଜୁ ପଟ୍ଟନାୟକ ଛକ, ଗୋପବନ୍ଧୁ ଛକ, କୋର୍ଟ ଛକରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏସ୍‌ପି ଭିନୀତ ଅଗ୍ରୱାଲ, ଆଇପିଏସ୍ ପ୍ରୋବେଶନର ଅଭିନବ ଶଙ୍କର, ଅତିରିକ୍ତ ଏସ୍‌ପି ବିପିନ ବିହାରୀ ବେହେରା, ଡିଏସ୍‌ପି କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ଆଲନବିସ୍ କେରକେଟା, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଇନ୍ସପେକ୍ଟର ତିରୁପତି ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଶହୀଦ୍‌ଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ୨୦୧୨ ଜାନୁୟାରୀ ୫ରେ କୋଟଗଡ ବ୍ଲକ ଶ୍ରୀରାମପୁରରେ ମାଓବାଦୀ ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟାଇଥିଲେ। ଏଥିରେ ସୁନାଶୀର ମହାନ୍ତି, ଉମାକାନ୍ତ ଜାନୀ, ସଂଗ୍ରାମ କୁମାର ଲେଙ୍କାଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ନାରେଙ୍ଗା ମଲ୍ଲିକ ଶହୀଦ ହୋଇଥିଲେ। ଏମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ କନ୍ଧମାଳ ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି।



କୋର୍ଟ ଛକରେ ଶହୀଦଙ୍କୁ ବରିଷ୍ଠ ପୋଲିସ ଅଧିକାରୀ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ବରାଳଦେବୀ ପୀଠରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଖଜୁରିପଡ଼ା/ବଲସକୁମ୍ପା,୨୩।୧୦(ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ପଞ୍ଚାୟତ ସମ୍ମୁଖରେ ଅବସ୍ଥିତ ମା' ବରାଳ ଦେବୀଙ୍କ ପୀଠରେ ପ୍ରଶାସନ ତରଫରୁ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ସମ୍ମାନିତ ଅତିଥି ଭାବେ ଖଜୁରିପଡ଼ା ବିଡିଓ ରବୀନ୍ଦ୍ର ନାଥ କହଁର, ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲ୍ଲିକ ଏବଂ ସମିତିସଭ୍ୟ ସରୋଜ କୁମାର ସାହାଣୀ ଉପସ୍ଥିତ ଥିଲେ। ମା ବରାଳ ଦେବୀ ମନ୍ଦିରର ପୂଜକ ରଥ ଦେହୁରୀଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇଥିଲା।

# ଜନସଚେତନତା ଯାତ୍ରା

କାଶୀନଗର,୨୩।୧୦(ଡି.ଏନ୍.ଏ.)

କାଶୀନଗର ବ୍ଲକ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ପୁରସ୍କୃତ ହୋଇଥିଲେ ବି ଉଭୟ ବ୍ଲକ ଓ ଏନ୍‌ଏସିରେ ଏହି ସମସ୍ୟା ଲାଗି ରହିଛି। ଏଥିସହ ଘୁଷୁରି ଉପଦ୍ରବ କାରଣରୁ ଚାଷୀମାନଙ୍କ ବ୍ୟାପକ ଫସଲ ନଷ୍ଟ ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହାୟତାରେ ଶୁକ୍ରବାର ଏକ ଜନସଚେତନତା ଯାତ୍ରା ଅନୁଷ୍ଠିତ ହୋଇଥିଲା। ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଏହି ଯାତ୍ରାକୁ ନିଜ କାର୍ଯ୍ୟାଳୟ ନିକଟରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ଯାତ୍ରା ତହସିଲ ନିକଟରୁ ବାହାରି ଫରେଷ୍ଟ ଜଙ୍ଗସନ୍, ବ୍ଲକ, ସିଏଚ୍‌ସି ଛକ, ବସ୍‌ଷ୍ଟାଣ୍ଡ ଦେଇ ପୋଲିସ ଷ୍ଟେସନରେ ଶେଷ ହୋଇଥିଲା। ଯାତ୍ରାର ନେତୃତ୍ୱ ନେଇଥିବା କାଶୀନଗର ନାଗରିକ ମଞ୍ଚ ତଥା ରଇତ ସଂଘ ସଭାପତି ପ୍ରଶାନ୍ତ ମିଶ୍ର ଥାନା ପରିସରରେ ଯାତ୍ରା ସମାପ୍ତି ଘୋଷଣା କରିବା ପରେ ପୋଲିସ ତରଫରୁ ଆୟୋଜକ ୨ ସଙ୍ଗଠନକୁ ଧନ୍ୟବାଦ ଦିଆଯାଇଥିଲା। ପୋଲାକି ତିରୁପତିଙ୍କ ଉଦ୍ୟମରେ ଦେବୀ ୟୁଥ୍‌ର ସମସ୍ତ ସଦସ୍ୟ ଓ କଶୀନଗର ରଇଥ ସଂଘର କାର୍ଯ୍ୟକାରୀ ସଭାପତି ଏସ୍. ତାତେୟା ଓ ଉପସଭାପତି ୱାଇ ଧନଞ୍ଜୟଙ୍କ ଉଦ୍ୟମରେ ଉଲ୍ଲିଖିତ ସଙ୍ଗଠନର କୃଷକମାନେ ଯାତ୍ରାରେ ଭାଗ ନେଇଥିଲେ।




ରାଲି ସହର ପରିକ୍ରମା କରୁଛି।

# 'ଉଚ୍ଚମାନର ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ'

**ଉଦ୍‌ଘାଟନ ହେଲା ଝାଲିଆଗୋଚ୍ଛା ସବ୍‌ଷ୍ଟେଶନ**

ଭଞ୍ଜନଗର,୨୩।୧୦(ଡି.ଏନ୍.ଏ.)

ଭଞ୍ଜନଗର ସାଉଥ୍‌କୋ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ଥିବା ଝାଲିଆଗୋଚ୍ଛା ୩୩/୧୧ କେଭି ନୂତନ ସବ୍‌ଷ୍ଟେସନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବ୍ ଷ୍ଟେସନକୁ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟର ସମସ୍ତ ଉପଭୋକ୍ତାଙ୍କୁ ଉଚ୍ଚ ମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଇଛନ୍ତି। ତେଣୁ ନୂଆ ନୂଆ ସବ୍‌ଷ୍ଟେସନ ନିର୍ମାଣ କରାଯାଉଛି। ଏହାଦ୍ୱାରା ଲୋଭୋଲଟେଜ୍ ସମସ୍ୟା ଓ ବାରମ୍ବାର ବିଦ୍ୟୁତ୍ କାଟରୁ ମୁକ୍ତି ମିଳିବ। ଝାଲିଆଗୋଚ୍ଛା ସବ୍‌ଷ୍ଟେସନ ନିର୍ମାଣ ପରେ ସମ୍ପୃକ୍ତ ଅଞ୍ଚଳର ୪ ପଞ୍ଚାୟତର ୫ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବାସହ ୨ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ପାଇଁ ଏଠାରୁ ବିଦ୍ୟୁତ୍ ଯୋଗାଇ ଦିଆଯିବ। ଏଥିସହ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର କୋଭିଡ୍-୧୯ ର ଉଚିତ୍ ମୁକାବିଲା କରୁଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି।

ଆୟୋଜିତ ସଭାରେ ଭଞ୍ଜନଗର ସାଉଥ୍‌କୋ ଅଧୀକ୍ଷଣ ଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା ଅଧ୍ୟକ୍ଷତା କରି ସାଉଥ୍‌କୋ ଉପଭୋକ୍ତାଙ୍କୁ ଉଚିତ ସେବା ଯୋଗାଇବା ପାଇଁ ସଦାଚେଷ୍ଟିତ ବୋଲି କହିଥିଲେ। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟରେ ବକେୟା ପରିଶୋଧ କରିବାକୁ ଅନୁରୋଧ କରିଥିଲେ। ଏସ୍‌ଡିଓ ହୃଦୟ ବଲ୍ଲଭ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ବାହୀଯନ୍ତ୍ରୀ ଜଗତ୍‌ଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶୂଳପାଣି ଶତପଥୀ ସଭା ସଂଯୋଜନା କରିଥିଲେ।

ଏହାପରେ ସେଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଏଫଓ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ବ୍ଲକ ଅଧ୍ୟକ୍ଷା ବିନ ଦଳବେହେରା, ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବିଡିଓ ଅନିଲ କୁମାର ସେଠୀ, ସରକାରୀ ଓକିଲ ଦିବାକର ନାୟକ, ଏସ୍‌ଡିଓ-୨ ଆଶିଷ କୁମାର ଜେନା, ଯନ୍ତ୍ରୀ ବିକାଶ ଚନ୍ଦ୍ର ସ୍ୱାଇଁ, ରତ୍ନାକର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଡୁରୁମୁ ଓ କୁଲାଡଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ୧୨ ପଞ୍ଚାୟତର ପ୍ରାୟ ୪ଶହ ହିତାଧିକାରୀଙ୍କୁ ମନ୍ତ୍ରୀ ବିଭିନ୍ନ ଭତ୍ତା ବାଣ୍ଟିଥିଲେ।




ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସାଉଥ୍‌କୋ ସବ୍‌ଷ୍ଟେଶନ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଧରାକୋଟ,୨୩।୧୦(ଡି.ଏନ୍‌.ଏ.)- ଧରାକୋଟ ବ୍ଲକ ତଥା ବଡ଼ଗଡ଼ ଥାନା ଅଧୀନ କଷେଇ ଘାଟି ଉପର ରାସ୍ତା ଶୀତାଆମ୍ବ ନାଳ ନିକଟରେ ଗୁରୁବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଷେଇ ଗ୍ରାମର ଲକ୍ଷଣ ପୋଲାଇ (୬୫)। ଶୁକ୍ରବାର ବଡ଼ଗଡ଼ ଥାନାଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛନ୍ତି। ଏ ନେଇ ନଂ. ୨୭୬/୨୦ରେ ମାମଲା ରୁଜୁ କରାଯାଇଛି। ଗଞ୍ଜାମ ଜିଲାରେ ଏ ପ୍ରକାର ଅନେକ ଲୋକଙ୍କ ମୃତ୍ୟୁ ଘଟୁଥିବା ବେଳେ କେହି ଥାନାରେ ଅଭିଯୋଗ କରୁ ନ ଥିବା ଜଣାପଡ଼ିଛି। ଏଥିପାଇଁ ସରକାରଙ୍କ ସୋଲାସିୟମ ଫଣ୍ଡର ବ୍ୟବସ୍ଥା ରହିଛି ବୋଲି ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଲେ ସରକାର ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମୃତକ ପରିବାରକୁ ୨ ରୁ ୩ ଲକ୍ଷର ସାହାର୍ଯ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

### ବାଲି ଚୋରାଚାଲାଣ, ଡ୍ରାଇଭର ଗିରଫ

ଧରାକୋଟ,୨୩।୧୦(ଡି.ଏନ.ଏ.)- ଧରାକୋଟ ଥାନା ରେଡିଦାମଦରପଲ୍ଲୀ ଗ୍ରାମ ଋଷିକୁଲ୍ୟା ନଦୀତଟରୁ ହାଇୱା ଗାଡ଼ିରେ ବେଆଇନ ବାଲି ଚାଲାଣ କରିବା ଅଭିଯୋଗରେ ଶୁକ୍ରବାର ଡ୍ରାଇଭରଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସେ ହେଲେ ମେରିକୋଟ ଗ୍ରାମର ପ୍ରଦୀପ କୁମାର ଗୌଡ଼। ନଦୀପଠାରୁ ଗତ ଗୁରୁବାର ବେଆଇନ ବାଲି ଚାଲାଣ ହେଉଥିବା ଖବର ପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନାଧିକାରୀ ସହଦେବ ମହାପାତ୍ର, ତହସିଲଦାର କବିରାଜ ପ୍ରଧାନ ସଦଳବଳ ପହଞ୍ଚି ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ଗାଡ଼ି ଫେରାର ହୋଇଯାଇଥିବା ବେଳେ ଲୋଡିଂ ଅବସ୍ଥାରେ ହାଇୱାକୁ ଜବତ କରାଯାଇ ଚାଳକଙ୍କ ଗିରଫ କରାଯାଇଥିଲା। ପ୍ରକାଶଥାଉକି, ନଦୀପଠାରେ ଲିଜ୍ ନ ଥାଇ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଟ୍ରକ୍‌ରେ ବେଆଇନ ଭାବେ ବାଲି ଜମା ରହିଥିବା ଥାନାଧିକାରୀ ଓ ତହସିଲଦାର ପ୍ରକାଶ କରିଥିବା ବେଳେ ଉକ୍ତ ବାଲିକୁ ମଧ ସରକାରୀ ନିୟମ ପ୍ରକାରେ ଜବତ କରାଯାଇ ଲିଜ୍ କରାଯିବାକୁ ମସୁଧା ଚାଲିଛି।

### ଗଜପତିରୁ ୧୧ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୩।୧୦(ସ୍ୱ.ପ୍ର.)- ଗଜପତି ଜିଲାରୁ ଶୁକ୍ରବାର ୧୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୮୮ରେ ପହଞ୍ଚିଛି। ଏହି ୪ଜଣଙ୍କ ମଧରେ ଗୋଷାଣୀ ବ୍ଲକରୁ ସର୍ବାଧିକ ୫ଜଣ, ମୋହନାରୁ ୨, ନୂଆଗଡରୁ ୨, କାଶୀନଗରରୁ ଜଣେ ଏବଂ ପାରଳାଖେମୁଣ୍ଡି ସହରାଞ୍ଚଳରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧମରେ ସୂଚନା ଦେଇଛନ୍ତି। ଏମାନ ସମସ୍ତଙ୍କୁ କୋଭିଡ୍ ଡାକ୍ତରଖାନା, କୋଭିଡ୍ କେୟାର ସେଣ୍ଟର ବା ନିଜସ୍ୱ ଘରୋଇ ସଂଗରୋଧରରେ ଭର୍ତ୍ତି ହୋଇଥିବା ହୋଇଥିବାର ଜଣାପଡିଛି।

## ବ୍ରହ୍ମପୁରରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି


ନିମଖଣ୍ଡି


ପୁରୁଣା ବସ୍‌ଷ୍ଟାଣ୍ଡ


ଗାନ୍ଧୀନଗର

# ୨ରେ ହିଞ୍ଜିଳି, ଛତ୍ରପୁର ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ

## କ୍ରୀଡ଼ା ଓ ଯୁବ ବ୍ୟପାର ନିର୍ଦ୍ଦେଶକଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର/ହିଞ୍ଜିଳିକାଟୁ,(ଡି.ଏନ୍‌.ଏ.)/ ବ୍ରହ୍ମପୁର ଅଫିସ, ୨୩।୧୦

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଆର୍. ଭିନିଲ କ୍ରିଷ୍ଣା ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ଚାଲିଥିବା ଇନ୍‌ଡୋର ଷ୍ଟାଡିୟମ ଓ ଅନ୍ୟ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଛତ୍ରପୁରରେ ୨ କୋଟି ୫ ଲକ୍ଷ ଟଙ୍କା, ହିଞ୍ଜିଳିରେ ୧୧ କୋଟି ଟଙ୍କା ଓ ବ୍ରହ୍ମପୁରରେ ୨ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଲେଖାଏ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ଛତ୍ରପୁର ଓ ହିଞ୍ଜିଳିରେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଏହି ୨ ଷ୍ଟାଡିୟମ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି। ତେଣୁ ବାକିଥିବା କାମ ସାରିବାକୁ ଅତିରିକ୍ତ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଛତ୍ରପୁରରେ ନବନିର୍ମିତ ସୁଇମିଂ ପୁଲ ନିକଟରେ ଏକ ଜିମ୍ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି।


କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ନିର୍ଦ୍ଦେଶକ ବ୍ରହ୍ମପୁର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ଛତ୍ରପୁରରେ ହକି ଷ୍ଟାଡିୟମ ନିର୍ମାଣ ପାଇଁ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରସ୍ତାବ ଦେଇଥିଲେ। ସେହିପରି ନିର୍ଦ୍ଦେଶକ ବ୍ରହ୍ମପୁର ବୈକୁଣ୍ଠନଗରରେ ବିଏମସି ପକ୍ଷରୁ ନିର୍ମାଣାଧୀନ ସ୍ପୋର୍ଟସ୍ ଏରିନା ଓ ବ୍ରହ୍ମପୁର ଷ୍ଟାଡିୟମର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଇନଡୋର ହଲ ପରିସରରେ ଚାଲିଥିବା ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ୍ କୋର୍ଟ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରିବ୍ରହ୍ମପୁର ଷ୍ଟାଡିୟମର ଖେଳପଡିଆ, ଗ୍ୟାଲେରି, ସୁଇମିଂପୁଲ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଷ୍ଟାଡିୟମ ପରିସରରେ ଇନଡୋର ହଲ୍ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ସହ ଗ୍ୟାଲେରିର ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବଙ୍କ ପରିଦର୍ଶନ ବେଳେ ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର , ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ରାସ୍ତା ଓ କୋଠାବାଡି ବିଭାଗର ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ଏସଡିଓ ଟି. ଲୋକେଶ, ଜେଇ ଅଶୋକ ବେହେରା ଉପସ୍ଥିତ ଥିଲେ।

# ଠାକୁରାଣୀ ପୀଠରେ ମହାଷ୍ଟମୀ ପୂଜା

ବ୍ରହ୍ମପୁର ଅଫିସ,୨୩।୧୦

କୁକୁଡ଼ାଖଣ୍ଡି ବ୍ଲକ ଲାଠୀ ପଞ୍ଚାୟତ ଲାଠି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ନବରାତ୍ର ପୂଜା ଚାଲିଛି। ଶୁକ୍ରବାର ମହାଷ୍ଟମୀ ପୂଜା ଚାଲିଛି। ଆଦିମାତା ଚଣ୍ଡୀଙ୍କ ଅନ୍ୟନାମ ବୁଢୀ ଠାକୁରାଣୀ। ଦେବୀ ଦୁର୍ଗାଙ୍କର ଅଷ୍ଟୋତ୍ତର ଶତନାମ ମଧ୍ୟରୁ ମା ବୁଢୀ ଠାକୁରାଣୀ ଅନ୍ୟତମ। ଏହି ଆଦିମାତା ବିଭିନ୍ନ ଯୁଗରେ ଭିନ୍ନ ରୂପରେ ରୂପାୟିତ ହୋଇଛନ୍ତି। ମା'ଙ୍କ ଏହି ପୀଠ ବହୁ ପୁରାତନ। ପୀଠରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ୯ ଦିନ ବ୍ୟାପୀ ଶାରଦୀୟ ପୂଜା ହୁଏ। ଚଳିତବର୍ଷ ମଳ ମାସ ପଡ଼ିଥିବାରୁ ୪୫ ଦିନିଆ ପୂଜା ଚାଲିଛି। ପରମ୍ପରା ଅନୁଯାୟୀ ପ୍ରତିଦିନ ମା'ଙ୍କ ପୀଠରେ ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା ଓ ଚଣ୍ଡୀପାଠ ଆୟୋଜନ ହୋଇଛି। ଗତ ୧୭ ତାରିଖରୁ ନବରାତ୍ର ପୂଜା ଚାଲିଛି। ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀରେ ରାତି ୩ଟା ଯାଏ ମା'ଙ୍କ ପୀଠରେ ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ, ହୋମ ଲାଗି ରହିଥାଏ। ତେବେ ଚଳିତ ବର୍ଷ କରୋନା ମହାମାରୀ ଲାଗି କଟକଣା ଜାରି ହୋଇଥିବାରୁ ପୀଠରେ ଭକ୍ତଙ୍କ ଭିଡ ନାହିଁ। ପୂଜକମାନଙ୍କ ଦ୍ୱାରା ଯଥାରୀତି ମା'ଙ୍କ ପୂଜା ଚାଲିଥିବା ଆୟୋଜକ କମିଟି ସଭାପତି ତଥା ପୂଜକ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି। ଜଗତକଲ୍ୟାଣ ନିମନ୍ତେ ପୂଜା ଚାଲିଛି ଓ କରୋନା ମହାମାରୀକୁ ନିପାତ କରିବାକୁ ମା'ଙ୍କୁ ଗୁହାରି କରାଯାଉଥିବା ସେ କହିଛନ୍ତି।


ମା' ଠାକୁରାଣୀ।

# ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲା କମିଟିର ବୈଠକ

ବ୍ରହ୍ମପୁର ଅଫିସ,୨୩।୧୦

ଓଡ଼ିଶା କୃଷକ ସଭାର ଗଞ୍ଜାମ ଜିଲା କମିଟି ବୈଠକ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଖାଉଟି ତଥା କୃଷକ ସର୍ବନାଶକାରୀ କୃଷି ଆଇନକୁ ବୈଠକରେ ବିରୋଧ କରାଯାଇଥିଲା। କୃଷି ଆଇନ ଏବଂ ଅନ୍ୟାନ୍ୟ ଜନବିରୋଧୀ ଆଇନ ବିରୋଧରେ କୃଷକ ଆନ୍ଦୋଳନ ଅଧିକ ବ୍ୟାପକ କରିବାକୁ ଆହ୍ୱାନ ଦିଆଯାଇଥିଲା। ସଂଗଠନ ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର କୃଷକ ମାନେ ସମ୍ମୁଖୀନ ହୋଇଥିବା ସମସ୍ୟା ଉପରେ ଆଲୋକପାତ କରିବା ସହ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କୃଷି ତଥା କୃଷକ ମରଣ ନୀତିକୁ ସମାଲୋଚନା କରଥିଲେ। ସମସ୍ତ କୃଷି ଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ କରିବା, ଆଦିବାସୀଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିବା, ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ପ୍ରଦାନ କରିବା, ବାସହୀନଙ୍କୁ ଘର ଓ ପଟ୍ଟା ପ୍ରଦାନ କରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର କରିବା ଭଳି ଆଦି ଦାବି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉପରୋକ୍ତ ଦାବି ପୂରଣ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନଭେମ୍ବର ୨୬ ଓ ୨୭ରେ ଏଆଇକେଏସସିସି ପକ୍ଷରୁ ସର୍ବଭରତୀୟ ଧର୍ମଘଟ ଓ ଦିଲ୍ଲୀ ଚାଲ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜିଲା ସଭାପତି ଗୋପାଳ ପାଣିଗ୍ରାହୀ ସଭାପତିତ୍ୱରେ ଆୟୋଜିତ ବୈଠକରେ କମିଟିର ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, କୃଷକ ନେତା କୈଳାସ ଷଡ଼ଙ୍ଗୀ, ବସନ୍ତ ନନ୍ଦ, ଲକ୍ଷ୍ମନ ପାଢ଼ୀ, ନରସିଂହ ସାହୁ, ବିଜୟ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ରନ୍ଧାମଦ ଜବତ, ୬ ଗିରଫ

ଆସିକା,୨୩।୧୦(ଡି.ଏନ୍‌.ଏ.)

ଆସିକା ଏନଏସି ପାକଲାପଲ୍ଲୀସ୍ଥିତ ଏରୋଗୋଲା ବସା ଉପରେ ଶୁକ୍ରବାର ପୋଲିସ ଚଢାଉ କରି ୨ଶହ ଲିଟର ରନ୍ଧା ମଦ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏ.ଶଙ୍କର, ପି.ଭେଙ୍କେଟେଶ, ଏ. ଶ୍ରୀନୁ, ଏ.ଦଣ୍ଡା, ଦାସ କ୍ରିଷ୍ଣା ଓ ଡି. ଶରତ କୁମାର। ଏ ନେଇ ପୃଥକ ୬ଟି ମାମଲା (ନଂ.୫୫୫, ୫୫୬, ୫୫୭, ୫୫୮, ୫୫୯ ଓ ୫୬୦/୨୦) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୨୩।୧୦

ସଦର ଥାନା ଇଲାକାରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଅଜୟ ନାଇକଙ୍କୁ ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ନିକଟ ଫାଶିବନ୍ଧ ଅଞ୍ଚଳରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଜୟ ଗାଡ଼ି ଡ୍ରାଇଭର୍ ଭାବେ କାମ କରୁଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ସେ ବିବାହ ପ୍ରତିଶ୍ରୁତି ଦେଇ ଗତ ୧୩ ତାରିଖରେ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାରବର୍ଗ ଥାନାରେ ଅଭିଯୋଗ କରିବା ପରେ ସଦର ଥାନା ପୋଲିସ ନଂ.୩୦୫/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫାଶିବନ୍ଧ ଗ୍ରାମରେ ଅଜୟ ଲୁଚିଥିବା ଖବର ମିଳିବାରୁ ସଦର ଥାନା ପୋଲିସ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା। କୋର୍ଟରେ ପୀଡ଼ିତାଙ୍କ ବୟାନ୍ ରେକର୍ଡ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଓଦା, ଶୁଖିଲା ଆବର୍ଜନାର ପୃଥକୀକରଣକୁ ଗୁରୁତ୍ୱ

## ସ୍ୱଚ୍ଛ ସର୍ବେକ୍ଷଣ ନେଇ ବିଏମ୍‌ସିର କର୍ମଶାଳା

ବ୍ରହ୍ମପୁର ଅଫିସ,୨୩।୧୦

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ପାଇଁ ସଚେତନତା କର୍ମଶାଳା ଶୁକ୍ରବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ରେ ବ୍ରହ୍ମପୁର ସହରର ଓଡିଶାରେ ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବେ ମାନ୍ୟତା ଲାଭ କରିବା ସହ ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୦୦ ସହର ମଧରେ ସ୍ଥାନିତ ହୋଇଛି। ଆସନ୍ତା ଜାନୁୟାରୀରେ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ ସର୍ଭେରେ ବ୍ରହ୍ମପୁର ଜାତୀୟସ୍ତରରେ ମଧ ଉତ୍ତମ ର୍ୟାଙ୍କ ହାସଲ କରିପାରିବ ସେ ନେଇ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ସହରରେ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ ସମୟରେ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ଭାବେ ସଂଗ୍ରହ କରିବା ଦିଗରେ ଗୁରୁତ୍ୱ ଦେବାକୁ ଆଲୋଚନା କରାଯାଇଥିଲା। ଆବର୍ଜନା ସଂଗ୍ରହର ଠିକ୍ ପରିଚାଳନା ସହ ବଜାର ଅଞ୍ଚଳ ସଫା ରଖିବା ଏବଂ ନୀଳ, ସବୁଜ ଡଷ୍ଟବିନ ବ୍ୟବହାର ଉପରେ ଦୋକାନୀଙ୍କୁ ସଚେତନ କରିବାକୁ କୁହାଯାଇଥିଲା। ସ୍ୱଚ୍ଛସାଥୀମାନେ ସ୍ୱଚ୍ଛତା ସମ୍ପର୍କିତ ଅଭିଯୋଗକୁ ସ୍ୱଚ୍ଛତା ଆପ୍ ଜରିଆରେ ଦାଖଲ କରିବା, ଓଦା, ଶୁଖିଲା ଆବର୍ଜନାକୁ ପୃଥକୀକରଣ ନେଇ ସହରବାସୀଙ୍କୁ ସଚେତନ କରିବାକୁ ସୂଚାଇ ଦିଆଯାଇଥିଲା। କର୍ମଶାଳାରେ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ଯୋଗଦେଇ ସ୍ୱଚ୍ଛ ସର୍ବେକ୍ଷଣର ନିୟମାବଳୀ ଉପରେ ଆଲୋକପାତ କରିଥିଲେ। ଡେପୁଟି କମିଶନର ରୋମାଞ୍ଚଳ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଲେ। ସମସ୍ତ ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ।


କର୍ମଶାଳାରେ ଉପସ୍ଥିତ ସ୍ୱଚ୍ଛସାଥୀ।

# ସଫା ନାଁରେ ଭାଙ୍ଗିଦେଲେ ସ୍କୁଲ ଶ୍ରେଣୀଗୃହ

ବୁଗୁଡ଼ା,୨୩।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସଫା କରିବା ନାଁରେ ଭାଙ୍ଗି ଦିଆଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ତିତ୍‌ଲି ବାତ୍ୟାରେ କ୍ଷୟକ୍ଷତି ଘଟିଥିବା ସ୍କୁଲକୁ ଦୁଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ ସ୍ଥାନୀୟ ପଞ୍ଚାୟତର ଜଣେ ୱାର୍ଡ ମେମ୍ବର ସ୍କୁଲ ସଫା କରାଯିବ କହି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଚାବି ନେଇଥିଲେ। କିନ୍ତୁ ସଫା କରିବା ବଦଳରେ ଏକ ଶ୍ରେଣୀ ଗୃହକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ଲଟା ବୁଦା ସଫାପରେ କ'ଣ କାମ କରାଯିବ ତାହା ନିଷ୍ପତ୍ତି ନିଆଯିବ ଏବଂ ରୋଷଇ ଗୃହ ଭଗ୍ନ ଅବସ୍ଥାରେ ଥିବାରୁ କାହା ଉପରେ ପଡ଼ିଯିବ ସେହି ଆଶଙ୍କାରେ ଭାଙ୍ଗି ଦିଆଯାଇଛି ବୋଲି କହିଛନ୍ତି।

# ଶରଳାପଦରରୁ ସମ୍ବଲପୁର ରାସ୍ତା ମରଣଯନ୍ତା

ଆର.ଉଦଦୟଗିରି, ୨୩।୧୦(ଡି.ଏନ.ଏ.)

ଗଜପତି ଜିଲା ନୂଆଗଡ଼ ବ୍ଲକର ଶରଳାପଦରରୁ ସମ୍ବଲପୁର ରାସ୍ତା ମରଣଯନ୍ତା ପାଲଟିଛି। ୨୦୦୮ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାକାମ ହୋଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରାସ୍ତାରେ ମାଟି ମଧ ପଡି ନଥିବାରୁ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ୬ଟି ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ରାସ୍ତାରେ ଯାତାୟାତ କରନ୍ତି। କିନ୍ତୁ ରାସ୍ତା ସାରା ଖାଲ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ଶରଳାପଦରଠାରୁ ସମ୍ବଲପୁର ୭ କିଲୋମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷାରେ ହେଲେ ଖାଲରେ ଆଣ୍ଠୁଏ ପାଣି ଜମି ଦୁର୍ଘଟଣା ଘଟୁଛି। ରାସ୍ତା କାମ ଶୀଘ୍ର ନ ହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସମ୍ବଲପୁର ସରପଞ୍ଚ ଜଗନ୍ନାଥ ଗମାଙ୍ଗ ଚେତାବନୀ ଦେଇଛନ୍ତି।


ବିପର୍ଯ୍ୟସ୍ତ ରାସ୍ତା।

ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାକର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗକୁ ଦୁଇ ବର୍ଷ ହେବ ହସ୍ତାନ୍ତର କରାଯାଇଛି ସେ ରାସ୍ତା ମରାମତି କାମ କରିବେ। ଏହାପରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ରାସ୍ତା ପାଇଁ କୌଣସି ଟଙ୍କା ଆସୁନି। ଆମେ କିପରି କାମ କରିବୁ ବୋଲି କହିବା ସହ ଉପର ଅଧିକାରୀଙ୍କୁ କହି ଟଙ୍କା ଆଣିଲେ କାମ କରିବୁ କହିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଆର.ଉଦୟଗିରି ସବଡିଭିଜନରେ ନ ରହି ଅଧିକାଂଶ ସମୟ ବ୍ରହ୍ମପୁରରେ ରୁହନ୍ତି। ରାସ୍ତାଗୁଡିକ ନଷ୍ଟ ହୋଇଗଲେ ମଧ ମରାମତି ପ୍ରତି ସେ ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି।



ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ମୋଦିଙ୍କୁ କେବେହେଲେ ଛାଡ଼ିପାରିବି ନାହିଁ।

-ଚିରାଗ ପାଶ୍ୱାନ, ଏଲ୍‌ଜେପି ଅଧକ୍ଷ



## ସଂକ୍ଷେପରେ

### ୯ରେ ଜାମିନରେ ଆସିବେ ଲାଲୁ



**ପାଟନା, ୨୩।୧୦:** ଗୋଖାଦ୍ୟ ଦୁର୍ନୀତି ମାମଲାରେ ଫସିଥିବା ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ନଭେମ୍ବର ୯ରେ ଜାମିନ ପାଇ ଜେଲରୁ ମୁକୁଳିବେ। ଏନେଇ ପୁଅ ତଥା ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଶୁକ୍ରବାର ପ୍ରକାଶ କରିଛନ୍ତି। ଏବେ ଲାଲୁପ୍ରସାଦ ରାଞ୍ଚି ଜେଲରେ ଅଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟ ପକ୍ଷରୁ ତାଙ୍କୁ ଜାମିନ ମିଳିସାରିଛି। ଅକ୍ଟୋବର ୨୮, ନଭେମ୍ବର ୩ ଓ ୭ରେ ବିହାରରେ ୩ ପର୍ଯ୍ୟାୟ ବିଶିଷ୍ଟ ବିଧାନସଭା ନିର୍ବାଚନ କରାଯାଇ ୧୦ରେ ଫଳାଫଳ ଘୋଷଣା କରାଯିବ। ୯ରେ ଲାଲୁପ୍ରସାଦ ଆସିବା ପରେ ୧୦ରେ ନୀତୀଶ କୁମାର ବିଦାୟ ନେବେ ବୋଲି ତେଜସ୍ୱୀ କହିଛନ୍ତି। ନୀତୀଶ କୁମାର ସରକାର ଶିଳ୍ପ, ନିଯୁକ୍ତି କ୍ଷେତ୍ରରେ ବିଫଳ ହୋଇଛି। ଦୁର୍ନୀତି ହଟାଇବାରେ ମଧ ସଫଳ ହୋଇନାହିଁ। ପ୍ରବାସୀଙ୍କ ଲାଗି କୌଣସି ସୁବିଧା ଯୋଗାଇ ଦେଇ ନାହାନ୍ତି। ମହାମେଣ୍ଟ କ୍ଷମତାକୁ ଆସିଲେ ୧୦ ଲକ୍ଷ ନିଯୁକ୍ତି ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶକୁ ଗୁରୁତ୍ୱ ଦେବ ବୋଲି ତେଜସ୍ୱୀ ପ୍ରକାଶ କରିଛନ୍ତି।

### ର' ମୁଖ୍ୟ-ଓଲିଙ୍କ ବୈଠକକୁ ନେଇ ବିବାଦ



**କାଠମାଣ୍ଡୁ, ୨୩।୧୦:** ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ସାମନ୍ତ କୁମାର ଗୋଏଲ ଓ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ମଧ୍ୟରେ ବୁଧବାର ହୋଇଥିବା ବୈଠକକୁ ନେଇ ପଡ଼ୋଶୀ ଦେଶରେ ବିବାଦ ସୃଷ୍ଟି ହୋଇଛି। ଶାସକ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି) ସମେତ ଅନ୍ୟ ଦଳର ନେତାମାନେ ଏହାକୁ ନେଇ ଓଲିଙ୍କୁ ଟାର୍ଗେଟ କରିଛନ୍ତି। ଓଲି ର ମୁଖ୍ୟଙ୍କ ସହ ସାକ୍ଷାତ ଆଲୋଚନା କରି ନେପାଳର କୂଟନୈତିକ ନିୟମକୁ ଭଙ୍ଗ କରିଥିବା ସେମାନେ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ବାଲୁୱାଟାରସ୍ଥିତ ଓଲିଙ୍କ ସରକାରୀ ବାସଭବନରେ ର ମୁଖ୍ୟ ତାଙ୍କୁ ଭେଟିଥିଲେ। ଏହା ନେପାଳର ଜାତୀୟ ସ୍ୱାର୍ଥର ପରିପନ୍ଥୀ ବୋଲି ଶାସକ ଦଳର ବରିଷ୍ଠ ନେତା ଭୀମ ରାୱଲ କହିଛନ୍ତି।



**ପିଆଜ ଦର ଆକାଶଛୁଆଁ:** ସାରା ଦେଶରେ ପିଆଜ ଦର କିଲୋ ପିଛା ୮୦ରୁ ୧୦୦ ଟଙ୍କାରେ ପହଞ୍ଚିଥିବାବେଳେ ବିଜୟୱାଡାର ଏକ ବଜାରରେ ରିହାତି ମୂଲ୍ୟ ୪୦ ଟଙ୍କାରେ ଦିଆଯାଉଛି।



**ଆମର ଦାବି ପୂରଣ କର:** ପାୱାର ଡେଭେଲପ୍‌ମେଣ୍ଟ ଡିପାର୍ଟମେଣ୍ଟର ଶ୍ରମିକମାନେ ବିଭିନ୍ନ ଦାବି ନେଇ ଜମ୍ମୁସ୍ଥିତ ଭାଜପା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ଭାରତକୁ ଅପରିଚ୍ଛନ୍ନ କହିଲେ ଟ୍ରମ୍ପ୍

ୱାଶିଂଟନ, ୨୩।୧୦

ଭାରତ ଅପରିଚ୍ଛନ୍ନ। ଭାରତ, ଚାଇନା ଓ ରୁଷିଆ ସେମାନଙ୍କ ପ୍ରଦୂଷିତ ବାୟୁର ଯତ୍ନ ନେଉନାହାନ୍ତି ବୋଲି ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମାଲୋଚନା କରିଛନ୍ତି। ଡେମୋକ୍ରାଟ ନୋମିନି ଜୋ ବିଡେନଙ୍କ ସହ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିତର୍କ ବେଳେ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଉଠାଇ ଟ୍ରମ୍ପ୍ ଏପରି କହିଛନ୍ତି।

ନଭେମ୍ବର ୩ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନର ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଓ ଜୋ ବିଡେନଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଛି। ନାଶଭିଲେରେ ଗୁରୁବାର ରାତିରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅନ୍ତିମ ବିତର୍କରେ ଭାଗନେଇ ବିଭିନ୍ନ ପ୍ରସଙ୍ଗ ଉପରେ ନିଜ ନିଜ ମତାମତ ରଖିବା ସହ ପରସ୍ପରକୁ ଘେରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ବିଡେନଙ୍କ ଯୋଜନାକୁ ଟ୍ରମ୍ପ୍ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଥିଲେ, ଚାଇନାକୁ ଦେଖ, କେତେ ଅପରିଷ୍କୃତ। ରୁଷିଆ ଓ ଭାରତକୁ ମଧ ଦେଖ। ଏହି ଦେଶଗୁଡ଼ିକ ଅପରିଚ୍ଛନ୍ନ ଏବଂ ନିଜ



ଡୋନାଲ୍ଡ ଟ୍ରମ୍ପ୍



ଜୋ ବିଡେନ

ପ୍ରଦୂଷଣ ରୋକିବା ପାଇଁ କିଛି ପଦକ୍ଷେପ ନେଉନାହାନ୍ତି। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏବଂ ପ୍ରତିରକ୍ଷା ସଚିବ ମାର୍କ ଏସ୍ପର ନୂଆଦିଲ୍ଲୀକୁ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଗସ୍ତ କରିବା ପୂର୍ବରୁ ଟ୍ରମ୍ପ୍ ଏପରି ମନ୍ତବ୍ୟ ଦେଇଛନ୍ତି।

ବିତର୍କ ବେଳେ ଟ୍ରମ୍ପ୍ ବିଡେନଙ୍କ କ୍ଲାଇମେଟ୍ ପ୍ଲାନ୍‌କୁ ଟେକ୍ସାସ ଏବଂ ଓକ୍‌ଲାହୋମା ଭଳି ରାଜ୍ୟ ପାଇଁ ଏକ 'ଅର୍ଥନୈତିକ ବିପର୍ଯ୍ୟୟ' ଭାବେ ସମାଲୋଚନା କରିଥିଲେ। ରାଷ୍ଟ୍ରପତି ହେବା ପାଇଁ ଅଣ୍ଟାଭିଡୁଥିବା ବିଡେନ୍ କହିଥିଲେ, ଜଳବାୟୁ ପରିବର୍ତ୍ତନ ହେଉଛି 'ମାନବ ଜାତି ପ୍ରତି ଏକ ବିଦ୍ୟମାନ ବିପଦ'। ଏହାର ମୁକାବିଲା କରିବା ଆମର ନୈତିକ ଦାୟିତ୍ୱ। ଆସନ୍ତା ୧୦ ବର୍ଷରେ ଆମେ ଏପରି ସମୟ ଦେଇ ଗତି କରିବାକୁ ଯାଉଛୁ, ଯେଉଁଠୁ କେହି

### କରୋନାକୁ ନେଇ ରାଷ୍ଟ୍ରପତିଙ୍କୁ ପୁଣି ଘେରିଲେ ବିଡେନ

ଫେରନ୍ତି ନାହିଁ। ପୃଥିବୀର ତାପମାତ୍ରା ପ୍ରାକ୍-ଶିଳ୍ପ ସ୍ତରରୁ ୧ ଡିଗ୍ରୀ ସେଲ୍‌ସିୟସ୍ (୩୪ ଡିଗ୍ରୀ ଫାରେନ୍‌ହିଟ) ବଢ଼ିସାରିଛି, ଯାହାକି ଘାତକ ତାପ ପ୍ରବାହ, ମରୁଡ଼ି ଓ ଗ୍ରୀଷ୍ମମଣ୍ଡଳୀୟ ଝଡ଼ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ବୋଲି ବିଡେନ କହିଥିଲେ। ପ୍ରକାଶଯୋଗ୍ୟ, ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତିରୁ ଆମେରିକା ୨୦୧୭ରେ ଓହରିଯାଇଥିଲା। ସେତେବେଳେ ଟ୍ରମ୍ପ୍ ଯୁକ୍ତି ବାଢ଼ିଥିଲେ, ବିଶ୍ୱର ତାପମାତ୍ରାକୁ ୨ ଡିଗ୍ରୀ ହ୍ରାସ କରିବା ପାଇଁ ଏହି ଆନ୍ତର୍ଜାତିକ ରାଜିନାମା ଆମେରିକାର ଶ୍ରମିକମାନଙ୍କ ହିତରେ ନୁହେଁ। ଭାରତ ଓ ଚାଇନା ଭଳି ଦେଶ ପ୍ୟାରିସ୍ ଏଗ୍ରିମେଣ୍ଟରୁ ଫାଇଦା ନେଉଛନ୍ତି ବୋଲି ଟ୍ରମ୍ପ୍ ଲଗାତର କହୁଥିଲେ। ସେ ଗତ ସପ୍ତାହରେ ମଧ ନର୍ଥ କାରୋଲିନାର ଏକ ସଭାରେ ନିଜ ଉଲ୍ଲସିତ ସମର୍ଥକମାନଙ୍କୁ ସମ୍ବୋଧିତ କରି ବିଶ୍ୱର ବାୟୁ ପ୍ରଦୂଷଣ ପାଇଁ ଚାଇନା, ଭାରତ ଓ ରୁଷିଆ ଭଳି ଦେଶକୁ ଦୋଷ ଦେଇଥିଲେ। ସୂଚନାଯୋଗ୍ୟ, ଚାଇନା ହେଉଛି ବିଶ୍ୱର ସବୁଠୁ ବେଶି ଅଙ୍ଗାରକାମ୍ଳ ଉର୍ତ୍ସଜନକାରୀ ଦେଶ। ଏହା ପଛକୁ ଅଛନ୍ତି ଆମେରିକା, ଭାରତ ଓ ୟୁରୋପୀୟ ସଂଘ।

### ଟ୍ରମ୍ପ୍ କହିଲେ, କରୋନା ପାଇଁ ମୁଁ ଉତ୍ତରଦାୟୀ

ଜୋ ବିଡେନ ଟ୍ରମ୍ପ୍‌ଙ୍କୁ ଟାର୍ଗେଟ କରି କହିଲେ, ଆମେ କରୋନା ଭାଇରସ୍ ଯୋଗୁ ମରୁଛୁ। କିନ୍ତୁ ଟ୍ରମ୍ପ୍ ଏଥିପାଇଁ ନିଜକୁ ଉତ୍ତରଦାୟୀ କରୁନାହାନ୍ତି। ଏହାର ଜବାବରେ ଟ୍ରମ୍ପ୍ କହିଥିଲେ, ମୁଁ ନିଜକୁ ଉତ୍ତରଦାୟୀ କରୁଛି। କିନ୍ତୁ ଏହି ଭୂତାଣୁ ଚାଇନାରୁ ଆସିଛି। ଟ୍ରମ୍ପ୍ ଆମେରିକାରେ ଉନ୍ନତ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ନେଇ କହିଥିଲେ, ଆମ ଏଠାରେ ୯୯% ଯୁବପିଢ଼ି କରୋନାକୁ ହରାଇସାରିଛନ୍ତି।

### ଘଣ୍ଟା ପ୍ରତି ବେତନ ୧୫ ଡଲାର କରିବୁ: ବିଡେନ

ଜୋ ବିଡେନ୍ ଟ୍ରମ୍ପ୍‌ଙ୍କ ସହ ବିତର୍କ ବେଳେ ଲୋକଙ୍କୁ ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଥିଲେ, ଆମ ସରକାର ଆସିଲେ ଆମେରିକାରେ ଦିଆଯାଉଥିବା ଘଣ୍ଟା ପ୍ରତି ବେତନକୁ ୧୫ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିବୁ। ଏଥିରୁ କ୍ଷୁଦ୍ର ବ୍ୟବସାୟୀଙ୍କୁ କିଛି କ୍ଷତି ସହିବାକୁ ପଡ଼ିବ ନାହିଁ। ଟ୍ରମ୍ପ୍ ଏହାର ଜବାବରେ କହିଥିଲେ, ସର୍ବନିମ୍ନ ବେତନ କେତେ ହେବା ଦରକାର ତାହା ରାଜ୍ୟଗୁଡ଼ିକ ଉପରେ ଛାଡ଼ିଦେବା ଉଚିତ।

### କିମ୍‌ଙ୍କ ସହ ସମ୍ପର୍କ କଥା ବି ଉଠିଲା

ଡେମୋକ୍ରାଟ ବିଡେନ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ସହ ସମ୍ପର୍କକୁ ନେଇ ଟାର୍ଗେଟ କରିଥିଲେ। ବିଡେନ କହିଥିଲେ, ଟ୍ରମ୍ପ୍ ଜଣେ ଠକ ନେତାଙ୍କ ସହିତ ବନ୍ଧୁତା କରିଛନ୍ତି। ସେ ଏପରି କୂଟନୀତିର ତୁଳନା ହିଟଲରଙ୍କ ସାଙ୍ଗରେ ବନ୍ଧୁତା ସହ କରି କହିଥିଲେ, ଟ୍ରମ୍ପ୍ ଏପର୍ଯ୍ୟନ୍ତ କିମ୍‌ଙ୍କ ସହ ସମ୍ପର୍କ ରଖି ଯୁଦ୍ଧ ଏଡ଼ାଇବା କଥା କହିଆସୁଛନ୍ତି। କିନ୍ତୁ କିମ୍ ଜଙ୍ଗ୍ ଉନ୍ ଜଣେ ବିଶ୍ୱାସଘାତକ।

## ଏଫ୍‌ଏଟିଏଫ୍ ଗ୍ରେ ଲିଷ୍ଟରେ ପାକିସ୍ତାନ




ନୂଆଦିଲ୍ଲୀ, ୨୩।୧୦

ପାକିସ୍ତାନ ପୁଣି ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଗ୍ରେ ତାଲିକାରେ ରହିଛି। ଆତଙ୍କବାଦ ରୋକିବା ଲାଗି ୨୭ଟିରୁ ୬ଟି ନିର୍ଦ୍ଦେଶ ପାଳନ କରି ନ ଥିବାରୁ ପୁଣି ତାକୁ ଗ୍ରେ ତାଲିକାରେ ରଖାଯାଇଛି। ଏଫ୍‌ଏଟିଏଫ୍‌ର ୨୧ଟି ନିର୍ଦ୍ଦେଶ ପାଳନ କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କୁହାଯାଇଛି। ତେବେ ଅଧିକ କିଛି କରିବାକୁ ପଡ଼ିବ। ୨୦୨୧ ଫେବୃୟାରୀ ସୁଦ୍ଧା ସମସ୍ତ ନିର୍ଦ୍ଦେଶ ଅନୁପାଳନ ନ କଲେ ପାକିସ୍ତାନ ଅସୁବିଧାରେ ପଡ଼ିବାର ଆଶଙ୍କା ରହିଛି ବୋଲି ବୈଠକ ପରେ କୁହାଯାଇଛି। ଆତଙ୍କବାଦୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣକରିବା, ଆତଙ୍କବାଦୀଙ୍କୁ ଅର୍ଥଯୋଗାଣ ବନ୍ଦକରିବା, ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ଆଦି କାର୍ଯ୍ୟ ପାକିସ୍ତାନ କରିବା ଉଚିତ ବୋଲି ଏଫ୍‌ଏଟିଏଫ୍ ପକ୍ଷରୁ କୁହାଯାଇଛି।

## ଅଭିଯୁକ୍ତଙ୍କୁ ହାଜତରେ ପିଟିଲେ ଲୋକେ

ଚଣ୍ଡିଗଡ଼, ୨୩।୧୦

ପଞ୍ଜାବର ତଣ୍ଡା ସହରରେ ଜଣେ ୬ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ମାରି ଜାଳିଦେବା ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ ହାଜତ ଭିତରେ ନିସ୍ତୁକ ମାଡ଼ ମାରିଛନ୍ତି। ଅଭିଯୁକ୍ତ ଗୁରପ୍ରୀତ୍ ସିଂ ଓ ତାଙ୍କ ଜେଜେ ସୁରଜିତ୍ ସିଂଙ୍କୁ ତୁରନ୍ତ ହସ୍ତାନ୍ତର କରାଯାଉ ବୋଲି ଲୋକେ ଦାବି କରିଥିଲେ। ଏ ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ୩ ଦିନ

### ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

ମଧ୍ୟରେ ରିପୋର୍ଟ ଦେବା ଲାଗି ରାଜ୍ୟକୁ କୁହାଯାଇଛି। ଗୁରୁବାର ସନ୍ଧ୍ୟାରେ ଶିଶୁକନ୍ୟାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଅଭିଯୁକ୍ତଙ୍କ ଜଲାଲପୁର ଗ୍ରାମ ଘରୁ ଜବତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ତଦନ୍ତ ନିର୍ଦ୍ଦେଶ ଦେଇ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର ପାଇଁ କହିଛନ୍ତି।

## ରିପବ୍ଲିକ୍ ଟିଭିର ୧,୦୦୦ ଜଣଙ୍କ ନାଁରେ ଏଫ୍ଆଇଆର୍

**ମୁମ୍ବାଇ, ୨୩।୧୦:** ରିପବ୍ଲିକ୍ ଟିଭିରେ କାର୍ଯ୍ୟରତ ୧,୦୦୦ ଜଣଙ୍କ ବିରୋଧରେ ମୁମ୍ବାଇ ପୋଲିସ ଏଫ୍ଆଇଆର୍ କରିଛି। ଏନେଇ ଉକ୍ତ ନ୍ୟୁଜ୍ ଚ୍ୟାନେଲର ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନେଟ୍‌ୱର୍କର ସମସ୍ତ ସମ୍ପାଦନା ମଣ୍ଡଳୀ ବିରୋଧରେ ଏଫ୍ଆଇଆର୍ କରାଯିବା ଦୁର୍ଭାଗ୍ୟଜନକ। ମୁମ୍ବାଇ ପୋଲିସକୁ ବଦନାମ କରି ପୋଲିସ ବଳର ଛବି ଖରାପ କରିବା ଅଭିଯୋଗରେ ଆଇପିସି ଦଫା ୫୦୦ ଏବଂ ୩୪ ଅନୁସାରେ ମାମଲା ଦାଏର କରାଯାଇଛି, ଯାହାକି ଜାମିନ ବିହୀନ ଅପରାଧ ଅନ୍ତର୍ଗତ। ଦେଶର ଇତିହାସରେ ଏହା ଏହି ଧରଣର ପ୍ରଥମ ଘଟଣା ବୋଲି ଅର୍ଣ୍ଣବ ନିନ୍ଦା କରିବା ସହ ପୋଲିସ କମିଶନର ପରମବୀର ସିଂଙ୍କୁ ଏଥିପାଇଁ ଦାୟୀ କରିଛନ୍ତି।



ଅର୍ଣ୍ଣବ ଗୋସ୍ୱାମୀ

## ପ୍ଲାଜ୍‌ମା ଥେରାପିରୁ ସୁଫଳ ମିଳୁନି: ଆଇସିଏମ୍‌ଆର୍

ନୂଆଦିଲ୍ଲୀ, ୨୩।୧୦

କରୋନା ରୋଗୀଙ୍କ ଲାଗି ପ୍ଲାଜ୍‌ମା ଥେରାପି ବିଶେଷ ଫଳପ୍ରଦ ହେବ ବୋଲି କୁହାଯାଇଥିବାବେଳେ ଏହାର କୌଣସି ସୁଫଳ ମିଳୁ ନ ଥିବା ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ପକ୍ଷରୁ କୁହାଯାଇଛି। ବ୍ରିଟିଶ ମେଡିକାଲ ଜର୍ନାଲରେ ମଧ ଏହା କୁହାଯାଇଛି। ଗୁରୁତର ଥିବା କରୋନା ରୋଗୀଙ୍କ କ୍ଷେତ୍ରରେ ପ୍ଲାଜ୍‌ମା ଥେରାପି କୌଣସି ସୁଫଳ ପ୍ରଦାନ କରୁନି। ସଂକ୍ରମିତ ହୋଇ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତିଙ୍କ ରକ୍ତ ଦ୍ୱାରା ଏହି ଥେରାପି କରାଯାଇଥାଏ। ଏକ ଷ୍ଟଡିରୁ ଏହାର ସୁଫଳ ମିଳୁ ନ ଥିବା ଜଣାପଡ଼ିବା ପରେ ପ୍ଲାଜ୍‌ମା ଥେରାପିକୁ କରୋନା ଚିକିତ୍ସା ପ୍ରଣାଳିରୁ ବାଦ୍ ଦେବା ଲାଗି ବିଚାର କରାଯାଉଥିବା ନ୍ୟାଶନାଲ ଟାସ୍କ ଫୋର୍ସ ପକ୍ଷରୁ କୁହାଯାଇଛି।

ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଏହି ଥେରାପି ନେଇଥିବାବେଳେ ଏହାକୁ ଦୃଢ ସମର୍ଥନ କରିଥିଲେ। ଆଇସିଏମ୍‌ଆର୍ ଓ ଏମ୍ସ ପକ୍ଷରୁ ବ୍ୟାପକ ପରୀକ୍ଷାନିରୀକ୍ଷା କରାଯିବା ପରେ ପ୍ଲାଜ୍‌ମା ଥେରାପି ଦ୍ୱାରା କୌଣସି ସୁଫଳ କରୋନା ରୋଗୀ ପାଉ ନ ଥିବା ଜଣାପଡ଼ିଛି। ପ୍ରକାଶଥାଉ କି, ପ୍ରାୟ ୨ ହଜାର ଲୋକଙ୍କୁ ଏହି ଥେରାପି ଦିଆଯାଇସାରିଛି।



# ୩୭୦ ଲାଗୁ ପ୍ରତିଶ୍ରୁତି ଅପମାନଜନକ

ପାଟନା, ୨୩।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିହାରର ୩ଟି ସ୍ଥାନରେ ନିର୍ବାଚନ ରାଲି କରି ଭୋଟରଙ୍କୁ ମନାଇବା ଲାଗି ପ୍ରୟାସ କରିଛନ୍ତି। ବିହାରର ସାସାରାମ, ଗୟା ଓ ଭାଗଲପୁରରେ ସେ ବିରୋଧୀ କଂଗ୍ରେସ ଓ ଆର୍‌ଜେଡି ଉପରେ ବର୍ଷିଛନ୍ତି। ସାସାରାମରେ ଅନୁଷ୍ଠିତ ନିର୍ବାଚନୀ ରାଲିରେ ମୋଦି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯିବାକୁ ବିରୋଧୀ ଦଳ ସହିପାରୁନି। ଏଥିଲାଗି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଉଛି। କ୍ଷମତାକୁ ଫେରିଲେ ପୁଣି ସେଠାରେ ୩୭୦ ଲାଗୁ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଉଛି। ଦେଶର ସୁରକ୍ଷା ଲାଗି ସୀମାରେ ରାଜ୍ୟର ଯୁବତୀଯୁବକମାନେ ମୁତୟନ ଥିବାବେଳେ ବିରୋଧୀଙ୍କ ଏଭଳି ଆଭିମୁଖ୍ୟ ବିହାର ଲାଗି ଅପମାନଜନକ ବୋଲି ମୋଦି ସାସାରାମ ରାଲିରେ କହିଛନ୍ତି।

ପୂର୍ବ ସରକାର ମାଓବାଦୀଙ୍କୁ ସମର୍ଥନ କରି ବିହାରକୁ ଦୁର୍ବଳ, ଦରିଦ୍ର କରିପକାଇଥିବା ସେ ପ୍ରକାଶ କରିଛନ୍ତି। ଆର୍‌ଜେଡିର ୧୫ ବର୍ଷ ଶାସନକାଳରେ ବିଭିନ୍ନ ଲୁଟ୍, ଅପରାଧ ଚରମସୀମାରେ ପହଞ୍ଚିଥିଲା। ଏନ୍‌ଡିଏ ବିରୋଧରେ ଲଢୁଥିବା ଦଳ ଦେଶର ଅଭିବୃଦ୍ଧି ଚାହାନ୍ତିନି। ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଗଠନ ହେବା ପରେ ଏଠାରେ ବିକାଶ ପରିଲକ୍ଷିତ ହୋଇଛି। ଏନ୍‌ଡିଏ ସରକାର ପୁଣି ବିହାରରେ ଆସିଲେ ବିକାଶଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ମୋଦି ଭାଗଲପୁର ରାଲିରେ ପ୍ରକାଶ କରିଥିଲେ।

ଗୟା ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ୯୦ ଦଶକର ଶାସନକୁ ସବୁଠାରୁ ଖରାପ ଥିଲା ବୋଲି କହି ମହାମେଣ୍ଟକୁ ସମାଲୋଚନା କରିଛନ୍ତି। ଲୋକଙ୍କ ଉନ୍ନତି ପରିବର୍ତ୍ତେ ସେତେବେଳେ ଜଙ୍ଗଲରାଜ୍ ଚାଲିଥିଲା। ଏବେ ଲୋକଙ୍କ ପାଖରେ ବିଜୁଳି ପହଞ୍ଚିଛି, ଲଣ୍ଠନ(ଆର୍‌ଜେଡିର ନିର୍ବାଚନୀ ଚିହ୍ନ)ର ଯୁଗ ଶେଷ ହୋଇଛି। ନୂଆ ପିଢ଼ି ପାଖରେ କିଛି ଅଛପା ନାହିଁ। ବିହାରକୁ ଆତ୍ମନିର୍ଭରଶୀଳ କରି ବିକାଶ ପଥରେ ଆଗେଇ ନେବା ଲାଗି ଏନ୍‌ଡିଏ ବିଜୟୀ ହେବା ଜରୁରୀ ବୋଲି ମୋଦି ରାଲିକୁ ସମ୍ବୋଧନ କରି କହିଥିଲେ। ପ୍ରକାଶଥାଉ କି, ୨୮ରୁ ବିହାର ବିଧାନସଭା ଲାଗି ଭୋଟଗ୍ରହଣ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ଏଠାରେ ମୋଟ ୧୨ ରାଲି କରିବେ ବୋଲି ଜଣାପଡ଼ିଛି।



- ବିହାରରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର
- କଂଗ୍ରେସ-ଆର୍‌ଜେଡି ଉପରେ ବର୍ଷିଲେ

### ଚାଇନା ଦଖଲରୁ ଜାଗା କେବେ ଫେରିବ

ହିସୁଆ, ୨୩।୧୦

ବିହାରରେ ପ୍ରଚାର ମଇଦାନକୁ ଓହ୍ଲାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସିଧା ଟାର୍ଗେଟ କରିଛନ୍ତି। ଲଦାଖରେ ଚାଇନା ଜୋର୍‌ଜବରଦସ୍ତ ଭାରତର ଜାଗାକୁ ମାଡ଼ିବସିଛି। କିନ୍ତୁ ପ୍ରଧାନମନ୍ତ୍ରୀ କେହି ଆମ ଜାଗା ନେଇନାହାନ୍ତି ବୋଲି କହୁଛନ୍ତି। ଏହା ଦେଶର ସୁରକ୍ଷା ଲାଗି ନିୟୋଜିତ ଯବାନଙ୍କ ପ୍ରତି ଅପମାନ ବୋଲି ରାହୁଲ କହିଛନ୍ତି। ଚାଇନା ଭାରତର ୧,୨୦୦ କି.ମି. ମାଡ଼ିବସିଛି। କେବେ ଚାଇନା ସୈନ୍ୟ ସେଠାରୁ ହଟିବେ ଓ ଭାରତ ଉକ୍ତ ଅଞ୍ଚଳ ଫେରିପାଇବ ବୋଲି ବିହାର ରାଲିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶ୍ନ କରିଛନ୍ତି। ମହାମାରୀ କରୋନା କାଳରେ ବାହାର ରାଜ୍ୟରେ ଥିବା ବିହାରବାସୀ ଭୋକ ଉପାସରେ ରହି ଫେରିବାକୁ ବ୍ୟାକୁଳ ହେଉଥିବାବେଳେ ପ୍ରଧାନମନ୍ତ୍ରୀ କିଛି ସହଯୋଗ କରି ନଥିବା ରାହୁଲ ଅଭିଯୋଗ କରିଛନ୍ତି। ସେମାନଙ୍କ ସମସ୍ୟା କଥା ନ କହିବା ଭଲ। ରାଜ୍ୟରେ ବେକାର ସମସ୍ୟା ବଢ଼ିଚାଲିଛି। ଲୋକଙ୍କୁ ଏଠାରେ ନିଯୁକ୍ତି ମିଳିପାରୁ ନାହିଁ। ଏଭଳି ସ୍ଥିତିରେ ଲୋକଙ୍କୁ ସ୍ୱପ୍ନ ଦେଖାଯିବା ଠିକ୍ ନୁହେଁ ବୋଲି ରାହୁଲ ପ୍ରକାଶ କରିଛନ୍ତି।



### ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ପ୍ରଶ୍ନ

## ସଂକ୍ଷେପରେ

### ପାର୍ଲାମେଣ୍ଟ କମିଟିକୁ ଭେଟିଲେ ଫେସବୁକ୍ ଅଧିକାରୀ

**ନୂଆଦିଲ୍ଲୀ,୨୩।୧୦:** ଡାଟା ସୁରକ୍ଷା ନେଇ ପାର୍ଲାମେଣ୍ଟ କମିଟି ଫେସ୍‌ବୁକ ଏବଂ ଟୁଇଟର ଭଳି ପ୍ରମୁଖ ଟେକ୍ନୋଲୋଜି କମ୍ପାନୀଙ୍କୁ ସମନ ଜାରି କରିଛି। ଶୁକ୍ରବାର ଫେସ୍‌ବୁକର ଭାରତ ତଥା କେନ୍ଦ୍ର ଏବଂ ଦକ୍ଷିଣ ଏସିଆ ଲାଗି ପବ୍ଲିକ ପଲିସି ମୁଖ୍ୟ ଭାବେ କାର୍ଯ୍ୟରତ ଆଂକ୍ଷୀ ଦାସ ପାର୍ଲମେଣ୍ଟ କମିଟି ଆଗରେ ହାଜର ହୋଇଛନ୍ତି। କମିଟି ସଦସ୍ୟମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଫେସବୁକ ପ୍ରତିନିଧିଙ୍କୁ ପ୍ରଶ୍ନ କରିଥିବା ଜଣାପଡିଛି। ଅକ୍ଟୋବର ୨୮ରେ ଟୁଇଟର ଏବଂ ୨୯ରେ ପେଟିଏମ୍ ଏବଂ ଗୁଗଲ ଅଧିକାରୀଙ୍କୁ ହାଜର ହେବା ଲାଗି କୁହାଯାଇଛି। ଏହି କମିଟି ସାମ୍ନାରେ ହାଜର ହେବା ଲାଗି ଆମାଜନ ଅଗ୍ରାହ୍ୟ କରୁଥିବା ସୂଚନା ରହିଛି। ଭାଜପା ଏମ୍‌ପି ମୀନାକ୍ଷୀ ଲେଖୀଙ୍କ ଅଧକ୍ଷତାରେ ଗଠିତ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ-୨୦୧୯ ସମ୍ପର୍କିତ ପାର୍ଲାମେଣ୍ଟର ଯୁଗ୍ମ କମିଟି ସାମ୍ନାରେ ପ୍ରମୁଖ ଟେକ୍ନୋଲୋଜି କମ୍ପାନୀର ଅଧିକାରୀ ହାଜର ହେବାକୁ ଗୁରୁବାର ନିର୍ଦ୍ଦେଶ ଦିଆଯାଇଥିଲା।

### ସାମସଙ୍ଗ ଇଣ୍ଡିଆର ପାର୍ବଣ ଅଫର

**ଭୁବନେଶ୍ୱର,୨୩।୧୦:** ଦେଶର ଅଗ୍ରଣୀ ଇଲେକଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରିୱାର୍ଡ ଇୟୋରସେଲ୍ଫ ଅଭିଯାନର ଶୁଭାରମ୍ଭ କରିଛି। ଏହି ଅଫର ଅଭିଯାନ ସହିତ ଗ୍ରାହକମାନେ ଏଚଡିଏଫସି କ୍ରେଡିଟ କାର୍ଡ ଏବଂ ଡେବିଟ କାର୍ଡ ସହ ଏସବିଆଇ କ୍ରେଡିଟ କାର୍ଡ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି।

### ସ୍ୱଚ୍ଛତା ଉପରେ ଓୟୋ ହୋଟେଲ୍ସର ଗୁରୁତ୍ୱ

**ନୂଆଦିଲ୍ଲୀ,୨୩।୧୦:** କରୋନା ମହାମାରୀର ଭୟାଭହତା ସାଧାରଣ ଜନତାଙ୍କ ମନରୁ ସାମାନ୍ୟ ଦୂର ହେବା ପରେ ଦେଶ ପୁଣିଥରେ ଗତିଶୀଳ ହୋଇଛି। ମହାମାରୀର ଭୟ ଓ ସରକାରଙ୍କ କଟକଣା ଦୃଷ୍ଟିରୁ ସବୁ କିଛି ଧୀରେ ଧୀରେ ଆରମ୍ଭ ହୋଇଛି। ପୂର୍ବ ପରି ଆଉ ପରିବେଶ ନାହିଁ ଭିନ୍ନ ରୂପ ଓ ଉପାୟ ଅବଲମ୍ବନ କରିଛନ୍ତି ନାଗରିକ। ଯାତାୟତ ପାଇଁ ସର୍ବଦା ବିକଶିତ ଟ୍ରାଭେଲ ଟ୍ରେଣ୍ଡ ଓ ଗ୍ରାହକଙ୍କ ଭାବନାକୁ ଦୃଷ୍ଟିରେ ରଖି, ଓୟୋ ହୋଟେଲ୍ସ ଆଣ୍ଡ ହୋମସ ପକ୍ଷରୁ କରୋନା ମୁକ୍ତ ପରିବେଶ ସୃଷ୍ଟି ପାଇଁ ସାନିଟାଇଜେଶନ ଓ ସ୍ୱଚ୍ଛତା ପ୍ରୟାସ ଗୁଡିକୁ ଉନ୍ନତ କରିବା ଲାଗି ଚଳିତ ବର୍ଷ ମେ ମାସ ଠାରୁ ୟୁନିଲିଭର ସହ ମିଳିତ ଭାବରେ ସାନିଟାଇଜଡ ସହ ରହଣୀର ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ସମୟରେ ଆତିଥ୍ୟ ଶୃଙ୍ଖଳାରେ ସାନିଟାଇଜେଶନ ପ୍ରାୟସ ଗୁଡିକୁ ଦର୍ଶାଇବା ଏବଂ ଯାତ୍ରୀମାନଙ୍କ ମଧରେ ବିଶ୍ୱାସକୁ ନିର୍ମାଣ କରିବା ଲାଗି ସଂସ୍ଥା ଆଉ ଏକ ପାଦ ଆଗକୁ ବଢ଼ି ବଲିଉଡ ଅଭିନେତା ସୋନୁ ସୁଦ୍‌ଙ୍କୁ କମ୍ପାନୀର ବ୍ରାଣ୍ଡ ଆମ୍ବସାଡାର ଭାବରେ ନିଯୁକ୍ତ କରିଛି।

# ଜିଡିପିକୁ ଲାଗିବ ଦୁଇ ଅଙ୍କର ଝଟକା

### ରଏଟର୍ସ ଅର୍ଥନୀତିଜ୍ଞଙ୍କ ସର୍ଭେ




**ନୂଆଦିଲ୍ଲୀ,୨୩।୧୦**

କରୋନା ପାଇଁ ଘରୋଇ ବଜାରର ସ୍ଥିତି ବେହାଲ ହୋଇ ରହିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥାର ମୋଟ ଘରୋଇ ଉତ୍ପାଦ (ଜିଡିପି) ରେକର୍ଡ ସ୍ତରରେ ହ୍ରାସ ହେବ ବୋଲି ଆକଳନ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପିକୁ ୨୩.୯% ଝଟକା ଲାଗିଛି। ସେହିଭଳି ତୃତୀୟ ଏବଂ ଚତୁର୍ଥ ତ୍ରୈମାସରେ ଜିଡିପି ଯଥାକ୍ରମେ ୧୦.୪% ଏବଂ ୫.୦% ହ୍ରାସ ହେବା ନେଇ ଆକଳନ ହୋଇଛି। ଜିଡିପି ୯.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ପ୍ରକାଶ କରିଛି। ସେହିଭଳି ଜିଡିପି ହ୍ରାସ ୯.୮% ରହିବ ବୋଲି ଅନ୍ୟ କିଛି ପ୍ରମୁଖ ଏଜେନ୍ସି ରିପୋର୍ଟରେ କହିଛନ୍ତି। ଏଭଳି ସ୍ଥିତିରେ ଜିଡିପି ୧୦%ରୁ ଅଧିକ ଖସିବ ବୋଲି ରଏଟର୍ସ ଅର୍ଥନୀତିଜ୍ଞ ମତ ପ୍ରକାଶ କରିଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଏହା ସବୁଠାରୁ ବଡ଼ ଧରଣର କ୍ଷତି ବୋଲି ଏହି ରିପୋର୍ଟରେ କୁହାଯାଇଛି। ୨୦୨୧-୨୨ରେ ଜିଡିପି ୯% ଏବଂ ୨୦୨୨-୨୩ରେ ୫.୭% ରହିବା ନେଇ ଆକଳନ କରାଯାଇଛି। ସେହିଭଳି ଜିଡିପି କୋଭିଡ୍ ପୂର୍ବସ୍ତରକୁ ଫେରିବା ଲାଗି ଅନ୍ତତଃ ପକ୍ଷେ ଗୋଟିଏ ବର୍ଷ ଲାଗିପାରେ। କ୍ଷତି ହୋଇଥିବା ଜିଡିପି ଭରଣାକରି ପୁଣି ଅଭିବୃଦ୍ଧି ହାସଲ କରିବା ନିଶ୍ଚିତ ପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଇଛି।

ବଜାରର ସ୍ଥିତିକୁ ଠିକ୍ କରିବା ଲାଗି କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଆଣିଛନ୍ତି। ମାତ୍ର ଏହା ବିଶେଷ ଫଳପ୍ରଦ ହୋଇପାରିନାହିଁ। କରୋନା ପ୍ରଭାବିତ ବଜାରରେ ଆର୍ଥିକ କାର୍ଯ୍ୟକଳାପକୁ ଫେରାଇ ଆଣିବା ଦିଗରେ ଏହା ବିଶେଷ ଯୋଗଦାନ ରଖି ପାରିନାହିଁ ବୋଲି ରଏଟର୍ସ ପକ୍ଷରୁ ଅର୍ଥନୀତିଜ୍ଞଙ୍କୁ ନେଇ କରାଯାଇଥିବା ସର୍ଭେରେ ଏହା ପ୍ରକାଶ ପାଇଛି। ଭାରତରେ କରୋନା ସଂକ୍ରମଣ ଥମିବାର ନାଁ ନେଉନାହିଁ। ବର୍ତ୍ତମାନ ସାରା ଦେଶରେ ୭୫ ଲକ୍ଷ ଲୋକ ଏହି ସଂକ୍ରମଣର ଶିକାର ହୋଇଛନ୍ତି। ଆମେରିକା ପରେ ଭାରତ ସଂକ୍ରମଣରେ ଦ୍ୱିତୀୟ ସ୍ଥାନରେ ରହିଛି। କରୋନା ମାମଲା ବଢୁଥିବାରୁ ଏହାର ବଜାରକୁ ମଧ୍ୟ ଆଶଙ୍କାଗ୍ରସ୍ତ କରି ରଖିଛି। ଦରଦାମ ଉଚ୍ଚରେ ରହିଥିଲେ ମଧ ବଜାରର ଅଭିବୃଦ୍ଧିକୁ ନେଇ ରିଜର୍ଭ ବ୍ୟାଙ୍କ ଚିନ୍ତିତ ରହିଛି। ସେହି ଅନୁସାରେ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ଗ୍ରହଣ କରୁଛି। ଲୋକଙ୍କ ନିଯୁକ୍ତି ହ୍ରାସ ଏବଂ ଦରମା କାଟ ଭଳି ସମସ୍ୟା ଚାହିଦା ଉପରେ ପ୍ରଭାବ ପକାଉଥିବା ରଏଟର୍ସ ରିପୋର୍ଟରେ ପ୍ରକାଶ ପାଇଛି।

ସରକାର ବର୍ତ୍ତମାନ ଅଧିକାଂଶ କଟକଣା ବଜାରରୁ ଉଠାଇଦେଲେଣି। ହେଲେ ଲୋକଙ୍କ ମନରେ ଭୟ ରହିଥିବାରୁ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରିବାରେ ସମସ୍ୟା ଉପୁଜୁଛି। ଦରଦାମ ଉଚ୍ଚରେ ରହିବା ଫଳରେ ନିକଟରେ ହୋଇଥିବା ମୁଦ୍ରାନୀତି କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରକୁ ଅପରିବର୍ତ୍ତିତ ରଖିଛି। ସେହି ଭଳି ଅର୍ଥ ବ୍ୟବସ୍ଥାକୁ ନେଇ ଏହାର ଅନୁମାନ ମଧ ନକାରାତ୍ମକ ରହିଛି। ଅର୍ଥ ବ୍ୟବସ୍ଥାରେ ଚାହିଦା ଫେରାଇ ଆଣିବା ଲାଗି ସରକାର ନିକଟରେ ପୁଣି ଥରେ ୭୩ ହଜାର କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି। ୫୫ ଅର୍ଥନୀତିଜ୍ଞଙ୍କୁ ହୋଇ ରଏଟର୍ସର ଏହି ସର୍ଭେରେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ନେଇ ନିରାଶା ପ୍ରକଟ କରାଯାଇଛି। ପ୍ରାୟ ୯୦% ଅର୍ଥନୀତିଜ୍ଞ କହିଛନ୍ତି, ସରକାରଙ୍କ ପ୍ୟାକେଜ ଅର୍ଥ ବ୍ୟବସ୍ଥାରେ ଉତ୍ସାହ ଆଣିପାରିନାହିଁ। ଏହି ପରିପ୍ରେକ୍ଷୀରେ ଖାଉଟିଙ୍କ ଖର୍ଚ୍ଚ ବୃଦ୍ଧି ପୁଞ୍ଜି ଖର୍ଚ୍ଚ ଲାଗି ଯେଉଁ ଯୋଜନା ରହିଛି ତାହା ହୁଏତ ଭିନ୍ନ ହୋଇଛି। ମାତ୍ର ସରକାର ଏ ଦିଗରେ ଗ୍ରହଣ କରିଥିବା ବିତ୍ତୀୟ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ସାକ୍ଷୀ ଗୁପ୍ତା ମତ ପ୍ରକାଶ କରିଛନ୍ତି। ସରକାର ଯେଉଁ ବଡ଼ ପ୍ୟାକେଜ ଘୋଷଣା କରିଛନ୍ତି ସେଥିରେ ନିଜସ୍ୱ ଖର୍ଚ୍ଚ କମ୍ ବୋଲି ବୁଝାପଡିବ ଅର୍ଥାତ୍ ପ୍ୟାକେଜର ଅଧିକାଂଶ ଅଂଶ କେବଳ ଋଣ ଆକାରରେ ରହିଛି। ଅର୍ଥ ବ୍ୟବସ୍ଥା ଠିକ୍ ନ ଥିବା ବେଳେ ଋଣ ନେଇ ନିବେଶ କରିବାକୁ କିଏ ଆଗେଇ ଆସିବ ବୋଲି ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି।

### କ୍ଷତି ଭରଣା ପାଇଁ ଲାଗିପାରେ ବର୍ଷେ

**ନୂଆଦିଲ୍ଲୀ,୨୩।୧୦**

କରୋନା ଲାଗି ଭାରତୀୟ ଅର୍ଥ ବ୍ୟବସ୍ଥା ଯେଉଁଭଳି ଭାବେ କ୍ଷତି ସହିଛି ତା'ର ଭରଣା ଲାଗି ଗୋଟିଏ ବର୍ଷ ଲାଗିପାରେ ବୋଲି ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି ସଦସ୍ୟ ମାଇକେଲ ପାତ୍ର କହିଛନ୍ତି। ସେ କହିଛନ୍ତି, କରୋନା ପରେ ସାରା ବିଶ୍ୱ ଏବଂ ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ ହେବ। ସାମାଜିକ ଏବଂ ବାଣିଜ୍ୟିକ ବ୍ୟବହାରରେ ବିଶେଷ ପରିବର୍ତ୍ତନ ଆସିବ। ମୋଟାମୋଟି ଭାବେ କହିବାକୁ ଗଲେ ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବ। ସେହିଭଳି ଢାଞ୍ଚାଗତ ପରିବର୍ତ୍ତନ ମଧ ଦେଖାଯିବ। ସେହିଭଳି କୋଭିଡ୍ ପରେ ବିକାଶର ଗତିକୁ ଅଲଗା ଭାବେ ପ୍ରସ୍ତୁତ ହେବ। ଚଳିତ ମାସ ପ୍ରାରମ୍ଭରେ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ



ମାଇକେଲ ପାତ୍ର

ଅନୁଷ୍ଠିତ ହୋଇଥିଲା। ଲଗାତର ଦ୍ୱିତୀୟ ଥର ଲାଗି ରିଜର୍ଭ ବ୍ୟାଙ୍କ ଏହାର ରେପୋ (କେନ୍ଦ୍ରୀୟ ବ୍ୟାଙ୍କ ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କକୁ ସୁଧ ଦିଏ)କୁ ଅପରିବର୍ତ୍ତିତ ୪% ରଖିଛି। ସୁଧହାର ହ୍ରାସ ପାଇଁ ରିଜର୍ଭ ବ୍ୟାଙ୍କ ପ୍ରସ୍ତୁତ ହୋଇ ରହିଛି। ବଜାର ସ୍ଥିତି ବଦଳିଲେ କେନ୍ଦ୍ରୀୟ ବ୍ୟାଙ୍କ ଏ ଦିଗରେ ପଦକ୍ଷେପ ନେବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ନିକଟରେ କହିଥିଲେ।

## ନେଟ୍‌ୱର୍କ ଉପସ୍ଥିତି ବଢ଼ାଇଲା ରେନୋ

**ନୂଆଦିଲ୍ଲୀ,୨୩।୧୦**




ରେନୋ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ଆହୁରି ଦୃଢ଼ କରିଛି। ଗତ ୨ ମାସରେ କମ୍ପାନୀ ୩୪ ନୂଆ ସେଲ୍ସ ଏବଂ ସର୍ଭିସ ଟଚ୍ ପଏଣ୍ଟ ଏହାର ନେଟ୍‌ୱର୍କରେ ଯୋଡ଼ିଛି। ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ କମ୍ପାନୀ ୯୦ ନୂଆ ସେଲ୍ସ ଏବଂ ସର୍ଭିସ ଟଚ୍ ପଏଣ୍ଟ ଯୋଡ଼ିବାକୁ ସକ୍ଷମ ହୋଇଥିବା କହିଛି। ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ଦୃଢ଼ କରିବା ଲାଗି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଥିବା ସୂଚନା ଦେଇଛି। ନୂଆ ଡିଲରଶିପଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିୟାଣା, ପଞ୍ଜାବ, ତେଲଙ୍ଗାନା, ଉତ୍ତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ସ୍ଥାନରେ ଖୋଲିଛି। ଏଭଳି ପଦକ୍ଷେପ ଦ୍ୱାରା କମ୍ପାନୀ ୪୧୫ ସେଲ୍ସ ଏବଂ ୪୭୫ ସର୍ଭିସ ଟଚ୍ ପଏଣ୍ଟ ନିଜ ସହ ସଂଯୋଗ କରିଛି। ଏହା ମଧ୍ୟରେ ସାରା ଦେଶର ୨୦୦ ୱାର୍କଶପ ଅନ୍ ହ୍ୱିଲ ସାମିଲ ରହିଛି। କମ୍ପାନୀ ଭାରତ ବଜାରରେ ଦୃଢ଼ ପ୍ରଡକ୍ଟ ରେଞ୍ଜ ପ୍ରଦାନ କରୁଛି। ନିକଟରେ ଏହା ଟ୍ରାଇବର ଏଏମ୍‌ଟି, କ୍ୱିଡ ୧.୦ ଲିଟର ଆର୍‌ଏକ୍ସଏଲ୍, ଡଷ୍ଟର ଟର୍ବୋ ପେଟ୍ରୋଲ ଏବଂ କ୍ୱିଡ୍ ନିଓଟେକ୍ ଏଡିଶନ ଭଳି ମଡେଲ ଉପଲବ୍ଧ କରାଇଛି।

## ସୋନିର ନୂଆ ୮ କେ ଟେଲିଭିଜନ

**ନୂଆଦିଲ୍ଲୀ,୨୩।୧୦**

ସୋନି ଇଣ୍ଡିଆ ପକ୍ଷରୁ ଭାରତରେ ପ୍ରଥମ ଥର ଏକ ଆକର୍ଷଣୀୟ ୮କେ ଟେଲିଭିଜନ ଜେଡ୍୮ଏଚ୍ ଏଫ୍'ର ଶୁଭାରମ୍ଭ କରାଯାଇଛି। ଏହି ନୂଆ ମଡେଲ୍ ପ୍ରିମିୟମ ଦୃଶ୍ୟ ଅଭିଜ୍ଞତା ପ୍ରଦାନ କରୁଛି। ଏହା ଦ୍ୱାରା ଘରେ ସିନେମା ହଲର ଅଭିଜ୍ଞତା ଲାଭ କରିପାରିବେ। ଏହି ଟିଭି ଜରିଆରେ ଫୁଲ ଆରେ ଏଲ୍‌ଇଡି ସହିତ ଉନ୍ନତ ମାନର ଛବି ମାନ, ଅନନ୍ୟ ରଙ୍ଗ, କଣ୍ଟ୍ରାଷ୍ଟ ଏବଂ ସ୍ୱଚ୍ଛତା ପ୍ରଦର୍ଶନ କରେ। ୮କେ ସହିତ ବଡ ପରଦାରେ ଚମକଦାର ଦୁନିଆ ସହ ଛବି ଗୁଡିକ ସମ୍ପୂର୍ଣ୍ଣ କଳା ଏବଂ ଏକ୍ସ ୱାଇଡ ଆଙ୍ଗଲ ସହିତ ଏକ ସୁପର ୱାଇଡ ଭ୍ୟୁ ଆଙ୍ଗଲର ନିଖୁଣତା ସହିତ ଜୀବନ୍ତ ହୋଇ ଉଠେ। ଏକ ମିନିମାଲିଷ୍ଟ ୱାନ ସ୍ଲେଟ ଡିଜାଇନ ଏବଂ ପତଳା ବେଜେଲ ବିଶିଷ୍ଟ ଏହି ୮କେ ଏଲ୍‌ଇଡି ଟିଭି ସବୁଠାରୁ ଶକ୍ତିଶାଳୀ ଚିତ୍ର ପ୍ରୋସେସର ଏବଂ ଏକ୍ସ ୧ଟି ଏମ ଅଲ୍ଟିମେଟ ସହିତ ବଡ ସ୍କ୍ରିନ ୮କେ ଅଭିଜ୍ଞତାକୁ ଘରକୁ ଆଣିଥାଏ। ଫଳରେ ୮କେ ଟିଭିର ଗଭୀରତା ଏବଂ ନିଖୁଣତାର ପ୍ରତିଶ୍ରୁତି ଗ୍ରାହକଙ୍କୁ ଦେଇଥାଏ।

## ରିଲାଏନ୍ସ ଡିଜିଟାଲରେ ଅଫର

Reliance digital
PERSONALISING TECHNOLOGY

**ନୂଆଦିଲ୍ଲୀ,୨୩।୧୦**

ରିଲାଏନ୍ସ ଡିଜିଟାଲ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ଫେଷ୍ଟିଭାଲ ଅଫ୍ ଇଲେକଟ୍ରୋନିକ୍ସ ଆରମ୍ଭ ହୋଇଥିବା ବେଳେ ଏଥିରେ ବିସ୍ତୃତ ବର୍ଗର ଇଲେକଟ୍ରୋନିକ୍ସ ଉପରେ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡରେ ୧୦% କ୍ୟାଶ୍‌ବ୍ୟାକ ଏହି ଅବସରରେ ଗ୍ରାହକ ପାଇବେ। ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଷ୍ଟୋର ଏବଂ ଅନଲାଇନ କ୍ରୟରେ ଗ୍ରାହକ ସହଜ ଇଏମ୍‌ଆଇ ଲାଭ କରି ପାରିବେ। ସିଟି ବ୍ୟାଙ୍କର ଡେବିଟ ଏବଂ କ୍ରେଡିଟ କାର୍ଡ ଏବଂ ଆଇଡିଏଫ୍‌ସି ବ୍ୟାଙ୍କର କଞ୍ଜ୍ୟୁମର ଡୁରେବଲ୍ସ ଋଣରେ ଉନ୍ନତ କ୍ୟାଶ୍‌ବ୍ୟାକ ମିଳୁଛି। ରିଲାଏନ୍ସ ଡିଜିଟାଲ ଡଟ୍ ଇନରେ କିଣା କିଣି ଉପରେ ମଧ ଆକର୍ଷଣୀୟ ୧୫% ରିହାତି ନିର୍ଦ୍ଦିଷ୍ଟ କାର୍ଡର କ୍ରୟ ଉପରେ ପ୍ରଦାନ କରାଯାଇଛି। ୧୬ ନଭେମ୍ବର ଯାଏ ଗ୍ରାହକଙ୍କୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଭାଉଚର ଜିତିବାର ସୁଯୋଗ ରହିଛି। ସେହିଭଳି ମୋବାଇଲ ଫୋନ, ଲାଟେଷ୍ଟ ଆଇଫୋନର ପ୍ରିବୁକିଂ ସୁବିଧା, ବଛା ବଛା କମ୍ପାନୀର ଲାପଟପ୍ କ୍ରୟରେ ରିହାତି ଉପଲବ୍ଧ ରହିଛି। ଏହାବାଦ ବିଭିନ୍ନ କମ୍ପାନୀର ଟାବ୍‌ଲେଟ, ଟିଭି ଏବଂ ହୋମ ଆପ୍ଲାଏନ୍ସ ଉପରେ ରିହାତି ଦିଆଯାଉଛି। ଗ୍ରାହକଙ୍କ ଲାଗି ସହଜ ଫାଇନାନ୍ସ ଏବଂ ଇଏମ୍‌ଆଇ ବିକଳ୍ପ ବ୍ୟବସ୍ଥା କରାଯାଇଛି। ରିଲାଏନ୍ସ ଡିଜିଟାଲ ଷ୍ଟୋର, ମାଇଁ ଜିଓ ଏବଂ ଅନଲାଇନ ଦ୍ୱାରା ଗ୍ରାହକ ପ୍ରଡକ୍ଟ କ୍ରୟ କରିପାରିବେ। ତ୍ୱରିତ ଡେଲିଭରି ଏବଂ ନିକଟସ୍ଥ ଷ୍ଟୋରରୁ ଷ୍ଟୋର ପିକ୍-ଅପ୍ ସୁବିଧା ମଧ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ହୋଣ୍ଡା ହାଇନେସ୍-ସିବି୩୫୦ର ଡେଲିଭରି




**ନୂଆଦିଲ୍ଲୀ,୨୩।୧୦**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଗ୍ରାହକଙ୍କୁ ନୂଆ ହାଇନେସ୍-ସିବି ୩୫୦ ମଡେଲର ଡେଲିଭରି ଆରମ୍ଭ ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଏହି ମଡେଲଟି ବଜାର ପ୍ରବେଶ କରିଥିଲା। ମିଡ୍‌ସାଇଜ ମୋଟରସାଇକେଲ ବର୍ଗରେ ଏହା କମ୍ପାନୀର ପ୍ରଥମ ପ୍ରବେଶ। କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ ଏହି ମଡେଲକୁ ଗ୍ରାହକଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିରେ ଅତ୍ୟାଧୁନିକ ନୂଆ ଫିଚର ଏବଂ କ୍ଲାସିକ୍ ଓଲ୍‌ଡ ଚାର୍ମ ଲାଭ କରିପାରିବେ। ହୋଣ୍ଡା ବିଗ୍ ୱିଙ୍ଗ୍ ପୋର୍ଟଫୋଲିଓରେ ଏହା ତୃତୀୟ ବିଏସ୍-୬ ମଡେଲ। ରାଇଡିଂ ଅଭିଜ୍ଞତାକୁ ଉନ୍ନତ କରିବା ଲାଗି ହୋଣ୍ଡାର ରହି ଆସିଥିବା ଉଦ୍ୟମ ଅନ୍ତର୍ଗତ ମଡେଲଟିକୁ ବିକଶିତ କରାଯାଇଛି ବୋଲି ଗୁଲେରିଆ ଏହି ଅବସରରେ ସୂଚନା ଦେଇଛନ୍ତି। ଏଥିରେ ସିବିର ଡିଏନ୍‌ଏ ରହିଥିବା ବେଳେ ୬ ବର୍ଷର ୱାରେଣ୍ଟି ପ୍ୟାକେଜ କମ୍ପାନୀ ପ୍ରଦାନ କରୁଛି। ଏହା ଡିଏଲ୍‌ଏକ୍ସ ଏବଂ ଡିଏଲ୍‌ଏକ୍ସ ପ୍ରୋ ଭଳି ମଡେଲରେ ଆସିଛି। ଏହାର ବଜାର ଦର ୧.୮୫ରୁ ୧.୯୦ ଲକ୍ଷ ଟଙ୍କା ରହିଛି।

## ଟିଭିଏସ୍ ଏନ୍‌ଟର୍କ ୧୨୫ ସୁପରସ୍କ୍ୱାଡ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର,୨୩।୧୦**



ଟିଭିଏସ୍ ମୋଟର କମ୍ପାନୀର ନୂତନ ସଂସ୍କରଣ ଏନ୍‌ଟର୍କ ୧୨୫ ସୁପରସ୍କ୍ୱାଡ୍‌ର ବଜାର ପ୍ରବେଶ ହୋଇଛି। ଏହି ଏନ୍‌ଟର୍କ ୧୨୫ର ସ୍ୱତନ୍ତ୍ର ସୁପରସ୍କ୍ୱାଡ୍ ମଡେଲ ପାଇଁ କମ୍ପାନୀ ଡିଜ୍ନି ଇଣ୍ଡିଆର କଞ୍ଜୁମର ପ୍ରଡକ୍ଟ ବିଜନେସ ସହ ସହବନ୍ଧିତ ହୋଇଛି। କମ୍ପାନୀର ଏହି ମଡେଲ ଦେଶର ପ୍ରଥମ ବ୍ଲୁଟୁଥ କନେକ୍ଟେଡ ସ୍କୁଟର, ଯାହାକି ଆର୍ଟି-ଫାଇ ଟେକ୍ନୋଲୋଜି ଦ୍ୱାରା ପ୍ରସ୍ତୁତ ହୋଇଛି। ସେହିଭଳି ଆଇକନିକ ମାର୍ଭଲ ସୁପର ହିରୋଜ ଦ୍ୱାରା ଅନୁପ୍ରାଣିତ ହୋଇ କମ୍ପାନୀ ଏହି ମଡେଲକୁ ବଜାର ପ୍ରବେଶ କରାଇଛି। ୨୦୧୮ରେ ଟିଭିଏସ୍ ଏନ୍‌ଟର୍କ ୧୨୫ର ବଜାର ପ୍ରବେଶ ହୋଇଥିଲା। ଏହା ଭାରତର ପ୍ରଥମ ବ୍ଲୁଟୁଥ କନେକ୍ଟେଡ ସ୍କୁଟର, ତା' ସହିତ ଉତ୍ତମ ପ୍ରଦର୍ଶନ, ଆକର୍ଷଣୀୟ ଷ୍ଟାଇଲ ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜି ଯୋଗୁ ଏହା ବହୁ ମାତ୍ରାରେ ଆଦୃତ ହୋଇଛି। ସୁପରସ୍କ୍ୱାଡ୍ ସଂସ୍କରଣ ଇନ୍‌ଭିନ୍ସିବଲ ରେଡ, ଷ୍ଟିଲଥ ବ୍ଲାକ୍ ଏବଂ କମ୍ବାଟ ବ୍ଲୁରେ ଆସୁଛି। ଆଇରନ ମ୍ୟାନ୍, ବ୍ଲାକ୍ ପାନ୍ଥର ଏବଂ କ୍ୟାପେଟନ ଆମେରିକା ଦ୍ୱାରା ଅନୁପ୍ରାଣିତ ହୋଇ ଏହି ୩ଟି ଭାରିଆଣ୍ଟକୁ ବଜାରକୁ ଅଣାଯାଇଛି।

**ପୌର ପରିଷଦ, ହିଞ୍ଜିଳିକାଟୁ**
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା-ଗଞ୍ଜାମ, ପିନ୍- ୭୬୧୧୦୨

Letter No.2685/2020 Date: 22.10.2020

**Bid Identification No. HIN-MUN-02/2020-21**

Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total number of civil works | 3 Nos. |
| Estimated cost for civil works | Rs.8,12,600/- to Rs.16,86,000/- |
| Date & time of availability of bid documents in the portal | Dt.28.10.2020 of 11.00 A.M. to dt. 06.11.2020 of 5.00 P.M. for online bidding |
| Last date of receipt of bid through online | Dt.06.11.2020 of upto 5.00 P.M. |
| Submission of original bid document | Dt.11.11.2020 through registered or speed post |
| Date of opening of bid | Dt.12.11.2020 at 11.00 A.M. onwards. |

Sd./-Executive Officer
Hinjilicut Municipality

**OFFICE OF THE REGULATED MARKET COMMITTEE, ANANDAPUR**
AT/PO-GHASIPURA, DIST.- KEONJHAR, PIN NO.-758015
E-mail ID: rmc.anandapur@gmail.com
Bid Identification No.01/RMC, Anandapur/2020-21
Tender Call Notice No.505 Dtd.21.10.2020

1. Name of the work : Civil work
2. Number of works : 07
3. Estimated cost : Rs.33.15 lakhs to Rs.65.62 lakhs
4. Period of completion : 06 (Six) calendar months
5. Date & time of availability of bid documents in the portal : From 15.00 hours of 22.10.2020 to 17.30 hours of 07.11.2020
6. Last date & time for receipt of bids in the portal : By 17.30 hours of 07.11.2020
7. Date of opening of bid : At 10.00 A.M. of 10.11.2020
8. Name and address of the Officer inviting bid : Sub-Collector, Anandapur-cum-Chairman, RMC, Anandapur

Further details can be seen from the e-Procurement Portal i.e. www.tendersodisha.gov.in

Sd./- Sub-Collector, Anandapur-cum-Chairman, RMC, Anandapur

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।।
୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ +୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nurshing : 2 Years (GNM Pass)
DMLT 2 Year, OT.Tech 2 Year, Dialysis 2 Year, I.C.U 1 Year, E.C.G 1 Year — 10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE — LIMITED SEAT
KIMS, KHANDAGIRI, BBSR
Mob. 8658179869

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

AMBA Finance
ମାର୍କସିଟ, ବ୍ୟବସାୟ, ବ୍ୟକ୍ତିଗତ, ଆଧାରକାର୍ଡ, ସମ୍ପତି ଋଣ, ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖଣ୍ଡାରେ କାଟିଲେ ଜନ୍ମଦିନ କେକ୍



**ନାଗପୁର**

ଜନ୍ମଦିନରେ ସାଙ୍ଗସାଥୀଙ୍କ ମେଳରେ କେକ୍ କାଟିବା ସାଧାରଣ ବିଷୟ ହୋଇଛି। ହେଲେ ମହାରାଷ୍ଟ୍ର ନାଗପୁର ଜିଲାର ଜଣେ ୧୯ବର୍ଷୀୟ ଯୁବକ ଜନ୍ମଦିନ କେକ୍ ଖଣ୍ଡାରେ କାଟି ଅଡୁଆରେ ପଡ଼ିଛନ୍ତି। ରିପୋର୍ଟ ଅନୁଯାୟୀ, ନିଖିଲ ପଟେଲ ଅକ୍ଟୋବର ୨୧ରେ ନିଜ ଜନ୍ମଦିନ ପାଳିଥିଲେ। ସାଙ୍ଗମାନଙ୍କ ସହ ମିଶି ୪ଟି ବଡ଼ କେକ୍ ଆଣିଥିଲେ। ହେଲେ ନିଖିଲ ବାହାଦୁରି ଦେଖାଇ କେକ୍‌ଗୁଡ଼ିକୁ ପ୍ଲାଷ୍ଟିକ୍ ଛୁରି ବଦଳରେ ସମସ୍ତଙ୍କ ସାମ୍ନାରେ ଖଣ୍ଡାରେ କାଟିଥିଲେ। ଏହି ସମୟର ଭିଡିଓ ଏବଂ ଫଟୋ ଭାଇରାଲ ହେବାପରେ ନାଗପୁର ପୋଲିସ କ୍ରାଇମ୍‌ବ୍ରାଞ୍ଚ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଚଢ଼ାଉ କରାଯାଇ ଖଣ୍ଡା ଜବତ କରାଯିବା ସହ ନିଖିଲଙ୍କୁ ଗିରଫ କରାଯାଇଛି। ଜନ୍ମଦିନରେ ଏଭଳି କାଣ୍ଡ ଘଟାଇ ଜେଲ ଯିବା ଚର୍ଚ୍ଚାର ବିଷୟ ହୋଇଛି।

3rd Birthday Wish

Jagan
Nitesh Ranjan Swain
S/o- Arundhati & Ranjan Kumar Swain
HAPPY BIRTH DAY JAGAN
With best Compliments from:
Jeje, Jejemaa, Dada, Khudi, Aja, Aee, Mamu, Main, Piusa, Piusi, Shaira Family Friends & Relatives
D-18710

# ଦାଢ଼ି ପାଇଁ କଡ଼ା ନିୟମ

**ଭାରତୀୟ ସେନା ଏବଂ ପୋଲିସ ବାହିନୀରେ ଭର୍ତ୍ତି ହେଉଥିବା ଯବାନ ମନଇଚ୍ଛା ଦାଢ଼ି ବଢ଼ାଇ ପାରିବେ ନାହିଁ। ଶିଖ୍ ସମ୍ପ୍ରଦାୟ ବ୍ୟତୀତ ଅନ୍ୟ କେହି ଦାଢ଼ି ରଖିଲେ ଅନୁମତି ନେବାକୁ ପଡ଼ିବ। ନିକଟରେ ଉତ୍ତରପ୍ରଦେଶ ରାଜ୍ୟ ବାଗ୍‌ପତ ଜିଲାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର କନଷ୍ଟେବଲ ଅନୁଶାସନ ଭଙ୍ଗ କରି ଦାଢ଼ି ବଢ଼ାଇ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଏହି ଘଟଣା ପରେ ସେନା ଏବଂ ପୋଲିସ ବିଭାଗରେ ଦାଢ଼ି ନିୟମାବଳୀ ଜାଣିବାକୁ ଉତ୍ସୁକତା ବଢ଼ିଛି।**



ଦେଶର ସୁରକ୍ଷା ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ହେଉଛି ସୈନ୍ୟବାହିନୀ। ସେନାରେ ସାମିଲ ହେଉଥିବା ବ୍ୟକ୍ତି ଧାର୍ମିକ ଭାବନାର ବଶବର୍ତ୍ତୀ ହେଲେ ଲକ୍ଷ୍ୟଚ୍ୟୁତ ହେବା ଆଶଙ୍କା ବେଶି। ତେଣୁ ସେନାରେ ପ୍ରଶିକ୍ଷଣ ସମୟରେ ଧର୍ମୀୟ ଭାବନା ସହିତ ଜଡ଼ିତ ଅନେକ ବିଷୟ ଉପରେ ପ୍ରଥମରୁ ହିଁ କଟକଣା ଜାରି କରାଯାଇଥାଏ। ସେନାରେ ସାଧାରଣ କର୍ମଚାରୀ ହୁଅନ୍ତୁ କି ବଡ଼ ଅଧିକାରୀ ସମସ୍ତେ ଏହି ନିୟମରେ ବନ୍ଧା। ଏଥିରୁ ସେନାର ପ୍ରତିବଦ୍ଧତାକୁ ସମ୍ମାନ ମିଳିଥାଏ। ସେନା ସବୁ ସମୟରେ ଏକ୍‌ଜୁଟ ହୋଇ ଲଢ଼ିବାକୁ ସମର୍ଥ ବୋଲି ଏଥିରୁ ଦୁନିଆକୁ ବାର୍ତ୍ତା ଯାଇଥାଏ। ଶିଖ୍‌ମାନଙ୍କ ଲାଗି ଏହି ନିୟମ ସାମାନ୍ୟ କୋହଳ। ତେବେ ବିଶେଷ ପରିସ୍ଥିତିରେ ଅଣଶିଖଙ୍କୁ ମଧ୍ୟ ଦାଢ଼ି ଛାଡ଼ିବା ଲାଗି ୩ ସେନା ଏବଂ ପୋଲିସ ବାହିନୀକୁ ଅନୁମତି ମିଳିଥାଏ। ହେଲେ ଏହି ଅନୁମତି ଧାର୍ମିକ କାରଣ ସହ ସମ୍ପର୍କିତ ନ ଥିବା ଆବଶ୍ୟକ।

ଭାରତୀୟ ବାୟୁସେନାରେ ଧର୍ମଭିତ୍ତିରେ କେହି ନିଜର ପରିଚୟ ଦେଇପାରିବ ନାହିଁ ବୋଲି ନିୟମ ରହିଛି। ୨୦୦୨ ଜାନୁୟାରୀରେ ଦାଢ଼ି ଛାଡ଼ିଥିବା ମୁସଲମାନ କର୍ମଚାରୀଙ୍କୁ ମୁହଁରେ କେଶ ବୃଦ୍ଧି କରିବାକୁ ଅନୁମତି ମିଳିଥିଲା। ହେଲେ ଏଥିରେ ଅନେକ ନିୟମ ମାନିବାକୁ ପଡ଼ିଥାଏ। ସେହିପରି ନୌସେନାରେ ଜଣେ ଚାହିଁଲେ ଦାଢ଼ି ବଢ଼ାଇ ପାରିବ। ହେଲେ ଏଥିଲାଗି ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ ପଡ଼େ। ପୋଲିସ ବିଭାଗରେ ବିନା ଅନୁମତିରେ ଜଣେ ନିଶ ରଖିପାରିବ। ହେଲେ ଦାଢ଼ି ରଖିବାକୁ ନିୟମ ନାହିଁ। କେବଳ ଶିଖ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଉଭୟ ନିଶ ଓ ଦାଢ଼ି ରଖିବାକୁ ଅନୁମତି ରହିଛି। ଅନ୍ୟ ସମ୍ପ୍ରଦାୟର କର୍ମଚାରୀଙ୍କୁ ଏଥିଲାଗି ବିଭାଗୀୟ ଅନୁମତି ଲୋଡ଼ା। ୧୯୮୫ ଅକ୍ଟୋବର ୧୦ରେ ଉତ୍ତରପ୍ରଦେଶ ପୋଲିସ ନିୟମାବଳୀରେ ଏକ ସର୍କୁଲାର ଯୋଡ଼ାଯାଇଛି। ତଦନୁଯାୟୀ ଏସ୍‌ପିଙ୍କ ଅନୁମତି ମୁସଲିମ କର୍ମଚାରୀ ଦାଢ଼ି ରଖିପାରିବେ। ତେବେ ନିଲମ୍ବିତ ହୋଇଥିବା କନଷ୍ଟେବଲ ଜଣକ ଦାଢ଼ି ରଖିବା ଲାଗି ଅନୁମତି ଆଣି ନ ଥିବା ଜଣାପଡ଼ିଛି।

ଶିଖ୍‌ଧର୍ମରେ ପ୍ରାକୃତିକ ଉପାୟରେ ବଢୁଥିବା କେଶକୁ ହାନି ପହଞ୍ଚାଇବାକୁ ବାରଣ କରାଯାଇଛି। ଶିଖଧର୍ମର ପ୍ରମୁଖ ୫ ନିୟମ ଭିତରୁ ଏହା ଗୋଟିଏ, ଯାହାକୁ ଗୁରୁ ଗୋବିନ୍ଦ ସିଂ ମଧ୍ୟ ଜରୁରୀ ବୋଲି କହିଛନ୍ତି। ୧୬୯୯ରୁ ଏହି ନିୟମକୁ ଶିଖ୍‌ମାନେ ମାନି ଆସୁଛନ୍ତି। ମୋଗଲ ରାଜତ୍ୱ କାଳରେ ଶିଖ୍‌ଙ୍କୁ ଅମାନୁଷିକ ଭାବେ ଦମନ କରାଯାଉଥିଲା। ସେହି ସମୟରେ ଦାଢ଼ି କଟାଇବା ଅପେକ୍ଷା ମୁଣ୍ଡ କାଟିବାକୁ ଶ୍ରେୟସ୍କର ବୋଲି ଶିଖ୍‌ମାନେ ବିଚାର କରି ନାରା ଦେଇଥିଲେ। ହେଲେ ମୁସ୍‌ଲିମ ସମ୍ପ୍ରଦାୟରେ ଦାଢ଼ି ରଖିବା ଅନିବାର୍ଯ୍ୟ ନୁହେଁ। ତେଣୁ ସେମାନଙ୍କୁ ଦାଢ଼ି ରଖିବା ଲାଗି ଅନୁମତି ଲୋଡ଼ିବାକୁ ପଡ଼ିଥାଏ। ପ୍ରତିରକ୍ଷା ବିଭାଗରେ ବିନା ଅନୁମତିରେ ଯଦି କେହି ଦାଢ଼ି ରଖନ୍ତି, ତେବେ ଏହାକୁ ଡିଫେନ୍ସ ସର୍ଭିସ ରେଗୁଲେଶନ ଧାରା ୬୬୫ ଭଙ୍ଗ ହୋଇଛି ବୋଲି ବିବେଚନା କରାଯାଏ।

# ମାଂସ ଆଇସ୍‌କ୍ରିମ୍

**ନୂଆଦିଲ୍ଲୀ:** ଅଜବ ଖାଦ୍ୟକୁ ନେଇ ଏଥର ସୋସିଆଲ ମିଡିଆରେ ଅନେକ ଥର ଚର୍ଚ୍ଚା ହୋଇଛି। କେତେବେଳେ ଚକୋଲେଟ୍ ଚିକେନ୍ ତ କେବେ ଆଇସ୍‌କ୍ରିମ୍ ବଡ଼ାପାଓ ଆଉ କେବେ ପାସ୍ତା ଦୋସା ଭଳି ଅଜବ ଖାଦ୍ୟସବୁ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏବେ ପୁଣି ଏକ ପ୍ରକାରର ଅଜବ ଧରଣର ଖାଦ୍ୟକୁ ନେଇ ଚର୍ଚ୍ଚା। ରୁଷିଆର କିଛି ବିଶେଷଜ୍ଞ ଏବେ ତିଆରି କରିଛନ୍ତି ମାଂସ ଆଇସ୍‌କ୍ରିମ୍। ଆଇସ୍‌କ୍ରିମ୍ ଆଉ ମାଂସ ଦୁଇଟିଯାକ ଅଲଗା ତଥା ଭିନ୍ନ ପ୍ରକାରର ଖାଦ୍ୟ। କିନ୍ତୁ ଏ ଦୁଇ ପ୍ରକାରର ଖାଦ୍ୟକୁ ଏକାଠି କରି ଖାଇବା ସମ୍ଭବ ନୁହେଁ। କିନ୍ତୁ ଏ ଦୁଇ ପ୍ରକାରର ଖାଦ୍ୟକୁ ମିଶାଇ ଏବେ ଆଉ ଏକ ଖାଦ୍ୟ ସୃଷ୍ଟି ହୋଇଛି, ଯାହାର ନାଁ ରହିଛି ବରଫ ମାଂସ। ଏଭଳି ଏକ ବିଶେଷ ଧରଣର ଖାଦ୍ୟ ତିଆରି କରିଛନ୍ତି ରୁଷିଆର ବିଶେଷଜ୍ଞମାନେ। ରୁଷିଆର ମିନ୍ସ ଇନ୍‌ଷ୍ଟିଚ୍ୟୁଟ ଫର୍ ମିଟ୍ ଆଣ୍ଡ ଡାଏରୀରେ ସ୍ୱତନ୍ତ୍ରଭାବେ ଏହି ଖାଦ୍ୟ ପ୍ରସ୍ତୁତ କରାଯାଇଛି। ତେବେ ଏଭଳି ଅଜବ ଖାଦ୍ୟ ମାଂସ ଆଇସ୍‌କ୍ରିମ୍ ସମ୍ପର୍କରେ ପ୍ରଥମେ ଗତ ମାସରେ ବେଲାଗ୍ରୋରେ ହୋଇଥିବା ଏକ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ଆଇସ୍‌କ୍ରିମ୍ ତିଆରିର ସମ୍ପୂର୍ଣ୍ଣ ପ୍ରସ୍ତୁତି ଶୈଳୀର ଡେମୋ ପ୍ରଦର୍ଶିତ କରାଯାଇଥିଲା। ଏକ ସମୟରେ ମେଶିନରେ ମାଂସ ଏବଂ କ୍ଷୀରକୁ ରଖି ଏହି ଆଇସ୍‌କ୍ରିମ୍ ପ୍ରସ୍ତୁତ କରାଯାଇଛି। ତେବେ ବିଶେଷଜ୍ଞଙ୍କ କହିବା ଅନୁସାରେ ଏହି ମାଂସ ଆଇସ୍‌କ୍ରିମ୍‌ରେ ଏକ ସମୟରେ ପ୍ରୋଟିନ୍ ଏବଂ ଫ୍ୟାଟ୍ ରହିଛି। ତେଣୁ ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଏଥିରେ ଆଦୌ ଚିନି ମିଶାଯାଇ ନ ଥିବାରୁ ଡାଇବେଟିସ୍ ଲୋକେ ମଧ୍ୟ ଏହାକୁ ଖାଇପାରିବେ। ତେବେ ଇଣ୍ଟରନେଟ୍‌ରେ ଏଭଳି ଏକ ଅଜବ ସ୍ୱାଦର ଖାଦ୍ୟକୁ ନେଇ ଲୋକେ ଖୁବ୍ ପ୍ରତିକ୍ରିୟା ଦେଉଛନ୍ତି। ଆଇସ୍‌କ୍ରିମ୍‌ରେ ମାଂସକୁ ରନ୍ଧା ହୋଇ ମିଶାଯାଇଛି କି କଞ୍ଚା ମିଶାଯାଇଛି ଏବଂ ଏହାକୁ ଖାଇହେବ କି ନାହିଁ ସେନେଇ ମଧ୍ୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି।



# ବିଶ୍ୱର ସବୁଠୁ ବଡ଼ ଫାଉଣ୍ଟେନ

**ନୂଆଦିଲ୍ଲୀ:** ବିଶ୍ୱର ସବୁଠୁ ବଡ଼ ଫାଉଣ୍ଟେନ୍। ଉଚ୍ଚତା ୧୪ହଜାର ସ୍କୋୟାର ଫୁଟ୍ ଅର୍ଥାତ୍ ୧୩୦୦ ସ୍କୋୟାର ମିଟର। ଏତେ ବଡ଼ ଫାଉଣ୍ଟେନ୍ ପୁଣି ବିଭିନ୍ନ ରଙ୍ଗର ଏଲ୍‌ଇଡି ଲାଇଟ୍‌ରେ ସଜା ହୋଇଛି। ଖାଲି ସେତିକି ନୁହେଁ, ରାତିରେ ଏହି ଫାଉଣ୍ଟେନ୍ ଆକାଶରେ ଫୁଟିବା ଭଳି ସିଷ୍ଟମ ବି ରହିଛି। ଏତେ ସୁନ୍ଦର ଆଉ ଏତେ ବଡ଼ ମଲ୍‌ଟି କଲରର ଫାଉଣ୍ଟେନ୍ ତିଆରି ହୋଇଛି ଦୁବାଇରେ। ବିଶ୍ୱର ସବୁଠୁ ବଡ଼ ତଥା ସୁନ୍ଦର ଡିଜାଇନ୍‌ର ଫାଉଣ୍ଟେନ୍ ପାଇଁ ଏବେ ଏହା ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଦୁବାଇର ପାମ୍ ଜୁମେରାହ ଅଞ୍ଚଳର ଦି ପଏଣ୍ଟିଠାରେ ତିଆରି ହୋଇଛି ବିଶ୍ୱର ସର୍ବବୃହତ୍ ପାମ୍ ଫାଉଣ୍ଟେନ୍। ଏହି ଫାଉଣ୍ଟେନଟି ଏବେ ସାରା ବିଶ୍ୱରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିପାରିଛି। ବିଭିନ୍ନ ରଙ୍ଗରେ ଏହି ଫାଉଣ୍ଟେନ୍ ୧,୩୦୦ ସ୍କୋୟାର ମିଟର ଉପରକୁ ଉଠିପାରିବ। ଖାଲି ସେତିକି ନୁହେଁ ଫାଉଣ୍ଟେନରେ ବିଭିନ୍ନ ପ୍ରକାର ରଙ୍ଗର ଏଲ୍‌ଇଡି ଲାଇଟ୍ ଲଗାଯାଇଥିବାରୁ ତାହା ଅତ୍ୟନ୍ତ ସୁନ୍ଦର ଦେଖାଯାଉଛି। ଫାଉଣ୍ଟେନରେ ୧୨୮ଟି ସୁପର ସ୍କୁଟର ଲଗାଯାଇଛି, ଯାହା ୩୪୪ ଫୁଟ୍ ଉଚ୍ଚକୁ ଯାଇପାରିବ। ତେବେ ଫାଉଣ୍ଟେନର ବିଶେଷ ଆକର୍ଷଣ ହେଉଛି ଆକାଶରେ ଆତସବାଜି ଭଳି ପାଣିର ସ୍ୱତନ୍ତ୍ର ବ୍ଲାଷ୍ଟ ଭଳି ଡିଜାଇନ୍। ପ୍ରତି ଅଧଘଣ୍ଟାରେ ଥରେ ଲେଖାଏ ଏହି ଫାଉଣ୍ଟେନଟି ୩ ମିନିଟ୍ ପାଇଁ ସୁନ୍ଦରଭାବେ ମ୍ୟୁଜିକ୍ ସହିତ ନାଚ ବି କରୁଛି। ପ୍ରଥମ ଥର ପାଇଁ ଏତେ ବଡ଼ ଫାଉଣ୍ଟେନ୍ ଏଭଳି ଡିଜାଇନ୍‌ରେ ଅନ୍ୟ କୌଣସି ସ୍ଥାନରେ ତିଆରି କରାଯାଇନି। ସେଥିପାଇଁ ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ମିଳିଛି। ଏହାପୂର୍ବରୁ ଏହି ରେକର୍ଡ ଦକ୍ଷିଣ କୋରିଆର ବାନ୍‌ପୋ ମୁନ୍‌ଲାଇଟ୍ ରେନ୍‌ବୋ ଫାଉଣ୍ଟେନ୍ ଏହି ରେକର୍ଡ କରିଥିଲା।






## ପ୍ରଭାସ ଅଭିନୀତ 'ରାଧେଶ୍ୟାମ'ର ମୋଶନ ଭିଡିଓ ରିଲିଜ୍

**ମୁମ୍ବାଇ:** ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ପ୍ରଭାସ। ବାହୁବଳୀ ନାମରେ ପରିଚିତ ପ୍ରଭାସଙ୍କର ଶୁକ୍ରବାର ହେଉଛି ଜନ୍ମଦିନ। ତେଲୁଗୁ ସହ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରଭାସ ନିଜର ଏହି ବିଶେଷ ଦିନରେ ପ୍ରଶଂସକଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ଦୀର୍ଘ ଦିନ ଧରି ତାଙ୍କର ଆଗାମୀ ଫିଲ୍ମ 'ରାଧା ଶ୍ୟାମ' ଚର୍ଚ୍ଚାରେ ରହିଥିଲା। ଶୁକ୍ରବାର ଏହି ଫିଲ୍ମର ମୋଶନ ଭିଡିଓ ରିଲିଜ ହୋଇଛି। ଭିଡିଓରେ ପ୍ରଭାସଙ୍କ ସହ ଅଭିନେତ୍ରୀ ପୂଜା ହେଗଡେଙ୍କୁ ଦେଖିବାକୁ ମିଳିଛି। ଏହି ଯୋଡ଼ି ବହୁତ ସୁନ୍ଦର ଦେଖାଯାଇଛନ୍ତି। ମୋଶନ ଭିଡିଓ ଦେଖିବା ପରେ ଦର୍ଶକ ଫିଲ୍ମକୁ ଦେଖିବା ପାଇଁ ଅପେକ୍ଷା କରି ରହିଛନ୍ତି। ଏହି ଫିଲ୍ମ ଜନତାଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ପ୍ରଭାସ ପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡାକ୍ତର ଅଲେଖ ସାହୁ
ଏଲ୍-୧/୧୧, ଡୁମ୍‌ଡୁମା ହାଉସିଂ କଲୋନୀ ଫେଜ୍-୩, ଭୁବନେଶ୍ୱର-୧୯
ଆବିର୍ଭାବ: ୦୧।୧୦।୧୯୪୯
ତିରୋଧାନ: ୧୪।୧୦।୨୦୨୦
ତୁମର ସ୍ନେହ, ନିଃସ୍ୱାର୍ଥପର ଦିଗ୍‌ଦର୍ଶନ ଏବଂ ଉପଦେଶ ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ପୁଣ୍ୟ ଓ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: କୁମୁଦିନୀ, ପୁତ୍ର: ଅବିନାଶ, ପୁତ୍ରୀ: ଅନସୂୟା, ଅର୍ଚ୍ଚନା, ଅଙ୍କିତା, ଜ୍ୱାଇଁ: ଧୋବା, ଦେବୀ, ବିନୟ, ନାତି: ଓମ୍, ଗୁଡୁନ୍, ସ୍ୱୟଂ, ସୁଡୁନ୍, ପ୍ରିନ୍ସ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୭୦୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବସନ୍ତ କୁମାର ବେଉରା
ଆବିର୍ଭାବ: ୨୩।୦୧।୧୯୫୭
ତିରୋଧାନ: ୧୫।୧୦।୨୦୨୦
''ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ''।
-:ଶୋକସନ୍ତପ୍ତ:-
ପ୍ରିୟର ସ୍ତ୍ରୀ: ବିନି, ପ୍ରିୟର ଝିଅ: ଶିଲା, ଲିଜା ଏବଂ ଆତ୍ମୀୟସ୍ୱଜନ।
ଧ-୧୮୬୯୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସନ୍ତୋଷ କୁମାର ସାମନ୍ତ
ନୂଆଗଡ଼, ଗଁଦିଆ, ଢେଙ୍କାନାଳ
ଆବିର୍ଭାବ: ୨୨ ମାର୍ଚ୍ଚ ୧୯୫୯
ତିରୋଧାନ: ୧୪ ଅକ୍ଟୋବର ୨୦୨୦
ଆମକୁ ଶୋକସାଗରରେ ଭସାଇଦେଇ ଇହଲୀଳା ସମ୍ବରଣ କଲ। ତୁମ ବିୟୋଗରେ ସମସ୍ତେ ମର୍ମାହତ। ତୁମେ ଅତ୍ୟନ୍ତ ସରଳ, ମିଷ୍ଟଭାଷୀ, ମେଳାପୀ ଓ ବନ୍ଧୁବତ୍ସଳ ଥିଲ। ତୁମର ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନ।
ଧ-୬୭୮୮

ଦ୍ୱାଦଶ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ୱବିଜୟ କୁମାର ଅଗ୍ରୱାଲ
ରେଡକ୍ରସ୍ ରୋଡ, ପୁରୀ-୨
ଆବିର୍ଭାବ: ୦୯।୦୫।୧୯୭୨
ତିରୋଧାନ: ୧୨।୧୦।୨୦୨୦
ଆଜି ଦ୍ୱାଦଶ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକାକୁଳ ପରିବାର:
(ମାତା) ସୀତାଦେବୀ, ସୁଶୀଲା, ରେଣୁ, ପ୍ରେମା, ବବ୍‌ଲି, ରାଧା, ସରିତା, ଅଜୟ, ସଞ୍ଜୟ, ରଞ୍ଜନ, ବିଶାଲ୍ (ନାତି, ନାତୁଣୀ) ଖୁସି, ଚିଙ୍କୁ, ଗୋଟୁ, ଲାଡୋ, କବିଶ୍, ବିରା, ଭକ୍ତି
M/S Puri Sanitari Mart, Matipada Square
M/S Bijay Lime & Hardware Store, Puri
ଧ-୧୮୭୨୧

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ସାବିତ୍ରୀ ରଥ
ଆବିର୍ଭାବ- ଚୈତ୍ର ପୂର୍ଣ୍ଣିମା, ୧୯୪୭
ତିରୋଧାନ- ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ, ୨୦୨୦
ଆମମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲୁ ହେଲେ ଆମ ପାଖରେ ଏବେବି ଥିଲାପରି ଲାଗୁଛୁ, ତୁମର ନିଷ୍କପଟତା ଓ ସରଳତା ଆମମାନଙ୍କ ମନରେ ସର୍ବଦା ସ୍ମୃତି ହୋଇ ରହିବ।
-: ଶୋକସନ୍ତପ୍ତ :-
ପୁଅ. ବୋହୂ. ଝିଅ. ଜ୍ୱାଇଁ. ନାତି. ନାତୁଣୀ. ବନ୍ଧୁ ଓ ପରିବାର ବର୍ଗ।
ଧ-୭୦୦୦୨

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱାମୀ: ସ୍ୱର୍ଗତ ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର ୧୯୩୮ (ଅନନ୍ତ ବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
-:ପରିବାରବର୍ଗ :-
ଧ-୧୮୭୦୭

ସ୍ମୃତିରେ ବାପା ...

ସ୍ୱର୍ଗତ ଅନାମ ଚରଣ ସାହୁ
ଆବିର୍ଭାବ: ୨୪।୦୭।୧୯୫୦
ତିରୋଧାନ: ୧୪।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୮୭୦୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ହାତ ତିଆରି ଖାଦ୍ୟର ହୋମ୍ ଡେଲିଭରି

## ଲକ୍‌ଡାଉନରେ କସ୍ତୁରୀଙ୍କ ଭିନ୍ନ ପ୍ରୟାସ

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

କରୋନା ଲୋକଙ୍କ ଜୀବିକା ଛଡ଼ାଇ ନେଇଛି, ଆଉ ଅନେକଙ୍କୁ ନୂଆ ରାହା ବି ଦେଖାଇଛି। ବିଶେଷକରି ଯୁବବର୍ଗ ଘରେ ହାତବାନ୍ଧି ନ ବସି ଭିନ୍ନ ପନ୍ଥା ବି ଖୋଜି ପାଇଛନ୍ତି। ଲକ୍‌ଡାଉନ୍‌ରେ ରୋଜଗାର ହରାଇବା ପରେ ଅନନ୍ୟ ପ୍ରୟାସ ଆରମ୍ଭ କରିଛନ୍ତି ଭୁବନେଶ୍ୱରର କସ୍ତୁରୀ ପଟ୍ଟନାୟକ। ୩୪ବର୍ଷୀୟ ଏହି ଓଡ଼ିଆ ଝିଅ ଘରେ ଖାଦ୍ୟ ତିଆରି କରି ହୋମ୍ ଡେଲିଭରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

କସ୍ତୁରୀ ପୂର୍ବରୁ ସ୍ପିଚ୍ ଥେରାପି ଶିକ୍ଷା ଦେଉଥିଲେ। କରୋନା ମହାମାରୀ ଯୋଗୁ ଶିକ୍ଷାଦାନ ସହ ରୋଜଗାର ବନ୍ଦ ହୋଇଗଲା। ସେ ଆତ୍ମନିର୍ଭରଶୀଳ ହେବା ପାଇଁ ଚିନ୍ତା କଲେ। ସେହି ସମୟରେ ଲକ୍‌ଡାଉନ୍ ଯୋଗୁ ଲୋକେ ଖାଇବାରେ ନାନା ହଇରାଣ ହେଉଥିଲେ। ଧୀରେ ଧୀରେ ମଧ୍ୟ ଅନ୍‌ଲାଇନ୍ ଖାଦ୍ୟ ଅର୍ଡରର ଡିମାଣ୍ଡ୍ ବଢୁଥିଲା। ତେଣୁ ସେ ଘରେ ରୋଷେଇ କରି ଖାଦ୍ୟ ହୋମ୍ ଡେଲିଭରି ଆରମ୍ଭ କଲେ। ଗ୍ରାହକଙ୍କ ଅର୍ଡର ପାଇଁ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମରେ 'ପେଟ ଫୁଲ୍' ନାମରେ ଆପ୍ ଖୋଲିଲେ। ସେ ସକାଳ ହେବା ମାତ୍ରେ ବଜାର ଯାଇ ପରିବା, ମାଛ, ମାଂସ ଆଣି ଅର୍ଡର ମୁତାବକ ଘରେ ରୋଷେଇ କରନ୍ତି। ପରେ ତାହାକୁ ପ୍ୟାକ୍ କରି ସ୍କୁଟିରେ ଘର ଘର ବୁଲି ଅର୍ଡର ଡେଲିଭରି କରନ୍ତି। ଇତିମଧ୍ୟରେ କସ୍ତୁରୀଙ୍କର ଏହି ପ୍ରୟାସକୁ ୫ମାସ ବିତିଯାଇଛି। ତାଙ୍କ ହାତ ତିଆରି ଖାଦ୍ୟର ଭଲ ସ୍ୱାଦ ଥିବାରୁ ଅର୍ଡର ମଧ୍ୟ ବଢ଼ିବାରେ ଲାଗିଛି। ଆରମ୍ଭରୁ ଗୋଟିଏ ଦୁଇଟି ଅର୍ଡର ଆସୁଥିବାବେଳେ ଏବେ ଦୈନିକ ୪୦ରୁ ଅଧିକ ଅର୍ଡର ଆସୁଛି। ଗ୍ରାହକଙ୍କଠାରୁ ଲଞ୍ଚ ପାଇଁ ସକାଳ ୮ଟା ଭିତରେ ଓ ଡିନର ପାଇଁ ଅପରାହ୍ନ ୪ଟା ଭିତରେ ଅର୍ଡର ରଖୁଛନ୍ତି। କିନ୍ତୁ ଯେଉଁମାନେ ପ୍ରତିଦିନ ଲଞ୍ଚ ଓ ଡିନର ନେଉଛନ୍ତି, ସେମାନଙ୍କ ପାଇଁ ମାସିକିଆ ପ୍ୟାକେଜ୍‌ର ବ୍ୟବସ୍ଥା କରିଛନ୍ତି କସ୍ତୁରୀ।

ଏ ନେଇ କସ୍ତୁରୀ କୁହନ୍ତି, ଲକ୍‌ଡାଉନ୍ ସମୟରେ ଘରେ ରହି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ସାଙ୍ଗମାନଙ୍କୁ ତା'ର ଫଟୋ ପଠାଇଲି। ଏହାକୁ ଦେଖି ସେମାନେ ବହୁତ ପ୍ରଶଂସା କରିବାରୁ ସେମାନଙ୍କୁ ପ୍ରଥମେ ମୋ ହାତରନ୍ଧା ଖାଦ୍ୟ ଖୁଆଇଲି। ବହୁତ ଟେଷ୍ଟି ବୋଲି ସେମାନେ କହିବା ସହିତ ମୋତେ ଉତ୍ସାହିତ କଲେ। ତା'ପରେ ମୋର ଜଣେ ଭାଇ ଓ ମୁଁ ମିଶି କରି ଖାଦ୍ୟ ହୋମ୍ ଡେଲିଭରି ଆରମ୍ଭ କଲୁ। ପ୍ରଥମେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷକରି ସବୁ ଅଞ୍ଚଳ ସହ ପରିଚିତ ନ ଥିବାରୁ ଗ୍ରାହକଙ୍କ ଘର ଖୋଜି ପାଇବା କଷ୍ଟ ହେଉଥିଲା। ଏବେ କିନ୍ତୁ ସମସ୍ୟା ଧୀରେ ଧୀରେ ଦୂର ହୋଇଛି। ଅର୍ଡର ବଢ଼ିବା ପରେ ମୋ ସହିତ ଜଣେ କୁକ୍ ଓ ଡେଲିଭରି ବୟଙ୍କୁ ମଧ୍ୟ ନିୟୋଜିତ କରିଛି। ବର୍ତ୍ତମାନ ମୁଁ ଏଥିରେ ଲାଭ ଚାହୁଁନି। ଲୋକଙ୍କ ପାଖରେ କିପରି ମୋ ଖାଦ୍ୟ ଠିକ୍ ସମୟରେ ଓ ଭଲ କ୍ୱାଲିଟି ତଥା ଟେଷ୍ଟି ଖାଦ୍ୟ ପହଞ୍ଚିବ, ତାହାକୁ ଗୁରୁତ୍ୱ ଦେଉଛି। ତେବେ ପରିବାରର ସହଯୋଗରେ ଏସବୁ ମୁଁ କରିପାରୁଛି। ଆଗକୁ ଏହାକୁ ବଢ଼ାଇ ମହିଳାମାନଙ୍କୁ ଏଥିରେ ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି।





ରୋଷେଇରେ ବ୍ୟସ୍ତ କସ୍ତୁରୀ ପଟ୍ଟନାୟକ

## ସଂକ୍ଷେପରେ

### ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ):** ବାଲେଶ୍ୱର ଉପନିର୍ବାଚନରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ବାଚନ ଆଚରଣବିଧି ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ମନ୍ତ୍ରୀ ସ୍ୱାଇଁ ବାଲେଶ୍ୱରରେ ବିଜୁ ଛାତ୍ର ସମ୍ମିଳନୀରେ ଯୋଗଦେଇ ହଜାର ହଜାର ଛାତ୍ରୀଛାତ୍ରଙ୍କ ଗହଣରେ ପୂର୍ବ ନିର୍ବାଚନ ବିଫଳତାର ସମୀକ୍ଷା କରିଥିଲେ। ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ ଏକ ସମ୍ମିଳନୀ କକ୍ଷରେ ୨୦୦ରୁ ଅଧିକ ଲୋକ ଏକାଠି ହେବା ଉପରେ କଟକଣା ଲାଗୁ କରାଯାଇଛି। ହେଲେ ଶାସକ ଦଳର ନେତା ଏହାକୁ ଖୋଲାଖୋଲି ଅବମାନନା କରିଛନ୍ତି। ଏହାର ନିରପକ୍ଷେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି।

### ଟ୍ରକ୍ ମାଡ଼ିଯିବାରୁ ଜଣେ ମୃତ

**ଟେନସା, ୨୩।୧୦ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ପିଟିଏ ମାଇନ୍ସ ମୁଖ୍ୟ ଫାଟକ ସମ୍ମୁଖରେ ଟ୍ରକ୍ ମାଡିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାଇକଳା ଗ୍ରାମର ନାଲୁ ନାଏକ । ପରିବାର ଲୋକଙ୍କ କହିବା ଅନୁସାରେ ଗୁରୁବାର ସନ୍ଧ୍ୟାରେ ନାଲୁ କୌଣସି ଏକ କାର୍ଯ୍ୟରେ ବାହାରକୁ ଯାଇଥିଲେ । ଘରକୁ ଫେରିବା ସମୟରେ ପିଟିଏ ମାଇନ୍ସ ମୁଖ୍ୟ ଫାଟକ ସମ୍ମୁଖରେ ମାଇନ୍ସରୁ ବାହାରୁଥିବା ଖଣି ବୋଝେଇ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ନାଲୁଙ୍କ ମୃତ୍ୟୁ ହୋଇଛି । କ୍ଷତିପୂରଣ ଦାବିରେ ଫାଟକ ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଇଥିଲେ। କୋଇଡା ଥାନାଧିକାରୀ ଦେବେନ୍ଦ୍ର ନାଥ ପେଙ୍ଗୁଆ, କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ସେଠାକୁ ଖଣି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

### ଗାଡ଼ି ଧକ୍କାରେ ଯୁବକ ମୃତ

**ନାକଟିଦେଉଳ,୨୩।୧୦(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଜାମୁଯୋରୀ ଗ୍ରାମ ନିକଟରେ ଗୁରୁବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜାମୁଯୋରୀ ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନ । ଏହି ଦୁର୍ଘଟଣାରେ ସୁବଳ ବିଶ୍ୱାଳ ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ଗୁରୁବାର ରାତ୍ରି ପ୍ରାୟ ସାଢ଼େ ୭ଟା ସମୟରେ ସୌମ୍ୟରଞ୍ଜନ ଏବଂ ସୁବଳ ଏକ ବାଇକରେ ଗାଁ ଭିତରୁ ଆସି ରାଞ୍ଚି-ବିଜୟୱାଡ଼ା ରାସ୍ତା ପାରି ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ପଠାଇଥିଲେ। ସେଠାରେ ସୌମ୍ୟରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ନାକଟିଦେଉଳ ପୋଲିସ ଏକ ମାମଲା ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଫର୍ନିଚର ଡିପୋରେ ଭିଜିଲାନ୍ସ ଚଢ଼ାଉ

**ବରଗଡ଼ ଅଫିସ୍, ୨୩।୧୦:** ବରଗଡ଼ ରେଳଷ୍ଟେଶନ ନିକଟ ଏକ ଫର୍ନିଚର ଡିପୋରେ ଶୁକ୍ରବାର ସମ୍ବଲପୁର ଭିଜିଲାନ୍ସର ଫରେଷ୍ଟ ୟୁନିଟ୍ ଚଢ଼ାଉ କରି ବିପୁଳ ପରିମାଣରେ କାଠ ଜବତ୍ କରିଛି। ଜବତ୍ କାଠର ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ମାମଲାରେ ବରଗଡ଼ ଶକ୍ତିନଗର ନିବାସୀ ପ୍ରମୋଦ ସାହୁଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ବରଗଡ଼ ଫରେଷ୍ଟ ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି । ଚଢ଼ାଉରେ ବରଗଡ଼ ଭିଜିଲାନ୍ସ ୟୁନିଟ୍ ଏବଂ ଫରେଷ୍ଟ ରେଞ୍ଜର କର୍ମଚାରୀମାନେ ସାମିଲ ହୋଇଥିଲେ।

## ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ନେଇଗଲେ

ରେଢାଖୋଲ,୨୩।୧୦ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ବସଷ୍ଟାଣ୍ଡ ନିକଟ ରାଣୀବନ୍ଧସ୍ଥିତ ଏକ ସାନିଟାରି ଦୋକାନ ସମ୍ମୁଖରୁ ଶୁକ୍ରବାର ମଧ୍ୟାହ୍ନରେ ବାଇକ୍ ଡିକି ଭାଙ୍ଗି ୨ ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି କଦଳୀଗଡ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପରମେଶ୍ୱର ପ୍ରଧାନ। ଅଭିଯୋଗ ଅନୁସାରେ, ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କରୁ ସେ ୪ ଲକ୍ଷ ଟଙ୍କା ଉଠାଇଥିଲେ। ୫ଶହ ଟଙ୍କିଆ ନୋଟ୍ ଥିବା ୨ଲକ୍ଷ ଟଙ୍କା ପକେଟରେ ରଖିଥିଲେ। ୨ଶହ ଟଙ୍କିଆ ନୋଟ୍ ଥିବା ୨ଲକ୍ଷ ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍, ଆଧାର କାର୍ଡ, ଚେକ୍‌ବୁକ୍ ଆଦି ବାଇକ୍ (ନଂ. ଓଡି ୧୫ ଏଚ-୯୬୭୩) ଡିକିରେ ରଖିଥିଲେ। ସାନିଟାରି ଦୋକାନ ସମ୍ମୁଖରେ ବାଇକ ରଖି ଦୋକାନୀଙ୍କୁ ଭେଟିବାକୁ ଯାଇଥିବାବେଳେ ଲୁଟେରାମାନେ ଡିକି ଭାଙ୍ଗି ଟଙ୍କା ଭର୍ତ୍ତି ବ୍ୟାଗ ଧରି ଚମ୍ପଟ ମାରିଥିଲେ। ସେ ଲୁଟେରାଙ୍କୁ ପିଛା କରି ଧରିବାରେ ବିଫଳ ହେବାରୁ ଡାକ୍ତରଖାନା ଛକରେ ଡ୍ୟୁଟିରେ ଥିବା ପୋଲିସକୁ ଜଣାଇଥିଲେ।





ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପୁରୀ ବେଳାଭୂମିରେ ଶୁକ୍ରବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଆଜି ମାଣିକେଶ୍ୱରୀଙ୍କ ଛତରଯାତ୍ରା

ଭବାନୀପାଟଣା, ୨୩।୧୦ (ଡି.ଏନ୍.ଏ.)

- ୨୫ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି
- ଭବାନୀପାଟଣା ସହରର ରାସ୍ତାଘାଟ ସିଲ୍
- ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

କଳାହାଣ୍ଡିର ଇଷ୍ଟଦେବୀ ମା'ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଚଳିତ ବର୍ଷ ନିରାଡମ୍ବର ଭାବେ ପାଳିତ ହେବ। କରୋନା କଟକଣାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ଛତର ଯାତ୍ରା ପାଇଁ ଗାଇଡଲାଇନ ଜାରି କରିଛି। ମା'ମାଣିକେଶ୍ୱରୀଙ୍କ ଛତର ରାତି ୩ ଟାରୁ ମନ୍ଦିରରୁ ବାହାରି ଜେନାଖାଲରେ ପହଞ୍ଚିବ। ସେଠାରେ ରୀତିନୀତି ଏବଂ ପୂଜାର୍ଚ୍ଚନା ପରେ ଶନିବାର ସକାଳ ୬ ଟାରୁ ଜେନାଖାଲରୁ ଛତର ବାହାରି ମନ୍ଦିରରେ ସକାଳ ୭ ଟାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଛତର ସହିତ ପୂଜାର୍ଚ୍ଚନା ଓ ରୀତିନୀତି ପାଇଁ ମନ୍ଦିର ପକ୍ଷରୁ ୨୦ ଜଣ, ଗୋଟିଏ ଘୁମୁରା ଦଳ ଏବଂ ମନ୍ଦିରର ବାଜା ସମେତ ସମୁଦାୟ ୩୨ ଜଣ ଛତର ଯାତ୍ରାରେ ସାମିଲ ହେବେ।

ପ୍ରତିବର୍ଷ ମା'ଙ୍କ ଛତରକୁ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଶହ ଶହ ପଶୁ ପକ୍ଷୀ ବଳି ଦିଆଯାଇଥାଏ। ହେଲେ ଚଳିତ ବର୍ଷ ବିନା ଭକ୍ତରେ ଛତରଯାତ୍ରା ହେବ। କେହି ବଳି ଦେଇ ପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ଏଥିପାଇଁ ଭବାନୀପାଟଣା ସହରରେ ୨୩ ତାରିଖ ରାତି ୧୨ ଟାରୁ ୨୫ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। କେବଳ ମେଡିକାଲକୁ ଯିବା ପାଇଁ ବାହାରିଥିବା ଲୋକଙ୍କୁ ସହରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ। ୪ ଜଣରୁ ଅଧିକ ଲୋକ ଏକାଠି ହୋଇ ପାରିବେ ନାହିଁ। ଛତରଯାତ୍ରା ରୀତିନୀତିରେ ସମ୍ପନ୍ନ କରାଯିବ। ଭକ୍ତମାନେ ଘରେ ବସି ଦୂରଦର୍ଶନ ମାଧ୍ୟମରେ ମା'ଙ୍କ ଛତରକୁ ଦର୍ଶନ କରିପାରିବେ।

ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ପୋଲିସ ପକ୍ଷରୁ ଭବାନୀପାଟଣା ସହରର ୪୦ ଟି ସ୍ଥାନରେ ବ୍ୟାରିକେଡ୍ କରାଯାଇଛି। କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୧୫ ଇନ୍‌ସପେକ୍ଟର, ୨୫ ସବ୍‌ଇନ୍‌ସପେକ୍ଟର, ୨୬ ଏଏସ୍‌ଆଇ ସମେତ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।



ଛତରଯାତ୍ରା ପାଇଁ ଭବାନୀପାଟଣା ସହରର ରାସ୍ତା ସିଲ୍ କରାଯାଇଛି।

## ପୋଲିସକୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୨୩।୧୦ (ବ୍ୟୁରୋ)

- ଦାଦାବଟି ଚଢ଼ାଉ କରିବାକୁ ଯାଇଥିଲେ
- ଏସ୍‌ଆଇଙ୍କ ସମେତ ୩ କର୍ମଚାରୀ ଆହତ
- ମୁଖ୍ୟ ଅଭିଯୁକ୍ତଙ୍କ ସହ ମା', ଭଉଣୀ ଗିରଫ

ଭୁବନେଶ୍ୱର ସାଲିଆସାହିରେ ଦାଦାବଟି ମାଗୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା ନୟାପଲ୍ଲୀ ଥାନାର ପୋଲିସ ଟିମ୍ ଉପରେ ଆକ୍ରମଣ ହୋଇଛି। ଅଭିଯୁକ୍ତର ମା' ଓ ଭଉଣୀ ମିଳିତ ଭାବେ ବିଧା ଗୋଇଠା ମାରିବା ସହ କାଠ ଫାଳିଆରେ ନିର୍ଘାତ ପିଟିବାରୁ ଏସ୍‌ଆଇ ବିଜୟ କୁମାର ବାରିକ୍, କନ୍‌ଷ୍ଟେବଳ ଜ୍ୟୋତ୍ସ୍ନାରାଣୀ ସାହୁ, ହୋମ୍‌ଗାର୍ଡ ଦୀପ୍ତିରଞ୍ଜନ ପାଟଶାଣୀ ଆହତ ହୋଇଛନ୍ତି। ଏସ୍‌ଆଇ ବିଜୟଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସେଠୀ, ମା' ଅନ୍ନପୂର୍ଣ୍ଣା ଓ ଭଉଣୀ ବିଷ୍ଣୁପ୍ରିୟାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ସାଲିଆସାହି ତାରିଣୀ ନଗରରେ ରହୁଥିବା ରିଆସତ ଖାନ୍ ଗତ ୨୦ ତାରିଖ ରାତି ପ୍ରାୟ ୧୦ଟାରେ ସ୍କୁଟିରେ ସ୍ତ୍ରୀଙ୍କୁ ବସାଇ ଘରକୁ ଫେରୁଥିଲେ। ଉକ୍ତ ଅଞ୍ଚଳର ସଞ୍ଜୟ ତାଙ୍କ ସ୍କୁଟିକୁ ଅଟକାଇ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ରିଆସତ ଟଙ୍କା ଦେବାକୁ ମନା କରିବାରୁ ସେ ତାଙ୍କ ସ୍କୁଟିକୁ ଛଡ଼ାଇ ରଖିଥିଲେ। ଏନେଇ ରିଆସତ ଥାନାରେ ଅଭିଯୋଗ କରିବା ପରେ ଏସ୍‌ଆଇ ବିଜୟ ବାରିକ ମାମଲାର ତଦନ୍ତ କରୁଥିଲେ। ଗୁରୁବାର ଅପରାହ୍ନ ୨ଟାରେ ପୋଲିସ ଟିମ୍ ସହ ସଞ୍ଜୟଙ୍କ ଘରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ପଚାରିଥିଲେ। ହେଲେ ବିଷ୍ଣୁପ୍ରିୟା ଏବଂ ଅନ୍ନପୂର୍ଣ୍ଣା ସେମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିଲେ। ଟିମ୍‌ର ଅନ୍ୟ ସଦସ୍ୟଙ୍କୁ କାଠ ଫାଳିଆରେ ପିଟିଥିଲେ। ଏପରି କି ବିଜୟଙ୍କ ବେକରୁ ସୁନାଚେନ୍‌କୁ ମଧ୍ୟ ଲୁଟି ନେଇଥିଲେ। ଜୀବନକୁ ବାଜି ଲଗାଇ ପୋଲିସ ଟିମ୍ ସଞ୍ଜୟଙ୍କୁ କାବୁ କରିନେଇଥିବା ଦେଖି ତାଙ୍କ ମାଆ ଓ ଭଉଣୀ ପନିକିରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। କାଠଫାଳିଆ ମାଡ଼ରେ କନ୍‌ଷ୍ଟେବଳ ଦୀପ୍ତିରଞ୍ଜନଙ୍କ ହାତରେ ଗଭୀର ଆଘାତ ଲାଗିଛି। ଶେଷରେ ଜୀବନ ବଞ୍ଚାଇବାକୁ ଯାଇ ପୋଲିସ ସେଠାରୁ ପଳାଇ ଆସିଥିଲା। ଶୁକ୍ରବାର ଅଧିକ ଫୋର୍ସ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସ୍କୁଟିକୁ ଉଦ୍ଧାର କରିଛି।

## ବଗଲା ମାମଲା: ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ

କଟକ ଅଫିସ,୨୩।୧୦

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଆବେଦନକାରୀ ତଥା ସାମାଜିକ କର୍ମୀ ଜଗନ୍ନାଥ ବସ୍ତିଆଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ପୂର୍ବରୁ ଜବାବ ଦାଖଲ କରିଥିଲେ। ତେବେ ଆବେଦନକାରୀ ବସ୍ତିଆ ପ୍ରତିଜବାବରେ ଦର୍ଶାଇଛନ୍ତି, ବଗଲା ଧର୍ମଶାଳା ଜମି ବିକ୍ରି ହେଉଛି ଏକ ଚରମ ବିଶ୍ୱାସଘାତକତା। ଧର୍ମଶାଳା ସହିତ ସମୂହ ଜନସ୍ୱାର୍ଥ ଜଡ଼ିତ ରହିଛି। ଜିଲାପାଳ କେବଳ ଏହାର ତତ୍ତ୍ୱାବଧାରକ ଓ ବିକାଶ କରିପାରିବେ। ମାତ୍ର ଏହାକୁ ବିକ୍ରି କରିପାରିବେ ନାହିଁ ବୋଲି ସେ ଦର୍ଶାଇଛନ୍ତି। ଭକ୍ତଙ୍କ ପାଇଁ ଆବାସ ବ୍ୟବସ୍ଥା କରିବାକୁ ୨୦୧୯ ନଭେମ୍ବର ୪ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଧର୍ମଶାଳା ଜମିକୁ ବିକ୍ରି କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ଆବେଦନକାରୀ ବସ୍ତିଆ ପ୍ରତିଜବାବରେ ଉଲ୍ଲେଖ କରିଛନ୍ତି।

# 'ସାମ୍ୟବାଦ୍ ଆନ୍ଦୋଳନର ଜନକ ଥିଲେ ଭଗବତୀ'



ଭଗବତୀ ଚରଣ ପାଣିଗ୍ରାହୀଙ୍କ ଫଟୋଚିତ୍ର ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

କଟକ ଅଫିସ, ୨୩।୧୦

ମାର୍କ୍ସବାଦୀ ଚିନ୍ତାଧାରାର ଆଦ୍ୟ ପ୍ରବର୍ତ୍ତକ ତଥା ମୁକ୍ତି ସଂଗ୍ରାମୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୭୭ତମ ସ୍ମୃତି ସମାରୋହ କଟକ ବାଲୁବଜାରସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କଟକ ନଗର କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନାରୀନେତ୍ରୀ ଶୈଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଶ୍ରମିକ ନେତା କିଶୋର ଜେନା ଯୋଗଦେଇ କହିଲେ, ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ଜନକ ଥିଲେ ଭଗବତୀ। ସଙ୍ଗଠନର କଟକ ନଗର ସମ୍ପାଦକ ବିନୋଦ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସତୀଚଉରାସ୍ଥିତ ଭଗବତୀ ଚରଣଙ୍କ ସ୍ମୃତିପୀଠରେ ମାଲ୍ୟାର୍ପଣ କରାଯାଇଥିଲା। ଆଇନଜୀବୀ ଶକ୍ତିଧର ଦାସ, ଖବରଦାତା ଡ. ସତ୍ୟ ରାୟ, ସିପିଆଇଏମ୍ ନେତା ରବିନାରାୟଣ ମଲ୍ଲିକ, ଅମରେନ୍ଦୁ ମହାନ୍ତି, କଟକ ଜିଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା, ବିପିନ ବିହାରୀ ପାଢୀ, ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷକ ନେତା ମଧୁସୂଦନ ଦେ, ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅବିସ୍ମରଣୀୟ କରିଛି ସାମ୍ୟବାଦ୍ ଚିନ୍ତାଧାରା

**ପୁରୀ ଅଫିସ,୨୩।୧୦:** ସୃଜନୀ ସାହିତ୍ୟ ସଂସଦ, ପୁରୀ ଆନୁକୂଲ୍ୟରେ ଶୁକ୍ରବାର ବଡ଼ଶଙ୍ଖସ୍ଥିତ ସଦ୍‌ଭାବନା ଗୃହରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପ୍ରଫେସର ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ଆଧୁନିକ ଓଡ଼ିଆ ସାହିତ୍ୟରେ ସାମ୍ୟବାଦୀ ଚିନ୍ତା ରୂପାୟନ କ୍ଷେତ୍ରରେ ଭଗବତୀ ଚରଣ ପାଣିଗ୍ରାହୀ ବାସ୍ତବିକ ଅବିସ୍ମରଣୀୟ। ସେ ହିଁ ଥିଲେ ସାମ୍ୟବାଦର ନୂତନ ନାୟକ। ତାଙ୍କ ରଚିତ ଶିକାର ଗଳ୍ପ ତାଙ୍କୁ କାଳଜୟୀ କରିପାରିଛି। ସେ ମହାତ୍ମାଗାନ୍ଧୀଙ୍କ ଅହିଂସା ପଥରୁ ବିଚ୍ୟୁତ୍ ହୋଇ ଏକ ସାମ୍ୟବାଦ ପଥ ପ୍ରଦର୍ଶନ କରାଇଥିଲେ। ବିପ୍ଳବୀ କବି ରବି ସିଂଙ୍କ ମତରେ ସେ ଥିଲେ ଓଡ଼ିଶାର ଯଥାର୍ଥ ଲେନିନ୍। ସଭାପତି ଦାସ କହିଥିଲେ, ଭଗବତୀଙ୍କ ରାଜନୈତିକ ଭାବଧାରା ତାଙ୍କ ସାହିତ୍ୟ ସୃଷ୍ଟିକୁ ଗଭୀର ଭାବେ ପ୍ରଭାବିତ କରିଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ଅଭିମନ୍ୟୁ ଭୂୟାଁ, ଶିକ୍ଷାବିତ୍ ଅଶୋକ ମହାପାତ୍ର, କବି କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଭଗବତୀ ଚରଣଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଭବାନୀ ପ୍ରସାଦ ବଳିଆରସିଂ, ଖବରଦାତା ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ଓ ଶିକ୍ଷାବିତ୍ ବିଜୟ ଚରଣ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



# କବିତା

## ଦଶହରା ପସରା

**ବ**ରଷା ଗଲା ଶରତ ହେଲା
ଆକାଶ ଦିଶେ ଧଳା,
ବିଲ ଗହୀରେ ନଈପଠାରେ
କାଶତଣ୍ଡୀର ମେଳା ।
ଧରଣୀରାଣୀ ସଜ ହେଲାଣି
ପିନ୍ଧି ଶାଗୁଆ ଶାଢ଼ି,
ସରୋବରର ନିର୍ମଳ ଜଳେ
ଭାସଇ ପଦ୍ମ କଢ଼ି ।
ବାଡ଼ିରେ ଫୁଟି ଜହ୍ନି ଫୁଲଟି
ହସଇ କିରି କିରି,
ଗଙ୍ଗଶିଉଳି ବାସ ଛୁଟାଇ
ପଡୁଛି ତଳେ ଝରି ।
ନୀଳସାଗରେ ବୋଇତ ସମ
ଧଳା ମେଘର ଶୋଭା,
ସଞ୍ଜ ଆକାଶେ ସୁନା ଜହ୍ନଟି
ଦିଶଇ ମନ ଲୋଭା ।
ଶରତ କାଳ କେଡ଼େ ଚଞ୍ଚଳ
ବହେ ଶୀତଳ ବାଆ,
କୈଳାସ ଛାଡ଼ି ଧରାଧାମରେ
ଅବତରିଲେ ମାଆ ।
ସିଂହବାହିନୀ ମାତା ଭବାନୀ
ଶରତ ଚନ୍ଦ୍ରମୁଖୀ,
ନିଖିଳ ବିଶ୍ୱ ରହେ ଉଶ୍ୱାସ
ସର୍ବେ ହୁଅନ୍ତି ଖୁସି ।
ଶକ୍ତିଦାୟିନୀ ଭକ୍ତିଦାୟିନୀ
ମୁକ୍ତିଦାୟିନୀ ସେହି,
କରୋନା ରୂପୀ ମହିଷା ନାଶି
ରକ୍ଷା କରିବେ ମହୀ ।
ମାତା ଆଶିଷେ ଦୂରେଇ ଯାଉ
କରୋନା ମହାମାରୀ
ସାରା ବିଶ୍ୱରେ ଝରିପଡୁ ମା'
ତୁମ କରୁଣା ବାରି ।

**-ମାଧବୀଲତା ଦେଇ**
*ପ୍ରଧାନ ଶିକ୍ଷୟିତ୍ରୀ, କନପୁର, ନୋଡାଲ*
*ଉ.ପ୍ରା. ବିଦ୍ୟାଳୟ, ନିମାପଡ଼ା, ପୁରୀ*

## ଏଇ ସନ ଦଶହରା

**ଏ**ଇ ସନ ଦଶହରା ହୋଇବନି ଖୁସିଭରା
ନିଆରା ଢଙ୍ଗରେ ପାଳି ହୋଇବାନି ଧୈର୍ଯ୍ୟହରା
ଅସୁମାରୀ ଦୁଃଖ ଭରି ହୋଇଗଲା ମହାମାରୀ
କରୋନାକୁ ଡରିଗଲେ ହୋଇଯିବା ବେସାହାରା ।
ସରବେ ସଦନେ ରହି ମା' ଭବାନିପୂଜା ପାଇଁ
ନାନା ରଙ୍ଗେ ସଜେଇବା ହସି ଉଠିବ ଏ ଧରା
ମନ ମନ୍ଦିରଟି ଖୋଲି ଅରପିଲେ ପୁଷ୍ପାଞ୍ଜଳି
ରହିବେନି ମା' ନୀରବ ସେ ଦୁଃଖ
ସେ ଦୁଃଖ ହାରିଣୀ ପରା ।
ତାଙ୍କ ଶ୍ରୀଚରଣେ ପଡ଼ି ଆକୁଳ ପରାଏ ଗଡ଼ି
ତାଙ୍କୁ ଭରସା କରିଲେ ହେବାନାହିଁ ଦିଗହରା
ଆମେ ହେଲେ ସଚେତନ କରୋନା ହୋଇବ ଲୀନ
ଲକ୍ଷ୍ୟ ସ୍ଥଳେ ପହଞ୍ଚିବା କାର୍ଯ୍ୟ ସିଦ୍ଧି ହେବ ପରା ।

**-ବସନ୍ତ କୁମାର ଦାସ,**
*ରମ୍ଭା, ବରି, ଯାଜପୁର*

## ଆଶିଷ ଦିଅ ମାଆ

**ଆ**ଶ୍ୱିନ ମାସର ନୀଳ ଆକାଶରେ
ମେଘମାଳା ଖେଳେ ଦୋଳି
କାଶତଣ୍ଡୀ ଫୁଲେ ନଈପଠା ଖାଲି
ହସୁଅଛି ଖିଲି ଖିଲି ।
ଶରତ ସକାଳ ନରମ କାକର
ଝରୁଛି ହରଷ ମନେ
ନୂଆ ସୂରୁଜର ସୁନେଲି କିରଣ
ଧରାରେ ମୁରୁଜ ବୁଣେ ।
ଅବୋଧ ସନ୍ତାନ ହାତ ଯୋଡ଼ି ଆଜି
ଡାକୁଛି ତୁମକୁ ମାଆ
ଆସ ଏ ଧରାକୁ ଜଗତ ଜନନୀ
ଆମକୁ ହୁଅ ଗୋ ସାହା ।
ଚାରିଆଡ଼େ ଆଜି କରୋନା ଭୂତାଣୁ
ମାତିଛି ରାକ୍ଷସ ପରି
ଡରାଇ ଥରାଇ ଖୁସିରେ ବୁଲୁଛି
ମଣିଷ ଜୀବନ ମାରି ।

**-କବିତା ମିଶ୍ର**
ସେକ୍ଟର-୩/୫୫,
ନିଳାଦ୍ରୀ ବିହାର, ଭୁବନେଶ୍ୱର

## ଭୁବନେଶ୍ୱରୀ ମାଆ

**ଆ**ସଗୋ ମାଆ ଭୁବନେଶ୍ୱରୀ
ଭୁବନ ମୋହିନୀ ମାଆ,
ବିପଦ କାଳରେ ମରତ ବାସୀଙ୍କୁ
ହୁଅ ବାରେ ତୁମେ ସାହା ।
ତୁମଲାଗି ମା ନିର୍ମଳ ଆକାଶେ
ବିଜୁଳିର ନାହିଁ ରୋଶଣି,
ଆକାଶ ନଈରେ ମେଘମାନେ ସବୁ
ନେଲେଣି ସତେକି ଭସାଣି ।
ଜହ୍ନି ଫୁଲମାନେ ଚାଳ ମଥାନରେ
ଧରି ହଳଦୀର କାଠୁଆ,
ପାଦ ଧୋଇବାକୁ ସଜ ହୋଇଲେଣି
ଯିବାପାଇଁ ଅଧା ବାଟୁଆ ।
ତୁମ ଆଗମନେ କାଶ ଫୁଲମାନେ
କରିବେ ଚାମର ଆଲଟ,
ଦେଖୁନ କେମିତି ବଦଳି ଗଲାଣି
ଧରଣୀ ମାଆର ମଲାଟ ।
ଆସ ମା' ଭବାନୀ ଦୁର୍ଗତିନାଶିନୀ
ଗୁହାରି କରୁଛୁ ସରବେ,
ମନ ମଣ୍ଡପରେ ସବୁ ସଜାଇଛୁ
ଭକ୍ତି ପୁଷ୍ପାଞ୍ଜଳି ଦରବେ ।

**-ତପନ କୁମାର ସ୍ୱାଇଁ,** *ଅଇବିଲି,*
*ତିର୍ତ୍ତୋଲ, ଜଗତ୍‌ସିଂହପୁର*



# ଆଇନା



ପ୍ରତ୍ୟୁଷା
୫ ବର୍ଷ

# କହିଲ ଦେଖି

**ନୁ**ହେଁ ଦେବାଳୟ ଲାଗେ ମନ୍ଦିର
ଜ୍ଞାନ ପାଇଁ ତାହା ବଡ ଭଣ୍ଡାର
ଶିକ୍ଷା ସଂସ୍କୃତିର ମୂଳ ସୋପାନ
ସେଠି ଗଢ଼ି ହୁଏ ଆମ ଜୀବନ
ବିଭିନ୍ନତା ମଧ୍ୟେ ଥାଏ ଏକତା
କହିକେ ପାରିବ ତା'ର ନାଆଁଟା ।
**ଉତ୍ତର-ବିଦ୍ୟାଳୟ**

**ଯେ**ଉଁଠି ମଣିଷ ଜନମ ହୁଏ
ମାଆର ସେନହ ମମତା ପାଏ
ବାପା ହାତ ଧରି ଚଲା ଶିଖାନ୍ତି
ନୀତି ଆଦର୍ଶର କଥା କୁହନ୍ତି
ଗୋଟେ ଛାତ ତଳେ ଏକାଠି ରହି
ଖୁସିରେ ଦିନକୁ ଦେଉ ବିତାଇ
କହି ପାରିବ କି ନାମଟି ତା'ର
ଲାଗୁଥାଏ ସେତ ସରଗ ପୁର ।
**ଉତ୍ତର-ଘର**



**ଜୀ**ବନ ନ ଥାଏ ପୃଷ୍ଠାଟେ ସେହି
ଅନେକ କାହାଣୀ ତା' ଦେହେ ଛାଇ
ତୂଳୀ କଲମରେ ହୁଅଇ ଲେଖି
ଅତି ମୂଲ୍ୟବାନ୍ କେତେ ସେ ଛବି
କୋର୍ଟ କଚେରି ପୁସ୍ତକ ଘରେ
ଅମୂଲ ତା' ମୂଲ କେ ଦେଇ ପାରେ
ଘାସ ବାଉଁଶରୁ ତିଆରି ହୁଏ
କହିଲ ତା' ନାମ ଜାଣିଛ କିଏ ?
**ଉତ୍ତର-କାଗଜ**

***-ଧ୍ରୁବ ଚରଣ ବେହେରା***
*କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବଳ,*
*ଝାଡଖଣ୍ଡ*

# ମାତା ଭଗବତୀରୁ ମା' ଦୁର୍ଗା



**ପୁ**ରାଣ କାଳର କଥା । ସେ ସମୟରେ ଦୁର୍ଗମ ନାମକ ଏକ ଅସୁର ବାସ କରୁଥିଲା । ସେ ଅତ୍ୟନ୍ତ ବଳଶାଳୀ ଥିଲା । ଦୁର୍ଗମ ଅସୁର ବ୍ରହ୍ମାଙ୍କୁ ପ୍ରସନ୍ନ କରି ସମସ୍ତ ଦେବତାଙ୍କୁ ନିଜ ଅଧୀନକୁ ଆଣିପାରିଥିଲା । ଏହାଫଳରେ ସମସ୍ତ ଦେବତାମାନଙ୍କର ଶକ୍ତି ହ୍ରାସପାଇବାକୁ ଲାଗିଲା । ଏହାପରେ ଦୁର୍ଗମ ସ୍ୱର୍ଗଲୋକକୁ ଆକ୍ରମଣ କରି ବିଜୟ ଲାଭ କରିପାରିଲା । ଏଥର ଦେବତାଗଣ ଚିନ୍ତିତ ହୋଇପଡିଲେ । କିପରି ଭାବରେ ଅସୁର ଦୁର୍ଗମର ପରାକ୍ରମ କବଳରୁ ନିଜକୁ ରକ୍ଷା କରିବେ ସେଇକଥା ଭାବିବାକୁ ଲାଗିଲେ । ଶେଷରେ ଦେବତାଗଣ ଏକତ୍ରିତ ହୋଇ ମାତା ଭଗବତୀଙ୍କୁ ଆହ୍ୱାନ କରି ନିଜର ସମସ୍ତ ଦୁଃଖଦ ବିବରଣୀ ଶୁଣାଇଲେ । ଦେବତାମାନଙ୍କ ନିକଟରୁ ସେମାନଙ୍କର ମର୍ମାହତର କାରଣ ଅବଗତ ହୋଇ ଦେବୀ ଭଗବତୀ ସମସ୍ତ ଦେବତାଙ୍କୁ ଆଶ୍ୱାସନା ଦେଇ ଅସୁର ଦୁର୍ଗମ ନିକଟରୁ ରକ୍ଷା କରିବାକୁ କଥାଦେଲେ ।

ମାତା ଭଗବତୀ ଦୁର୍ଗମର ପରାକ୍ରମକୁ ପ୍ରତିହତ କରି ଦେବତାଗଣଙ୍କୁ ମୁକ୍ତ କରିବାର ପଣ ନେବା କଥା ଅସୁର ଦୁର୍ଗମ ଜାଣିବା କ୍ଷଣି ପୁଣିଥରେ ଦେବଲୋକ ଉପରେ ଆକ୍ରମଣ କଲା । ମାତା ଭଗବତୀ ଏବଂ ଅସୁର ଦୁର୍ଗମ ମଧ୍ୟରେ ଘୋର ଯୁଦ୍ଧ ହେବାକୁ ଲାଗିଲା । ଉକ୍ତ ଯୁଦ୍ଧରେ ମାତା ଭଗବତୀ ଅସୁର ଦୁର୍ଗମର ସେନାବାହିନୀକୁ ନିପାତ କରିବା ସହିତ ଶେଷରେ ଦୁର୍ଗମକୁ ଯମଲୋକକୁ ପଠାଇ ଦେଲେ । ମାତା ଭଗବତୀ ଅସୁର ଦୁର୍ଗମ ସହିତ ଅନ୍ତିମ ଯୁଦ୍ଧ କରିବା ସମୟରେ ମାତା ଭୁବନେଶ୍ୱରୀ, ମାତା କାଳୀ, ମାତା ତାରା, ମାତା ଭୈରବୀ ଆଦି ଅନ୍ୟ ମହାଶକ୍ତିମୟୀଙ୍କୁ ଆହ୍ୱାନ କରି ସେମାନଙ୍କ ସହାୟତା ନେଇଥିଲେ । ଏହି ଭୀଷଣ ଯୁଦ୍ଧରେ ଅସୁର ଦୁର୍ଗମକୁ ପରାଜିତ କରି ତା'ର ବଧ କରିଥିବାରୁ ମାତା ଭଗବତୀ ମା' ଦୁର୍ଗା ନାମରେ ପ୍ରଖ୍ୟାତ ହୋଇଥିଲେ ।

**-ସୁଶାନ୍ତ କୁମାର ନନ୍ଦ**
ମାରଡା, ସାଲେପୁର, କଟକ

# ମତାମତ

'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ବିଷୟବସ୍ତୁ ପଢ଼ି ଅନେକ କଥା ଶିଖି ହେଉଛି ।
*-ତନୁଜା ସାହୁ, ବାଲେଶ୍ୱର*

ଗତ ସପ୍ତାହରେ ଏହି ପୃଷ୍ଠାରେ ପ୍ରକାଶିତ କବିତାଗୁଡିକ ବେଶ୍ ମନଛୁଆଁ ହୋଇଥିଲା ।
*-ସତ୍ୟରଞ୍ଜନ ସାହୁ, ଯାଜପୁର*

'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରୁ ଅନେକ କଥା ଶିଖି ହେଉଛି । *-ତପନ ନାୟକ, ବ୍ରହ୍ମପୁର*

'କହିଲ ଦେଖି' ସ୍ତମ୍ଭଟି ପଢ଼ିବାକୁ ଭଲ ଲାଗୁଛି । ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ ।
*-ପ୍ରଦୀପ ଦାସ, ବାଦାମବାଡି, କଟକ*

'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ହସ କଥା ପଢ଼ି ଭାରି ମଜା ଲାଗୁଛି ।
*-ପ୍ରକାଶ ପ୍ରହରାଜ, କେନ୍ଦ୍ରାପଡା*

# ଖିଲିଖିଲି ହସ

- **ଥ**ରେ ରାମୁ ବାରମ୍ବାର ସ୍କୁଲକୁ ଯାଇ ଫେରିଆସୁଥିଲା । ଏହାଦେଖି ତା' ବାପା ତାକୁ ପଚାରିଲେ, ଆରେ ତୁ ସବୁଦିନ କାହିଁକି ବେଳାବେଳି ସ୍କୁଲରୁ ଫେରି ଆସୁଛୁ ? କ'ଣ ହୋଇଛି ? ରାମୁ କହିଲା, ମୁଁ ଯେତେ ଥର ସେ ସ୍କୁଲ ଭିତରକୁ ଯାଉଛି ସେଠାକାର ପିଅନ ମୋତେ ସ୍କୁଲରୁ ବାହାର କରିଦେଉଛି । ତା' ବାପା ପଚାରିଲେ, ଆରେ କାହିଁକି ? ତୁ କେଉଁ ସ୍କୁଲକୁ ଯାଉଛୁ କି ? ସେ କହିଲା, ଗାର୍ଲସ ସ୍କୁଲ ।

- **ଥ**ରେ ଶିକ୍ଷକ ସୋନୁକୁ କିଛି ପ୍ରଶ୍ନ ପଚାରିଲେ, ହେଲେ ସେ ସଠିକ୍ ଭାବରେ କହିପାରିଲା ନାହିଁ । ତା'ପରେ ଶିକ୍ଷକ ଗୋଟିଏ ରୋଲ୍ ବାଡି ଆଣି ତା' ପାଖକୁ ଆସି କହିଲେ, ଏ ରୋଲ୍ ବାଡିର ସାମ୍ନାରେ ଯିଏ ଅଛି ସେ ଗୋଟିଏ ଇଡିଅଟ୍ । ସୋନୁ କିଛି ସମୟ ରହି କହିଲା, ସାର ମୁଁ ଯଦି ଏହି ରୋଲ୍ ବାଡିକୁ ଧରିବି ତେବେ ଏହାର ସାମନା ପଟରେ ଆପଣ ରହିବେ । ତେବେ ଆପଣ କ'ଣ ଇଡିଅଟ୍ !

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ବିଶ୍ୱର ସର୍ବବୃହତ୍ କଫି ପେଣ୍ଟିଂ

**ପି**ଲାମାନେ ତୁମେ ତ ଜାଣିଛ ଚିତ୍ରକର ମାନେ ସୁନ୍ଦର ସୁନ୍ଦର ପେଣ୍ଟିଂ ତିଆରି କରି ପ୍ରତୀକାତ୍ମକଭାବେ ବିଭିନ୍ନ କଥା କହିଥାନ୍ତି । ଛୋଟିଆ ଚିତ୍ରଟିଏ ବି ବେଳେବେଳେ ଅନେକ କଥା କହିଥାଏ । ଚିତ୍ରକରଙ୍କ ଭାବନାକୁ ଚିତ୍ର ମାଧ୍ୟମରେ ବୁଝିହୁଏ । ତେବେ ଏମିତି ଏକ ସୁନ୍ଦର ଚିତ୍ର କରି ଗିନିଜ୍ ରେକର୍ଡ କରିଛନ୍ତି ସୌଦି ଆରବର ଆର୍ଟିଷ୍ଟ ଓହୁଦ୍ ଅବଦୁଲ୍ଲା ଆଲମାଲ୍‌କି ନାମ୍ନୀ ଜଣେ ମହିଳା । କଳାକାରଜଣକ ତିଆରି କରିଛନ୍ତି ବିଶ୍ୱର ସବୁଠୁ ବଡ଼ କଫି ପେଣ୍ଟିଂ । ଏତେ ବଡ଼ ପେଣ୍ଟିଂ ତିଆରି କରିବାରେ ସେ ହେଉଛନ୍ତି ସେହି ଦେଶର ପ୍ରଥମ ମହିଳା ଚିତ୍ରକର । ସେଥିପାଇଁ ଏବେ ତାଙ୍କ ନାଁ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି । ତାଙ୍କର ପେଣ୍ଟିଂଟି ୨୨୦ ସ୍କୋୟାର ମିଟର ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇପାରିଛି । ଆଉ ଏହିଭଳି ଏକ ପେଣ୍ଟିଂ କରିବା ନିମନ୍ତେ ତାଙ୍କୁ ଲାଗିଛି ମୋଟ ୪୫ ଦିନ । ପେଣ୍ଟିଂଟିକୁ ସେ ନିଜେ ତିଆରି କରିଥିବା ନେଇ ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କର ପ୍ରମାଣ ରଖିଛନ୍ତି । ଏହା ସହିତ ସେ ପେଣ୍ଟିଂ କରିବା ସମୟର ଏକ ରେକର୍ଡିଂ ବି ରଖିଛନ୍ତି । ତାଙ୍କର ଏହି ପେଣ୍ଟିଂର ନାଁ ରହିଛି 'ନାଶିଜ୍ ୧' ଏବଂ ଏଥିପାଇଁ ଖର୍ଚ୍ଚ ହୋଇଛି ସାଢେ ୪ କିଗ୍ରାର କଫି ।



# ଟଗଲା ଭୀପୁ





# ତୁମ ତୂଳୀରୁ





**ଆର୍ଯ୍ୟନ ସାହୁ,** କ୍ଲାସ- ୮, ଆଦର୍ଶ ବିଦ୍ୟାଳୟ, ପାଲଲହଡ଼ା ହାଇସ୍କୁଲ, ଅନୁଗୋଳ





**ପ୍ରତୀକ୍ଷା ସାମନ୍ତରାୟ,** ଡିଏଭି ପବ୍ଲିକ୍ ସ୍କୁଲ, ୱାଟର ୱାର୍କ୍ସ ରୋଡ୍, ପୁରୀ-୨





**ସୋନିସ୍ମିତା ମିଶ୍ର**
କ୍ଲାସ-୭, ଗୋପାଳ ଜୀଉ ୟୁ.ପି. ସ୍କୁଲ, ଆଳିସି ଶାସନ, ଖୋର୍ଦ୍ଧା

# ବୈଶାଳୀ, ଗୋମ୍ସଙ୍କୁ ସ୍ୱର୍ଣ୍ଣ, ପଦ୍ମିନୀ, ଶଶିକିରଣଙ୍କୁ ରୌପ୍ୟ

ଚେନ୍ନାଇ, ୨୩।୧୦(ପି.ଟି.)

ଭାରତୀୟ ମହିଳା ଓ ପୁରୁଷ ଦଳ ଏସିଆନ ନେସନ୍ସ (ରିଜିଅନ୍ସ) ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍‌ସିଡ୍‌ର ମାନ୍ୟତା ପାଇଥିବା ଭାରତୀୟ ମହିଳା କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରେ ୨ଟି ଯାକ ମ୍ୟାଚ ସହଜରେ ଜିତିଥିଲେ। ଏହି ଦଳ କିର୍ଗିଜସ୍ତାନକୁ ୪-୦ ଏବଂ ୩.୫-୦.୫ ପଏଣ୍ଟରେ ପରାସ୍ତ କରିଥିଲେ।

## ଏସିଆନ୍ ଅନ୍‌ଲାଇନ୍ ଟିମ୍ ଚେସ୍

ଶନିବାର ସେମିଫାଇନାଲରେ ଭାରତୀୟ ମହିଳା ଦଳ ମଙ୍ଗୋଲିଆକୁ ଭେଟିବ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳ ଲଢୁଆ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ମଙ୍ଗୋଲିଆକୁ ପରାସ୍ତ କରିଥିଲା। ଉଭୟ ମ୍ୟାଚ ୨.୫-୧.୫ ପଏଣ୍ଟରେ ଶେଷ ହୋଇଥିଲା। ଶନିବାର ସେମିଫାଇନାଲରେ ପୁରୁଷ ଦଳ ଇରାନକୁ ଭେଟିବ। ପ୍ରତିଯୋଗିତା ଶେଷ ହୋଇ ନ ଥିଲେ ହେଁ ଭାରତର ୪ ଖେଳାଳି ବୋର୍ଡ ପ୍ରାଇଜ୍ ପାଇଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଓ ମାରୀ ଆନ୍ ଗୋମ୍ସ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ୍ ଓ ଗ୍ରାଣ୍ଡମାଷ୍ଟର କେ. ଶଶିକିରଣ ରୌପ୍ୟ ପଦକ ହାସଲ କରିଛନ୍ତି।



ଏସିଆନ ନେସନ୍ସ ଅନ୍‌ଲାଇନ୍ ଚେସ ଚାମ୍ପିୟନସିପ୍‌ରେ ବୋର୍ଡ ପ୍ରାଇଜ୍ ଜିତିଥିବା ଭାରତୀୟ ପ୍ରତିଯୋଗୀମାନେ।

ମହିଳା ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ଭଲ ପ୍ରଦର୍ଶନ ଜାରି ରଖି ଉଭୟ ମ୍ୟାଚ ଜିତିଥିଲେ। ସେ ଆଲେକଜାଣ୍ଡ୍ରା ସାମାଗାନୋଭାଙ୍କୁ ହରାଇଥିଲେ। ସେହିପରି ପଦ୍ମିନୀ ଏବଂ ପି. ଭି. ନନ୍ଦିଧା ମଧ୍ୟ ୨ଟି ଲେଖାଏ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚରେ କେବଳ ଭକ୍ତି କୁଲକର୍ଣ୍ଣୀ ପ୍ରତିପକ୍ଷ ବେଗିମାଇ ଜେର୍ବେକ୍ କିଜିଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ଚମତ୍କାର ଫର୍ମରେ ଥିବା ବୈଶାଳୀ ୯ ରାଉଣ୍ଡ ମଧ୍ୟରୁ ୬.୫ ପଏଣ୍ଟ ହାସଲ କରିଛନ୍ତି। ଏଥିସହ ସେ ଟପ୍ ବୋର୍ଡରେ ସ୍ୱର୍ଣ୍ଣ ପଦକ ପାଇଁ ଯୋଗ୍ୟ ହୋଇଛନ୍ତି। ଦଳର ନେତୃତ୍ୱ ନେଉଥିବା ମାରୀ ଆନ୍ ଗୋମ୍ସ ୫ମ ବୋର୍ଡରେ ୫ ମ୍ୟାଚରୁ ୫ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକଲାଭ କରିଛନ୍ତି। ପଦ୍ମିନୀ ରୌପ୍ୟ ପଦକ ହାସଲ କରିଛନ୍ତି। ତୃତୀୟ ବୋର୍ଡରେ ସେ ୯ ମ୍ୟାଚରୁ ୭.୫ ପଏଣ୍ଟ ପାଇଛନ୍ତି।

### ବୋର୍ଡ ପ୍ରାଇଜ୍

- ➤ଟପ୍ ବୋର୍ଡରେ ବୈଶାଳୀଙ୍କୁ ସ୍ୱର୍ଣ୍ଣ
- ➤ ପଞ୍ଚମ ବୋର୍ଡରେ ଗୋମ୍ସଙ୍କୁ ସ୍ୱର୍ଣ୍ଣ
- ➤ତୃତୀୟ ବୋର୍ଡରେ ପଦ୍ମିନୀଙ୍କୁ ରୌପ୍ୟ
- ➤ଦ୍ୱିତୀୟ ବୋର୍ଡରେ ଶଶିକିରଣଙ୍କୁ ରୌପ୍ୟ
- ➤ ଭାରତୀୟ ମହିଳା, ପୁରୁଷ ଦଳ ସେମିରେ

ପୁରୁଷ ବିଭାଗରେ ମଙ୍ଗୋଲିଆଠାରୁ ଭାରତ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ପ୍ରଥମ ମ୍ୟାଚରେ ନିହାଲ ସରିନ୍ ପ୍ରତିପକ୍ଷ ଗାଞ୍ଜୋରିଗ୍ ଅମର୍ତୁଭସିନ୍‌ଙ୍କଠାରୁ ହାରି ଯାଇଥିବାବେଳେ ଏସ.ପି. ସେଥୁରମଣ ଓ କେ. ଶଶିକିରଣ ଯଥାକ୍ରମେ ସେଗ୍‌ମେଡ୍ ବ୍ୟାଟ୍‌ଲୁନ୍ ଏବଂ ସୁଗର ଗାନ୍-ଇର୍ଡେନଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଅଧିନାୟକ ସୂର୍ଯ୍ୟଶେଖର ଗାଙ୍ଗୁଲି ବିପକ୍ଷ ଦଳର ସୁମିୟା ବିଲ୍‌ଗୁନ୍‌ଙ୍କ ସହିତ ପଏଣ୍ଟ ଭାଗ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବି. ଅଧିବନ ଟପ୍‌ବୋର୍ଡରେ ଗାଞ୍ଜୋରିଗ୍‌ଙ୍କୁ ଏବଂ ସରିନ ପ୍ରତିପକ୍ଷ ବିଲ୍‌ଗୁନ୍‌ଙ୍କୁ ପରାସ୍ତ କରିଥିଲେ। ଶଶିକିରଣ ଗାନ୍-ଇର୍ଡେନଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିବାବେଳେ ଗାଙ୍ଗୁଲି ବ୍ୟାଟ୍‌ଲୁନ୍‌ଙ୍କଠାରୁ ହାରି ଯାଇଥିଲେ। ଅଭିଜ୍ଞ ଶଶିକିରଣ ୯ ମ୍ୟାଚରୁ ୮ ବିଜୟ ସହ ଦ୍ୱିତୀୟ ବୋର୍ଡରେ ରୌପ୍ୟ ପଦକ ପାଇଛନ୍ତି। ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖରେ ଶେଷ ହେବ।

# ‘ଚାପ ବିନା କ୍ରିକେଟ ରୋମାଞ୍ଚହୀନ’

ଦୁବାଇ,୨୩।୧୦(ପି.ଟି.)

ଚାପ ନ ଥିଲେ କ୍ରିକେଟର ମାନେ କିଛି ନାହିଁ। ଚାପ ନ ଥିଲେ କ୍ରିକେଟରେ ରୋମାଞ୍ଚ ନାହିଁ ବୋଲି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଲରାଉଣ୍ଡର କ୍ରିସ୍ ମୋରିସ୍ କହିଛନ୍ତି। ଜଣେ ଅଲରାଉଣ୍ଡର ଭାବେ ବାଙ୍ଗାଲୋର ଦଳରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ଏହାଦ୍ୱାରା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ତାଙ୍କର ପ୍ରଦର୍ଶନରେ ଯଥେଷ୍ଟ ସ୍ଥିରତା ଆସିଛି। ଆଇପିଏଲ୍‌ରେ ମୋରିସ ସବୁବେଳେ ଭଲ ପ୍ରଦର୍ଶନ କରିଆସିଛନ୍ତି। ପୂର୍ବରୁ ଦିଲ୍ଲୀ ଦଳ ପାଇଁ ସେ ୪ଟି ସଂସ୍କରଣରେ ଖେଳିଥିଲେ। ଏବେ ସେ ବାଙ୍ଗାଲୋର ପାଇଁ ଖେଳିବାର ସୁଯୋଗ ହାସଲ କରିଛନ୍ତି। ମୋରିସଙ୍କ ଯୋଗୁ ବାଙ୍ଗାଲୋର ଦଳରେ ସନ୍ତୁଳନ ଆସିଛି। ସେ ଅଧିନାୟକ ବିରାଟ କୋହଲିଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି।

ଚଳିତ ଆଇପିଏଲ୍‌ର ପ୍ରଥମ ୪ଟି ମ୍ୟାଚ୍ ସେ ସାଇଡ୍ ଷ୍ଟ୍ରେନ୍ ଇଞ୍ଜୁରି କାରଣରୁ ଖେଳିପାରି ନ ଥିଲେ। ତେବେ ଏହାପରେ ଏହି ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର ୫ଟି ମ୍ୟାଚ୍ ଖେଳି ୯ଟି ଉଇକେଟ ହାସଲ କରିଛନ୍ତି। କଞ୍ଜୁସ ବୋଲିଂ କରି ସେ ଓଭରପିଛା ମାତ୍ର ୫ ରନ ବ୍ୟୟ କରିଛନ୍ତି। ଡେଥ୍ ଓଭରରେ ନବୀଦପ ସଇନିଙ୍କ ସମେତ ତାଙ୍କର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ।

କୋଭିଡ୍-୧୯ କାରଣରୁ ଜାରି କରାଯାଇଥିବା ଲକ୍‌ଡାଉନ ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହାଦ୍ୱାରା ସେ ଶାରୀରିକ ଓ ମାନସିକ ଭାବେ ବିଶ୍ରାମ ପାଇଛନ୍ତି ଓ ବେଶ୍ ତାଜା ଅନୁଭବ କରିଛନ୍ତି ବୋଲି ୩୩ ବର୍ଷୀୟ ମୋରିସ ଶୁକ୍ରବାର ଏକ ଅନ୍‌ଲାଇନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଆମେ ଯଥେଷ୍ଟ ହୋମ୍‌ୱାର୍କ କରିଛୁ। ମ୍ୟାଚ୍ ପୂର୍ବରୁ ଆମେ ସ୍ପଷ୍ଟ ଯୋଜନା କରିଥାଉ। ଯଦି ଗୋଟିଏ ଯୋଜନା ଫେଲ୍ ମାରିଲା ତେବେ ପ୍ଲାନ୍-ବି’କୁ କାର୍ଯ୍ୟକାରୀ କରୁ। ଏହା ଫେଲ୍ ମାରିଲେ ଆମେ ପ୍ଲାନ୍-ସି’କୁ କାର୍ଯ୍ୟକାରୀ କରୁ। ଇଞ୍ଜୁରି ସମୟରେ ରିହାବିଲିଟେଶନ ପିରିୟଡ୍‌ରେ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲି। ତେବେ ସପୋର୍ଟ ଷ୍ଟାଫ୍ ସବୁ କାମ ସହଜ କରିଥିଲେ। ଆରମ୍ଭ ଓ ଡେଥ୍ ଓଭରରେ ବୋଲିଂ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ। ତେବେ ଚାପ ବିନା କ୍ରିକେଟ ରୋମାଞ୍ଚକ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି। ସାଥୀ ଖେଳାଳିମାନଙ୍କୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ଯୁବ ଓପନର କିଛିମାତ୍ରାରେ ମାଥ୍ୟୁ ହେଡେନଙ୍କ ଭଳି ଖେଳୁଛନ୍ତି ଓ ସେ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ମୋରିସ କହିଛନ୍ତି।


 କ୍ରିସ୍ ମୋରିସ୍

### ଆଇପିଏଲ୍

(ଶନିବାର ମ୍ୟାଚ୍)

**କୋଲକାତା ନାଇଟ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଆବୁଧାବି,
**ସମୟ:** ଅପରାହ୍ଣ ୩ଟା ୩୦

**କିଙ୍ଗ୍ସ ଇଲେଭେନ ପଞ୍ଜାବ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ**
**ସ୍ଥାନ:** ଦୁବାଇ,
**ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ହସ୍ପିଟାଲରୁ ଛାଡ଼ ପାଇଲେ ପାରା-ତୀରନ୍ଦାଜ ଅଙ୍କିତ

ସୋନେପତ୍, ୨୩।୧୦ (ପି.ଟି.)

କୋଭିଡ୍ ଟେଷ୍ଟରେ ପଜିଟିଭ ହୋଇଥିବା ପାରା-ତୀରନ୍ଦାଜ ଅଙ୍କିତ ହସ୍ପିଟାଲରୁ ମୁକ୍ତି ଲାଭ କରିଛନ୍ତି। ତେବେ ସେ ୧୦ ଦିନ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ସ୍ଥାନୀୟ ସାଇ ନର୍ଦନ ରିଜିଓନାଲ ସେଣ୍ଟରରେ ଏକ ଜାତୀୟ କ୍ୟାମ୍ପବେଳେ ହୋଇଥିବା ଟେଷ୍ଟରେ ପଜିଟିଭ ପରେ ଅକ୍ଟୋବର ୧୪ରେ ଅଙ୍କିତଙ୍କୁ ଭଗବାନ ଦାସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଙ୍କିତଙ୍କୁ ତାଙ୍କ ପରିବାର ଆସି ହସ୍ପିଟାଲରୁ ନେଇ ଯାଇଛନ୍ତି। ଅଙ୍କିତ ନେଗେଟିଭ୍ କୋଭିଡ୍-୧୯ ଆର୍‌ଟି-ପିସିଆର୍ ରିପୋର୍ଟ ଦାଖଲ କରିବା ପରେ ଅକ୍ଟୋବର ୫ରେ ଆରମ୍ଭ ହୋଇଥିବା ଜାତୀୟ କ୍ୟାମ୍ପରେ ଯୋଗଦେଇଥିଲେ। ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଅନୁସାରେ ଅକ୍ଟୋବର ୧୨ରେ ତାଙ୍କ ନିକଟରୁ ଆଉ ଥରେ ସାମ୍ପଲ ନିଆଯାଇଥିଲା ଏବଂ ଫଳାଫଳ ପଜିଟିଭ ଆସିଥିଲା। ସୂଚନାଯୋଗ୍ୟ, ‘ଖେଲୋ ଇଣ୍ଡିଆ ଫିଟ୍ ସେ’ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ସାଇ ଟୋକିଓ ଅଲିମ୍ପିକ୍ସରେ ଭାଗନେବାକୁ ଥିବା ପାରା-ଆଥଲେଟ୍ସ ଓ ଆଥଲେଟ୍ସମାନଙ୍କ ଟ୍ରେନିଂ ଆରମ୍ଭ କରିଥିଲା। ଏହା ଅକ୍ଟୋବର ୫ରୁ ପର୍ଯ୍ୟାୟକ୍ରମେ ସମଗ୍ର ଦେଶରେ ରହିଥିବା ଏହାର ବିଭିନ୍ନ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଚାଲୁ ରହିଛି।

# ଭାଲଟେରି ବୋଟାସ ଦ୍ରୁତତମ

ପୋର୍ଟିମାଓ (ପର୍ତ୍ତୁଗାଲ୍), ୨୩।୧୦ (ଏପି)

ପର୍ତ୍ତୁଗିଜ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପାଇଁ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ପ୍ରାକ୍ଟିସ ସେସନରେ ମର୍ସିଡିଜ୍ ଡ୍ରାଇଭର ଭାଲଟେରି ବୋଟାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ତାଙ୍କ ଟିମ୍‌ମେଟ୍ ଲୁଇସ୍ ହାମିଲଟନଙ୍କଠାରୁ .୩୪ ସେକେଣ୍ଡ ଏବଂ ରେଡ୍‌ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ .୭୮ ଦ୍ରୁତତମ ରହିଥିଲେ। ଫେରାରି ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍ ଚତୁର୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଦୁଇସପ୍ତାହ ପୂର୍ବେ ଜର୍ମାନୀରେ ଅନୁଷ୍ଠିତ ଇଫେଲ୍ ଗ୍ରାଁ ପ୍ରିରେ ଫର୍ମୁଲା ୱାନ୍‌ରେ ମାଇକେଲ ସୁମାକରଙ୍କ ୯୧ ବିଜୟ ରେକର୍ଡର ସମକକ୍ଷ ହୋଇଛନ୍ତି ହାମିଲଟନ୍। ଚାମ୍ପିୟନଶିପ୍ ଟେବୁଲ୍‌ର ପ୍ରଥମ ସ୍ଥାନରେ ତାଙ୍କ ସ୍ଥିତିକୁ ସେ ସୁଦୃଢ ରଖିଛନ୍ତି। ପୋର୍ଟିମାଓର ୪.୬୫ କିଲୋମିଟର (୨.୯ମାଇଲ) ବିଶିଷ୍ଟ ସର୍କିଟରେ ଓଭରଟେକ୍ କରିବା କଷ୍ଟକର। ଏଠାରେ ପୂର୍ବରୁ କେବଳ ୨୦୦୮ରେ ପ୍ରି-ସିଜନ ଟେଷ୍ଟିଂ ହୋଇଥିଲା, କିନ୍ତୁ କେବେ ଫର୍ମୁଲା ୱାନ ରେସ୍ ହୋଇ ନ ଥିଲା। କରୋନା ଭାଇରସ୍‌ଦ୍ୱାରା ବାଧାପ୍ରାପ୍ତ କ୍ୟାଲେଣ୍ଡରରେ ଗତ ମାସରେ ଟସ୍କାନ ଗ୍ରାଁ ପ୍ରି ପରେ ଏହା ଦ୍ୱିତୀୟ ନୂଆ ରେସ୍।

# ପଞ୍ଜାବ-ହାଇଦ୍ରାବାଦ ମୁକାବିଲା

**ଦୁବାଇ,୨୩।୧୦(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୪୩ତମ ମୁକାବିଲାରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ସ୍ଥାନୀୟ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଶନିବାର ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏହି ଦୁଇ ଦଳ ପାଇଁ ସମାନ ଭାବେ ଗୁରୁତ୍ୱ ବହନ କରୁଛି। କାରଣ ଉଭୟ ଦଳ ସମାନ ୮ ପଏଣ୍ଟ ହାସଲ କରିଛନ୍ତି। ଦୁଇ ଦଳ ପ୍ଲେ- ଅଫ୍ ଦୌଡ଼ରେ ସ୍ଥିତି ବଜାୟ ରଖିବାକୁ ଅସ୍ଥିତ୍ୱର ଲଢେଇରେ ମୁହାଁମୁହିଁ ହେବେ। ଦୁଇ ଦଳ ଏବେ ନିଶ୍ଚିତ ବିଜୟ ହାସଲ ପରସ୍ଥିତିର ସମ୍ମୁଖୀନ ହେବେ।

ହାଇଦ୍ରାବାଦ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୬ ପରାଜୟ ସହ ୮ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ସେହିପରି ରାଜସ୍ଥାନ ୧୧ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୭ ପରାଜୟ ସହ ୮ ପଏଣ୍ଟ ହାସଲ କରି ରନ୍ ରେଟ୍‌ରେ ପଛକୁ ରହି ସପ୍ତମ ସ୍ଥାନରେ ରହିଛି। ପ୍ଲେ- ଅଫ୍‌ରେ ସ୍ଥାନ ହାସଲ ପାଇଁ ଦୁଇ ଦଳକୁ ଏବେ ସେମାନଙ୍କ ବାକି ମ୍ୟାଚ୍‌ଗୁଡିକରେ ବିଜୟୀ ହେବା ଜରୁରୀ ହୋଇପଡିଛି। ଫଳରେ ଉଭୟ ଦଳ ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି।

ମନ୍ଥର ଆରମ୍ଭ କରିଥିଲେ ମଧ୍ୟ ପଞ୍ଜାବ ପରେ ଭଲ ପ୍ରଦର୍ଶନ କରିଛି। ହ୍ୟାଟ୍ରିକ୍ ବିଜୟ ସହ ପଞ୍ଜାବ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଭଳି ଶକ୍ତିଶାଳୀ ଦଳକୁ ହରାଇବାରେ ସକ୍ଷମ ହୋଇଛି ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ପଞ୍ଜାବ। ଏହି ମୁମେଣ୍ଟମ ବଜାୟ ରଖିବାକୁ ପ୍ରୟାସ କରିବ ପଞ୍ଜାବ। ରାହୁଲ, ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ନିକୋଲାସ ପୁରନଙ୍କୁ ନେଇ ପଞ୍ଜାବ ବ୍ୟାଟିଂ ଲାଇନ୍ ବେଶ୍ ଶକ୍ତିଶାଳୀ ମନେ ହେଉଛି। ରାହୁଲ (୫୪୦) ଓ ଅଗ୍ରୱାଲ (୩୯୮) ରନ ସଂଗ୍ରହ କରି ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଗେଲ୍‌ଙ୍କ ସଫଳ ପ୍ରତ୍ୟାବର୍ତ୍ତନ ଦଳର ପ୍ରଦର୍ଶନ ଭଲ ହୋଇପାରିଛି। ଜିମ୍ମି ନିଶାମ ସାମିଲ ହେବା ପରେ ପଞ୍ଜାବର ବ୍ୟାଟିଂ ଓ ବୋଲିଂର ଗଭୀରତା ବଢିଛି। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ମଧ୍ୟ ନିଜ ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇଛନ୍ତି।

ଅନ୍ୟପଟେ ପ୍ଲେ- ଅଫ୍‌ରେ ସ୍ଥାନ ହାସଲ ପାଇଁ ହାଇଦ୍ରାବାଦକୁ ତା’ର ବାକି ୪ଟି ମ୍ୟାଚ୍ ଜିତିବାକୁ ହେବ। କ୍ରମାଗତ ୩ଟି ମ୍ୟାଚ୍‌ର ପରାଜୟ ପରେ ହାଇଦ୍ରାବାଦ ୮ ଉଇକେଟରେ ରାଜସ୍ଥାନକୁ ପରାସ୍ତ କରି ଆତ୍ମବିଶ୍ୱାସ ଫେରିପାଇଛି। ଗତ ମ୍ୟାଚ୍‌ରେ ମନୀଷ ପାଣ୍ଡେ (୮୩) ଓ ବିଜୟ ଶଙ୍କର (୫୨) ଅର୍ଦ୍ଧଶତକ ହାସଲ କରି ଫର୍ମକୁ ଫେରିବା ଦଳ ପାଇଁ ଏକ ବଡ଼ ଶୁଭ ଖବର। ଅଧିନାୟକ ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ। ଜାସନ ହୋଲ୍ଡର ଦଳରେ ସାମିଲ ହେବା ପରେ ହାଇଦ୍ରାବଦ୍ ବୋଲିଂରେ ସୁଧାର ଆସିଛି। ପ୍ରିୟମ ଗର୍ଗ, ଅବ୍ଦୁଲ ସମାଦ ଓ ଟି. ନଟରାଜନଙ୍କ ଭଳି ଯୁବ ଖେଳାଳି ଶ୍ରେଷ୍ଠ ପଦର୍ଶନ କରିବାର ସମୟ ଆସି ଉପନୀତ ହୋଇଛି। ଶନିବାର ଦୁଇଟି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।


ଡେଭିଡ୍ ୱାର୍ନର ଓ ଲୋକେଶ ରାହୁଲ।

# ଚେନ୍ନାଇ ଆଶା ମଉଳିଲା, ମୁମ୍ବାଇ ଶୀର୍ଷରେ

ଶାରଜା, ୨୩।୧୦

ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ ବୁମ୍‌ରାଙ୍କ ଘାତକ ବୋଲିଂ ଏବଂ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ସହଜ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ଅନ୍ୟପକ୍ଷରେ ୧୧ ମ୍ୟାଚରୁ ୮ମ ପରାଜୟ ବରଣ କରିଥିବାରୁ ଚେନ୍ନାଇ ସୁପରକିଙ୍ଗ୍ସର ପ୍ଲେ-ଅଫ୍ ଆଶା ମଉଳି ଯାଇଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଚେନ୍ନାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ମୁମ୍ବାଇ ୧୨.୨ ଓଭରରେ କୌଣସି ଉଇକେଟ ନ ହରାଇ ୧୧୬ ରନ ସଂଗ୍ରହ କରି ନେଇଥିଲା। ଫଳରେ ଲୋ ସ୍କୋରିଂ ମ୍ୟାଚରେ ମୁମ୍ବାଇ ୧୦ ଉଇକେଟରେ ବିଜୟ ହାସଲ କରିଛି। ଦୁଇ ଓପନର ଇଶାନ କିଶନ ୩୭ ବଲ୍‌ରୁ ୬୮(୬ ଚୌକା, ୫ ଛକା) ଓ କ୍ୱିଣ୍ଟନ ଡି’କକ୍ ୩୭ ବଲ୍‌ରୁ ୪୬(୫ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଏଣିକି ଚେନ୍ନାଇ ଏହାର ଅବଶିଷ୍ଟ ୩ ମ୍ୟାଚ ଜିତିଲେ ମଧ୍ୟ ସିଧା ପ୍ଲେ-ଅଫ୍‌କୁ ଯାଇ ପାରିବ ନାହିଁ। ଅନ୍ୟ ମ୍ୟାଚ ଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବ। ଚଳିତ ଲିଗ୍‌ରେ ଏହା ଦ୍ୱିତୀୟ ୧୦ ଉଇକେଟ ବିଜୟ। ପୂର୍ବରୁ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ବିପକ୍ଷରେ ଚେନ୍ନାଇ ୧୦ ଉଇକେଟ୍‌ରେ ବିଜୟୀ ହୋଇଥିଲା।

ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଇଣ୍ଡିଆନ୍ସର କାମଚଳା ଅଧିନାୟକ କିରନ ପୋଲାର୍ଡ। ତାଙ୍କ ନିଷ୍ପତ୍ତି ଉଚିତ ସାବ୍ୟସ୍ତ ହୋଇଥିଲା। ମୁମ୍ବାଇର ଦୁଇ ମୁଖ୍ୟ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ ବୁମ୍‌ରା ଘାତକ ବୋଲିଂ କରି ଚେନ୍ନାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଚେନ୍ନାଇ ୩ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। କେଦାର ଯାଦବ, ପୀୟୂଷ ଚାୱ୍ଲା ଓ ଶେନ ୱାଟସନଙ୍କ ସ୍ଥାନରେ ଋତୁରାଜ ଗାଏକ୍ୱାଡ, ଏନ. ଜଗଦୀଶନ ଓ ଇମ୍ରାନ ତାହିରଙ୍କୁ ଖେଳାଇଥିଲା। ବୋଲ୍ଟ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ଗାଏକ୍ୱାଡ(୦)ଙ୍କୁ ଆଉଟ କରିଥିବାବେଳେ ବୁମ୍‌ରା ନିଜ ପ୍ରଥମ ଓଭରର ୪ର୍ଥ ଓ ୫ମ ବଲ୍‌ରେ ଯଥାକ୍ରମେ ଅମ୍ବାତି ରାୟୁଡୁ(୨) ଓ ଜଗଦୀଶନ(୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। କେବଳ ସେତିକି ନୁହେଁ ବୋଲ୍ଟ ନିଜ ଦ୍ୱିତୀୟ ଓଭରରେ ଫାଫ୍ ଡୁ’ପ୍ଲେସି(୧) ଓ ତୃତୀୟ ଓଭରରେ ରବୀନ୍ଦ୍ର ଜାଡେଜା(୭)ଙ୍କୁ ଆଉଟ କରି ଚେନ୍ନାଇର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସତର୍କତାର ସହ ଖେଳିଥିଲେ ହେଁ ୧୬ ବଲ୍‌ରୁ ୧୬(୨ ଚୌକା, ୧ ଛକା) ରନ କରିଥିବାବେଳେ ରାହୁଲ ଚହରଙ୍କ ଶିକାର ହୋଇଥିଲେ। ଟେଲ୍ ଏଣ୍ଡର ଦୀପକ ଚହର(୦) ଓ ଶାର୍ଦ୍ଦୁଳ ଠାକୁର(୧୧) ମଧ୍ୟ ମୁମ୍ବାଇ ବୋଲରଙ୍କୁ ଖେଳିବାରେ ବିଫଳ ହୋଇଥିଲେ। ୪୩ ରନରେ ଚେନ୍ନାଇ ୭ ଉଇକେଟ ହରାଇଥିଲା। ତେବେ ୭ ନମ୍ବର ସ୍ଥାନରେ ଆସିଥିବା ସାମ୍ କୁରାନ ସାହସର ସହ ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରି ଦଳ ପକ୍ଷରୁ ସର୍ବାଧିକ ୫୨(୪୭ ବଲ, ୪ ଚୌକା, ୨ ଛକା) ରନ କରିବାରୁ ଚେନ୍ନାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୧୪ ରନ କରି ପାରିଥିଲା। ଇମ୍ରାନ ତାହିର ୧୩(୧୦ ବଲ, ୨ ଚୌକା) ରନରେ ଅପରାଜିତ ରହିଥିଲେ। ସାମ୍ ଓ ତାହିର ୯ମ ଉଇକେଟରେ ୪୩ ରନ ଯୋଗ କରିଥିଲେ। ଆଇପିଏଲରେ ୯ମ ଉଇକେଟ ଯୋଡ଼ିରେ ଏହା ରେକର୍ଡ ପାର୍ଟନରଶିପ୍। ମୁମ୍ବାଇ ବୋଲରଙ୍କ ମଧ୍ୟରେ ବୋଲ୍ଟ ୪ଟି, ବୁମ୍‌ରା ଓ ରାହୁଲ ଚହର ୨ଟି ଲେଖାଏ ଏବଂ ନାଥାନ କୁଲ୍ଟର-ନିଲ ଗୋଟିଏ ଉଇକେଟ ନେଇଥିଲେ।



ଶୁକ୍ରବାର ଚେନ୍ନାଇ ସୁପର୍‌କିଙ୍ଗ୍ସ ବିପକ୍ଷରେ ଘାତକ ବୋଲିଂ କରିଥିବା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରେଣ୍ଟ ବୋଲ୍ଟ ଓ ଯଶପ୍ରୀତ୍ ବୁମ୍‌ରା।

### ରୋହିତ ଆହତ

ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହତ ଶର୍ମା ଏହି ମ୍ୟାଚରେ ଖେଳିପାରି ନାହାନ୍ତି। ତାଙ୍କ ସ୍ଥାନରେ କିରନ ପୋଲାର୍ଡ ଦଳର ନେତୃତ୍ୱ ନେଇଥିଲେ। ଗତ ରବିବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ ସମୟରେ ରୋହିତ ଆହତ ହୋଇଥିଲେ। ଆହତାବସ୍ଥା ଗୁରୁତର ନ ଥିଲେ ହେଁ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ତାଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୧୪/୯ (ସାମ୍ କୁରାନ-୫୨, ବୋଲ୍ଟ-୪/୧୮, ବୁମ୍‌ରା-୨/୨୫, ରାହୁଲ ଚହର-୨/୨୨, କୁଲ୍ଟର ନିଲ୍-୧/୨୫)। ମୁମ୍ବାଇ ଇଣ୍ଡିଆନ୍ସ ୧୨.୨ ଓଭରରେ ୧୧୬/୦(କିଶନ-୬୮*, ଡି’କକ୍-୪୬*)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୭ | ୩ | ୧୪ | +୧.୪୪୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୭ | ୩ | ୧୪ | +୦.୭୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୭ | ୩ | ୧୪ | +୦.୧୮୨ |
| ନାଇଟ ରାଇଡର୍ସ | ୧୦ | ୫ | ୫ | ୧୦ | -୦.୮୨୮ |
| ସନ୍‌ରାଇଜର୍ସ | ୧୦ | ୪ | ୬ | ୮ | +୦.୦୯୨ |
| କିଙ୍ଗ୍ସ ଇଲେଭେନ | ୧୦ | ୪ | ୬ | ୮ | -୦.୧୭୭ |
| ରାଜସ୍ଥାନ ରୟାଲ୍ସ | ୧୧ | ୪ | ୭ | ୮ | -୦.୬୨୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୧ | ୩ | ୮ | ୬ | -୦.୭୩୩ |

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ଅକ୍ଟୋବର ୨୪/୨୦୨୦ Berhampur, Saturday, October 24/ 2020

# କପିଳ ଦେବଙ୍କୁ ହୃଦ୍‌ଘାତ

**ନୂଆଦିଲ୍ଲୀ, ୨୩।୧୦ (ପି.ଟି.):** ଭାରତର ପ୍ରଥମ ବିଶ୍ୱକପ୍ ବିଜୟୀ କ୍ରିକେଟ ଅଧିନାୟକ କପିଳ ଦେବଙ୍କୁ ହୃଦ୍‌ଘାତ ହୋଇଛି। ଶୁକ୍ରବାର ଏଠାରେ ତାଙ୍କର ଆଞ୍ଜିଓପ୍ଲାଷ୍ଟି କରାଯାଇଛି। ଦୁଇ ଦିନ ମଧ୍ୟରେ ସେ ହସ୍ପିଟାଲରୁ ଛାଡ଼ ପାଇବେ ବୋଲି ଡାକ୍ତର ଆଶା କରୁଛନ୍ତି। ୬୧ ବର୍ଷୀୟ କପିଳ ଦେବ ଦିଲ୍ଲୀର ସୁନ୍ଦର ନଗର ଅଞ୍ଚଳରେ ବାସ କରୁଛନ୍ତି। ଗୁରୁବାର ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ଓଖଲାସ୍ଥିତ ଫୋର୍ଟିସ ଏସ୍କର୍ଟ୍ସ ହାର୍ଟ ଇନଷ୍ଟିଚ୍ୟୁଟ୍‌ ଏମରଜେନ୍ସି ଡିପାର୍ଟମେଣ୍ଟକୁ ନିଆଯାଇଥିଲା। କପିଳ ବର୍ତ୍ତମାନ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଡାକ୍ତର ଅତୁଲ୍ ମାଥୁର ଏବଂ ତାଙ୍କ ଟିମ୍ ଚିକିତ୍ସା ଦାୟିତ୍ୱରେ ଅଛନ୍ତି। ଆଞ୍ଜିଓପ୍ଲାଷ୍ଟି ଅସ୍ତ୍ରୋପଚାର ଦ୍ୱାରା ହାର୍ଟରେ ରକ୍ତ ପ୍ରବାହକୁ ସ୍ୱାଭାବିକ କରାଯାଇଥାଏ।

ଆଇକନିକ୍ କ୍ରିକେଟରଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଉନ୍ନତି ଘଟୁଥିବା ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ସଭାପତି ତଥା କପିଳ ଦେବଙ୍କ ଅନ୍ୟତମ ବନ୍ଧୁ ଅଶୋକ ମାଲହୋତ୍ରା ପ୍ରକାଶ କରିଛନ୍ତି। କପିଳଙ୍କ ସ୍ତ୍ରୀ ରୋମିଙ୍କଠାରୁ ସେ ଏକଥା ଜାଣିବାକୁ ପାଇଛନ୍ତି। ୧୯୮୩ ବିଶ୍ୱକପ୍ ବିଜୟୀ କିମ୍ବଦନ୍ତୀ ଅଲ୍ ରାଉଣ୍ଡରଙ୍କ ଆଶୁ ଆରୋଗ୍ୟ କାମନା କରି ଟିମ୍ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏବଂ କ୍ରିକେଟ ଆଇକନ୍



## ଆଞ୍ଜିଓପ୍ଲାଷ୍ଟି ଅସ୍ତ୍ରୋପଚାର

ସଚିନ ତେନ୍ଦୁଲକରଙ୍କ ସମେତ ଆହୁରି ଅନେକ ସୋସିଆଲ ମିଡିଆରେ ବାର୍ତ୍ତାମାନ ପଠାଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଭାରତୀୟ ବ୍ୟାଟ୍ସମ୍ୟାନ ଶିଖର ଧାୱନ, ପୂର୍ବତନ କ୍ରିକେଟର ଯୁବରାଜ ସିଂ, ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ, କପିଳଙ୍କ ପୂର୍ବତନ ଟିମ୍‌ମେଟ୍ ମଦନ ଲାଲ ଓ କୀର୍ତ୍ତି ଆଜାଦ। ଭାରତର ମହାନ କ୍ରିକେଟରମାନଙ୍କ ମଧ୍ୟରେ କପିଳ ଦେବ ହେଉଛନ୍ତି ଅନ୍ୟତମ। କପିଳ ଦେବ ତାଙ୍କ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ସଂକ୍ଷିପ୍ତ ବିବୃତି ରଖିଛନ୍ତି। ଯେଉଁମାନେ ତାଙ୍କ ପ୍ରତି ସ୍ନେହ ଓ ସହାନୁଭୂତି ପ୍ରଦାନ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଶୁ ଆରୋଗ୍ୟ କାମନା କରି ଏତେ ସଂଖ୍ୟାରେ ବର୍ତ୍ତାଦେଖି ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି। କପିଳ ଦେବ ତାଙ୍କ କ୍ୟାରିୟରରେ ୧୩୧ ଟେଷ୍ଟ ଏବଂ ୨୨୫ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହା କପିଳ ଦେବଙ୍କୁ ଜଣେ ଯୋଦ୍ଧା ବୋଲି କହିଛନ୍ତି। ଏହି ଯୁଦ୍ଧରେ ମଧ୍ୟ ସେ ବିଜୟ ଲାଭ କରିବେ ବୋଲି କହିଛନ୍ତି। କପିଳ ଦେବ ହେଉଛନ୍ତି ଏକମାତ୍ର ଖେଳାଳି, ଯିଏକି ଟେଷ୍ଟରେ ୪୦୦ରୁ ଅଧିକ ଉଇକେଟ (୪୩୪) ଅକ୍ତିଆର କରିବା ସହ ୫୦୦୦ରୁ ଅଧିକ ରନ ସଂଗ୍ରହ କରିଛନ୍ତି। ସେ ଆହୁରି ମଧ୍ୟ ୧୯୯୯ରୁ ୨୦୦୦ ପର୍ଯ୍ୟନ୍ତ ଭାରତର ଜାତୀୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୧୦ରେ ତାଙ୍କ ନାମ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିଲା। କପିଳ 'ହରିୟାଣା ହରିକେନ୍' ନାମରେ ପରିଚିତ ଥିଲେ। ଇଣ୍ଡିଆନ ଟେରିଟୋରିଆଲ ଆର୍ମିରେ ତାଙ୍କୁ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ସମ୍ମାନିତ କରାଯାଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ